

▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-86 ◆FRIDAY ◆19 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୬ ◆ଶୁକ୍ରବାର ◆୧୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଗାଁ ଧୋଇନେଲା ବାଦଲଫଟା ବର୍ଷା

### ୧୦ ନିଖୋଜ, ମସୁରୀରେ ଫସିଛନ୍ତି ୨୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

**ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ**



■ **ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି):** ଦେଶରୁ ମୌସୁମୀରେ ଲେଉଟାଣି ଆରମ୍ଭ ହୋଇଥିବା ବେଳେ ଉତ୍ତରାଖଣ୍ଡରେ ଦ୍ୱିତୀୟ ଦିନ ପାଇଁ ବାଦଲଫଟା ବର୍ଷା ହୋଇଛି। ଗତକାଲି ରାତିରେ ଚାମୋଲୀ ଜିଲ୍ଲାର ନନ୍ଦାନଗର ଘାଟିରେ ହୋଇଥିବା ବାଦଲଫଟା ବର୍ଷାରେ ଗୋଟିଏ ଗାଁ ଭାସିଯାଇଥିବା ବେଳେ ନିକଟବର୍ତ୍ତୀ କୁନ୍ତ୍ରି ଲଙ୍ଗାଫଲି ୱାର୍ଡରେ ୬ଟି କୋଠାଘର ଭୁଶୁଡ଼ି ପଡ଼ିଛି। ଏଥିରେ ୧୦ ଜଣ ଲୋକ ନିଖୋଜ ହୋଇଯାଇଛନ୍ତି। ଏପର୍ଯ୍ୟନ୍ତ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଜିଲ୍ଲାର ଅନ୍ୟ ଟିମ୍ ଗୁଡିକ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତରଫରୁ ଆମ୍ବୁଲାନ୍ସ ଟିମ୍ ମଧ ପଠାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଡେରାଡୁନ ଓ ମସୁରୀକୁ ସଂଯୋଗ କରୁଥିବା ୩୫ କିମି ରାସ୍ତାରେ ଏକାଧିକ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି। ଫଳରେ ମସୁରୀରେ ୨୫୦୦ ପର୍ଯ୍ୟଟକ କ୍ରମାଗତ ତୃତୀୟ ଦିନ ପାଇଁ ଫସି ରହିଛନ୍ତି। ସେପଟେ ହିମାଚଳ ପ୍ରଦେଶରେ ମୌସୁମୀ ଜନିତ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୪୧୯ରେ ପହଞ୍ଚିଛି। ଉତ୍ତରାଖଣ୍ଡ ଓ ହିମାଚଳରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶରେ ୪୧ଟି ଜିଲ୍ଲାରେ ପୁଣି ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି। ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ମେ ୨୪ରେ କେରଳକୁ ଛୁଇଁ ଥିଲା। ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ସାରାଦେଶରେ ▸ପୃଷ୍ଠା-୭

# ପ୍ରଥମ ଦିନରୁ ବିଧାନସଭା ଗରମ

## ଅନାସ୍ଥା ଆଣିଲା କଂଗ୍ରେସ; ସମର୍ଥନ ଦେଲା ସିପିଏମ୍

■ **ଭୁବନେଶ୍ୱର, ୧୮।୯ (ସମିସ):** ଗୁରୁବାର ଆରମ୍ଭ ହୋଇଛି ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ। ପ୍ରଥମ ଦିନରୁ ହିଁ ବିଧାନସଭା ସରଗରମ ହୋଇଛି ଓ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଆଣିଛି ଅନାସ୍ଥା ପ୍ରସ୍ତାବ। ୧୫ ଜଣ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ନୋଟିସକୁ କଂଗ୍ରେସ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରଦାନ କରିଛି। ଏହି ଅନାସ୍ଥା ପ୍ରସ୍ତାବକୁ ସିପିଆଇ(ଏମ) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ ସମର୍ଥନ କରିଛନ୍ତି। ଏହାସହିତ ସମର୍ଥନ ଦେବାକୁ କଂଗ୍ରେସ ମଧ ବିଜେଡିକୁ ଅନୁରୋଧ କରିଛି। ତେବେ ଅନାସ୍ଥା ସମ୍ପର୍କରେ ବାଚସ୍ପତି କିମ୍ବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇନାହିଁ। ଅନାସ୍ଥାର ବୈଧତା ନେଇ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ନଜର ରହିଛି। କଂଗ୍ରେସର ଏହି ନିଷ୍ପତ୍ତି ରାଜ୍ୟ ରାଜନୀତିକୁ ଉଷ୍ମ କରିଥିବା ବେଳେ ବଳକା ୬ ଦିନ ଗୃହ ସରଗରମ ରହିବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ।

ଗୁରୁବାର ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକମାନେ ଅନାସ୍ଥା ପ୍ରସ୍ତାବ ନୋଟିସ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ପରେ କଂଗ୍ରେସ ବିଧାୟକ ଦଳ ନେତାଙ୍କ ନେତୃତ୍ୱରେ ବରିଷ୍ଠ ବିଧାୟକ ତାରା ବାହିନୀପତି, ସି ଏସ ରାଜନ୍ ଏକ୍କା, ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ▸ପୃଷ୍ଠା-୭

**ଗୃହରେ ଦିବଂଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି**

### ଠିକ୍ ସମୟରେ ନିଆଯିବ ଠିକ୍ ନିଷ୍ପତ୍ତି: ବିଜେଡି

■ **ଭୁବନେଶ୍ୱର, ୧୮।୯ (ସମିସ):** ସରକାରଙ୍କ ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସଙ୍ଗରେ ବିଜେଡି ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବ ବୋଲି କହିଛନ୍ତି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି ଯେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା ଶୁଣୁଛୁ। ଆଜି ଏ ସଂକ୍ରାନ୍ତରେ ସେମାନେ ନୋଟିସ ଦେଇଛନ୍ତି। ବାଚସ୍ପତି ତାହାକୁ ଗ୍ରହଣ କରିବେ କି ନାହିଁ ଏବଂ କେବେ ଏହା ଉପରେ ଆଲୋଚନା ହେବ ସେ ବିଷୟରେ ଆମେ ଅବଗତ ନାହୁଁ। ବାଚସ୍ପତି ଆଗ ଅନାସ୍ଥାକୁ ଗ୍ରହଣ କରନ୍ତୁ; ତା'ପରେ ଦଳ ଠିକ୍ ସମୟରେ ନିଷ୍ପତ୍ତି ନେବ। ଅନାସ୍ଥା ବିଷୟରେ ଏଯାଏ କୌଣସି ଆଲୋଚନା ହୋଇନାହିଁ ବୋଲି ପ୍ରସନ୍ନ କହିଛନ୍ତି।



### କ'ଣ ରହିଛି ନିୟମ

■ **ଭୁବନେଶ୍ୱର, ୧୮।୯ (ସମିସ):** କଂଗ୍ରେସ ବିଧାନସଭାରେ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। ତେବେ ସଂସଦୀୟ କାର୍ଯ୍ୟପ୍ରଣାଳୀରେ ଅନୁଭବ ରଖୁଥିବା ବିଶେଷଜ୍ଞଙ୍କ ଅନୁଯାୟୀ ଗୃହର ଅଧ୍ୟକ୍ଷ ତଥା ବାଚସ୍ପତି ଅନାସ୍ଥା ଗୃହରେ ଆଗତ ହେବ ନା ଅଗ୍ରାହ୍ୟ ହେବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ। ଯଦି ବାଚସ୍ପତି କୌଣସି କାରଣରୁ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦିଅନ୍ତି, ତାହେଲେ ପ୍ରକ୍ରିୟା ଆଗକୁ ବଢ଼ିବ ନାହିଁ। ନଚେତ୍ ଆସନ୍ତାକାଲି ବାଚସ୍ପତି ଅନାସ୍ଥା ପ୍ରସ୍ତାବ ସପକ୍ଷରେ କେତେଜଣଙ୍କର ସମର୍ଥନ ରହିଛି, ସେନେଇ ଗୃହରେ ▸ପୃଷ୍ଠା-୭

## ଭାରତ ଉପରୁ ଉଠିପାରେ ଟ୍ରମ୍ପ୍ ଟାରିଫ୍

### ୨୫% ଜୋରିମାନା ବାବଦ ଅତିରିକ୍ତ ଶୁଳ୍କ ହଟିବ

■ **ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି):** ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥିବା ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ବା ଟାରିଫ୍ ଖୁବ୍ ଶୀଘ୍ର ହଟିବ। ଏହାଛଡା ପାରସ୍ପରିକ ଶୁଳ୍କ ୧୦ରୁ ୧୫% ପର୍ଯ୍ୟନ୍ତ ହ୍ରାସ ହେବ। ସମ୍ଭବତଃ ନଭେମ୍ବର ଶେଷ ବା ଡ଼ିସେମ୍ବର ପ୍ରଥମ ସପ୍ତାହରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କହିଛନ୍ତି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ଅଗ୍ରଗତି ନେଇ ମଧ ସଙ୍କେତ ପ୍ରଦାନ କରିବା ସହ ରୁଷରୁ ତେଲ କିଣାକୁ ନେଇ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଲାଗୁ କରିଥିବା ୨୫% ଅତିରିକ୍ତ ଟାରିଫ୍ ହଟାଇବା ସଂକ୍ରାନ୍ତ ଘୋଷଣା ଶୀଘ୍ର କରିପାରେ। କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ ଏହି ସୂଚନା ପ୍ରଦାନ କରିଛନ୍ତି।

ସେ କହିଛନ୍ତି ଯେ ଆଗାମୀ ୮ରୁ ୧୦ ସପ୍ତାହ ମଧ୍ୟରେ ଆମେରିକା ଶୁଳ୍କ ସମସ୍ୟାର ସମାଧାନ ହୋଇଯିବ। ଏକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଅଗ୍ରଗତିର ସଙ୍କେତ ମିଳିଛି। ଯାହା ପ୍ରାୟ ୫୦ ବିଲିୟନ ଡଲାର ମୂଲ୍ୟର ଭାରତୀୟ ରପ୍ତାନି ଉପରେ ଚାପ ହ୍ରାସ କରିବାକୁ ସମର୍ଥ ହେବ । ଆମେରିକା ପ୍ରଥମେ ଭାରତ ଉପରେ ୨୫% ପାରସ୍ପରିକ ଶୁଳ୍କ ଲାଗୁ କରିଥିଲା; କିନ୍ତୁ ରୁଷୀୟ ତେଲ କ୍ରୟ ପ୍ରସଙ୍ଗରେ ଦଣ୍ଡ ସ୍ୱରୂପ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛି। ଫଳରେ ଭାରତ ଉପରେ ମୋଟ ଶୁଳ୍କ ୫୦%କୁ ବୃଦ୍ଧି ପାଇଛି। ବିଭିନ୍ନ ଅନ୍ତର୍ନିହିତ ସମସ୍ୟାର ସମାଧାନ ପାଇଁ ଆମେରିକା ଏବଂ ଭାରତ ସରକାରଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ଚାଲିଛି।

ଭାରତ ଉପରେ ଆମେରିକାର ୨୫% ପ୍ରତିଶୋଧମୂଳକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ଦଣ୍ଡ ସ୍ୱରୂପ ୨୫% ଶୁଳ୍କ ଯୋଗୁଁ ମୋଟ ଶୁଳ୍କ ୫୦%ରେ ପହଞ୍ଚିଛି ଏବଂ ଏହା ୮୫,୦୦୦ କୋଟି ଟଙ୍କା ମୂଲ୍ୟର ଭାରତର ରପ୍ତାନିକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ମଙ୍ଗଳବାର ଭାରତର ମୁଖ୍ୟ ବାଣିଜ୍ୟ ଆଲୋଚନାକାରୀ ତଥା ବାଣିଜ୍ୟ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ଆମେରିକାର ବାଣିଜ୍ୟ ପ୍ରତିନିଧି ବ୍ରେଣ୍ଡନ ଲିଞ୍ଚଙ୍କୁ ଭେଟିଥିଲେ। ଆମେରିକାର ପ୍ରତିନିଧିମଣ୍ଡଳ ଚଳିତମାସ ୧୬ରେ ଏକ ବାଣିଜ୍ୟ ▸ପୃଷ୍ଠା-୭

### ମୋଟର ଦୁର୍ଘଟଣା ବୀମା ଟଙ୍କା ହଡ଼ପ ପାଇଁ ଷଡ଼ଯନ୍ତ୍ର

## ୩୩ ମାମଲାର ତଦନ୍ତ କରିବ ସିବିଆଇ

■ **ଭୁବନେଶ୍ୱର, ୧୮।୯ (ସମିସ):** ରାଜ୍ୟରେ ଦିନକୁ ଦିନ ରାସ୍ତା ଦୁର୍ଘଟଣା ମାମଲା ବଢ଼ି ଚାଲିଛି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ସଡ଼କ ଦୁର୍ଘଟଣା ଘଟି ଅକାଳରେ ଲୋକଙ୍କ ଜୀବନ ଯାଉଛି। କେତେକ କ୍ଷେତ୍ରରେ ମୃତକଙ୍କ ଆତ୍ମୀୟଙ୍କୁ ରାଜ୍ୟ ସରକାର ଦୁର୍ଘଟଣା ସହାୟତା ରାଶି ଦେଉଥିବାବେଳେ ଆଉ କିଛି ବୀମାଭୁକ୍ତ ହୋଇଥିବା ଯାନ ଏବଂ ମୃତକଙ୍କ ପରିବାରକୁ କଂପାନୀ ପକ୍ଷରୁ ବୀମା ଅର୍ଥ ମିଳିଯାଉଛି। ଏଥିରୁ ଫାଇଦା ଉଠାଇବାକୁ ଯାଇ ଆଉ କିଛି ମୃତ୍ୟୁ ଘଟଣାକୁ ଦୁର୍ଘଟଣାର ରୂପ ଦିଆଯାଇ ବୀମା କଂପାନୀରୁ ଅର୍ଥ ହଡ଼ପ କରାଯାଉଥିବାର ଅଭିଯୋଗ ଉଠୁଛି। ଏକ ବୀମା କଂପାନୀର ଏମିତି କିଛି ଅଭିଯୋଗ ଉପରେ ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମାମଲା ସିବିଆଇ ତଦନ୍ତ ଚାଲୁ ରହିଥିବାବେଳେ ଏବେ ରାଜ୍ୟର ୩୦ଟି ଥାନାରେ ଥିବା ୩୩ଟି ଏମିତି ଦୁର୍ଘଟଣା ଦାବି ମାମଲାର ସିବିଆଇ ତଦନ୍ତ କରିବ। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ଆଜି ମାମଲା ରୁଜୁ କରିଛି।

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ**

**ପୁଲିସ ସହ ସାଲିସ କରି ଟଙ୍କା ଲୁଟୁଛନ୍ତି ଦଲାଲ**

ହାଇକୋର୍ଟରେ ଦାଖଲ ମାମଲାରେ କଂପାନୀ ପକ୍ଷରୁ କୁହାଯାଇଛି ଯେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ନ ହୋଇଥିଲେ ମଧ ଜାଲ୍ କାଗଜପତ୍ରରେ ଦୁର୍ଘଟଣା ହୋଇଥିବା ଦର୍ଶାଉଛନ୍ତି। ଏହି ଠକମାନଙ୍କୁ ସ୍ଥାନୀୟ ଥାନାର କିଛି କର୍ମଚାରୀ ସହଯୋଗ କରୁଛନ୍ତି। ଯାହାଫଳରେ ଦଲାଲମାନେ ଥାନାରୁ ମିଛ ଅଭିଯୋଗ ଆଧାରରେ ଏତଲା କରୁଛନ୍ତି। ଏହାଦ୍ୱାରା ସେମାନେ ଇନ୍‌ସ୍ୟୁରାନ୍ସ ଟଙ୍କାକୁ ହରିଲୁଟ୍ କରି ନେଉଛନ୍ତି। ପୁଲିସ ଜାଣିଶୁଣି ଦଲାଲ ସହ ହାତ କରି ମିଛ ଦୁର୍ଘଟଣା ମାମଲା ରୁଜୁ କରି ଇନ୍‌ସ୍ୟୁରାନ୍ସ ଟଙ୍କା ଲୁଟୁଛି।

ପୂର୍ବରୁ ମିଛ ଦୁର୍ଘଟଣାଜନିତ ମାମଲା କରାଯାଇ କେନ୍ଦୁଝର ଜିଲ୍ଲାରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନିଆଯାଇଥିବା ଜଣାପଡିଥିଲା। ଇନ୍ସ୍ୟୁରାନ୍ସ ସଂସ୍ଥାର ନିଜସ୍ୱ ଟିମ୍ ଘଟଣାର ଯାଞ୍ଚ କରିବା ପରେ ଏନେଇ ହାଇକୋର୍ଟରେ ସିବିଆଇ ତଦନ୍ତ ପାଇଁ ୨୦୨୩ରେ ଆବେଦନ କରିଥିଲା। ଅଦାଲତ ଏହି ପିଟିସନ୍‌କୁ ଗୁରୁତର ସହ ନେଇ ଦସ୍ତାବିଜ୍ ଯାଞ୍ଚ କରିବା ପରେ ଏଭଳି ଜାଲିଆତି ହୋଇଥିବା ଜାଣାପଡ଼ିଥିଲା। ▸ପୃଷ୍ଠା-୭

## ନିଶ୍ଚେତକ ଦେବା ପରେ ଅସ୍ତ୍ରୋପଚାର ମେସିନ ଅଚଳ

### ଅଚେତ ଅବସ୍ଥାରେ ୭ ଘଣ୍ଟା ଶୋଇ ରହିଲେ ୨୭ ମହିଳା

■ **ବରଗଡ଼, ୧୮।୯ (ସମିସ):** ନିଶ୍ଚେତକ ଦେବା ପରେ ଅଚଳ ହୋଇଗଲା ଅସ୍ତ୍ରୋପଚାର ମେସିନ୍। ଜଣେ କି ଦୁଇଜଣ ନୁହେଁ, ସମୁଦାୟ ୨୭ଜଣ ମହିଳା ସେମିତି ୭ ଘଣ୍ଟା ଧରି ବେଡ୍ ଉପରେ ଅଚେତ ଅବସ୍ଥାରେ ପଡ଼ି ରହିଲେ। ଏପଟେ ଭୟ, ଆଶଙ୍କା ମଧ୍ୟରେ ସେମାନଙ୍କ ପରିବା ରଲୋକ ଘାଣ୍ଟି ଚକଟି ହେଲେ। ବିଭିନ୍ନ ସମୟରେ ବିବାଦରେ ରହିଆସୁଥିବା ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆଜି ପୁଣି ଏମିତି ଏକ ସାଂଘାତିକ ଅଭିଯୋଗ ଆସିଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଜିଲ୍ଲାର ସ୍ୱାସ୍ଥ୍ୟସେବା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି।



ସୂଚନାନୁଯାୟୀ, ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପାଇଁ ଇଚ୍ଛୁକ ଥିବା ପ୍ରାୟ ୩୦ ମହିଳା ଆଶାଦିଦିମାନଙ୍କ ମାଧ୍ୟମରେ ଆଜି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ସବୁ କିଛି ଠିକଠାକ୍ ଚାଲିଥିଲା। ଡାକ୍ତର ମଧ ଠିକ୍ ସମୟରେ ପହଞ୍ଚି ଅସ୍ତ୍ରୋପଚାର ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ। ସମସ୍ତଙ୍କୁ ପ୍ରଥମେ ଆନେସ୍ଥିସିଆ ଦିଆଯିବା ପରେ ଜଣଜଣ କରି ଅସ୍ତ୍ରୋପଚାର ଆରମ୍ଭ କରାଯାଇଥିଲା। ମାତ୍ର, ୩ଜଣଙ୍କ ଅସ୍ତ୍ରୋପଚାର ସାରି ଚତୁର୍ଥ ବେଳକୁ ମେସିନ୍ ଅଚଳ ହୋଇଗଲା। ଏହା ଦେଖି ଅସ୍ତ୍ରୋପଚାର କରୁଥିବା ଡାକ୍ତରଜଣଙ୍କ ଘାବରେଇ ଯାଇଥିଲେ। ତରବରିଆ ଭାବେ ସେ ଅସ୍ତ୍ରୋପଚାର କକ୍ଷରୁ ବାହାରି ଚାଲିଯାଇଥିଲେ। ବାହାରେ ଅପେକ୍ଷା କରିଥିବା ମହିଳାଙ୍କ ସମ୍ପର୍କୀୟ କିଛି କହିବା ପୂର୍ବରୁ ଡାକ୍ତର ନିଜଆଡୁ କହିଥିଲେ ଯେ ମେସିନ ଅଚଳ ହୋଇଯାଇଛି ଏବଂ ଏବେ ଆଉ ଅସ୍ତ୍ରୋପଚାର ହୋଇପାରିବ ନାହିଁ। ଆପଣମାନେ ଆପଣଙ୍କ ସଂପର୍କୀୟଙ୍କୁ ଅନ୍ୟତ୍ର ନେଇଯାଆନ୍ତୁ, ନ ହେଲେ ଅନ୍ୟ ଦିନ ଆଣିବେ। ସେମାନେ ଭିତରକୁ ଯାଇ ଦେଖିବା ବେଳକୁ ୱାର୍ଡ ଭିତରେ ଗୋଟେଗୋଟେ ବେଡ୍‌ରେ ଦୁଇରୁ ତିନିଜଣ ମହିଳା ଅଚେତ ଅବସ୍ଥାରେ ଶୋଇ ରହିଥିଲେ। ମୋଟ ୨୭ଜଣ ମହିଳା ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଏହା ଦେଖି ଅଭିଭାବକମାନଙ୍କ ▸ପୃଷ୍ଠା-୭

**କନେଷ୍ଟବଳ ଶୁଭମିତ୍ରା ହତ୍ୟା ଘଟଣା**

## ସିପି ଅଫିସରେ ଥିଲା ମୃତଦେହ

■ **ଭୁବନେଶ୍ୱର, ୧୮।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ହତ୍ୟା ଘଟଣାର ପର୍ଦ୍ଦାଫାସ ହେବା ପରେ ଗୋଟିଏ ପରେ ଗୋଟିଏ ତଥ୍ୟ ସାମ୍ନାକୁ ଆସୁଛି। ଗତକାଲି କେନ୍ଦୁଝର ଜିଲ୍ଲା ଘଟଗାଁ ଅଞ୍ଚଳରୁ ଶୁଭମିତ୍ରାଙ୍କ ଗଳିତ ଶବକୁ ପୁଲିସ୍ ମାଟିତଳୁ ଉଦ୍ଧାର କରିଥିଲା। ଆଜି ବ୍ୟବଚ୍ଛେଦ ପରେ ପୁରୀରେ ଅନ୍ତିମ ସଂସ୍କାର କରାଯାଇଛି। ତେବେ ଘଟଣାର ତଦନ୍ତ ବେଳେ ପୁଲିସକୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। କମିଶନରେଟ୍ ପୁଲିସ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟ କରୁଥିବା କନେଷ୍ଟବଳ ଦୀପକ ରାଉତ ଯୋଜନାବଦ୍ଧ ଭାବେ ୬ ତାରିଖ ଦିନ ଶୁଭମିତ୍ରାଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ନିଜ କାର୍ ଡିକିରେ ପୂରାଇ ଅଫିସ୍ ଆସିଥିଲା। କିଛି ନ ଜାଣିଲା ପରି ଅଭିନୟ କରି ଅପରାହ୍ଣ ୩ଟାରୁ ୪ଟା ୧୫ମିନିଟ୍ ପର୍ଯ୍ୟନ୍ତ ପୁଲିସ ସେବା ଭବନ ପାର୍କିଂରେ କାର୍ ରଖି ଡ୍ୟୁଟି କରିଥିଲା। ଡ୍ୟୁଟି ସାରି ସେହି କାର୍ ନେଇ ଦୀପକ କେନ୍ଦୁଝର ଯାଇଥିଲା ଏବଂ ସେଠାରେ ପୂର୍ବ ଯୋଜନା ମୁତାବକ ଅନ୍ୟ ଦୁଇ ସହଯୋଗୀଙ୍କ ସହ ମିଶି ଶୁଭମିତ୍ରାଙ୍କୁ ମାଟିତଳେ ପୋତି ଦେଇଥିଲା। ବୀମା ଅର୍ଥ ହଡ଼ପ ପାଇଁ ଅଭିଯୁକ୍ତ କନେଷ୍ଟବଳ ଦୀପକ ଏଭଳି କାଣ୍ଡ ଭିଆଇଥିବା ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ଦୀପକର ପ୍ରଥମ ପତ୍ନୀଙ୍କ ପରିବାର ପକ୍ଷରୁ ଆଜି ସଙ୍ଗୀନ ଅଭିଯୋଗ ଅଣାଯାଇଛି। ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀ ରାଉତଙ୍କୁ ମଧ ବୀମା ଟଙ୍କା ହଡ଼ପ ପାଇଁ ଭିଣୋଇ ଦୀପକ ହତ୍ୟା କରିଛି ବୋଲି ଆଜି ଅପର୍ଣ୍ଣାଙ୍କ ସାନ ଭଉଣୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ପୁଲିସ ଅପର୍ଣ୍ଣାଙ୍କ 'ଦୁର୍ଘଟଣା ମୃତ୍ୟୁ' ମାମଲାକୁ ପୁଣି ଥରେ ତଦନ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ୩ବର୍ଷ ତଳୁ ଚପି ଯାଇଥିବା ଅପର୍ଣ୍ଣାଙ୍କ ମୃତ୍ୟୁର ଫାଇଲ୍ ପୁଣିଥରେ ଖୋଲିଛି। କମିସନରେଟ ପୁଲିସ ଓ କଟକ ଗ୍ରାମାଞ୍ଚଳ ପୁଲିସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି।



- ହତ୍ୟା ଅଭିଯୋଗ ଆଣିଲେ ପ୍ରଥମ ପତ୍ନୀଙ୍କ ପରିବାର
- ଖୋଲିଲା ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁ ଫାଇଲ୍
- କନେଷ୍ଟବଳ ଦୀପକ ନିଲମ୍ବିତ, ଜେଲ୍ ଗଲେ ୩

୨୦୧୮ ମସିହାରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ବିବାହ କରିଥିଲା। ୨୦୨୧ ଜୁଲାଇରେ ଅପର୍ଣ୍ଣା ଓଡ଼ାପଡ଼ା ତହସିଲ ଅଧୀନରେ ରାଜସ୍ୱ ନିରୀକ୍ଷକ ▸ପୃଷ୍ଠା-୭

### ଟ୍ରେନ୍ ଧକ୍କାରେ ଶୁଭମିତ୍ରାଙ୍କ ସମ୍ପର୍କୀୟ ମୃତ

■ **ଭୁବନେଶ୍ୱର/ନନ୍ଦନକାନନ, ୧୮।୯ (ସମିସ):** ଶୁଭମିତ୍ରାଙ୍କ ଅନ୍ତିମ ସଂସ୍କାର ସାରି ପୁରୀରୁ ଟ୍ରେନ୍‌ରେ ଫେରୁଥିବା ବେଳେ ପଟିଆ ଷ୍ଟେସନରେ ତାଙ୍କର ଜଣେ ସଂପର୍କୀୟଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ବୋଲଗଡ଼ ଅଞ୍ଚଳର ଅନ୍ନପୂର୍ଣ୍ଣା ପଟ୍ଟନାୟକ। ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ପଟ୍ଟନାୟକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରଫୁଲ୍ଲ ଜଣେ ଟେଣ୍ଟହାଉସ୍ ବ୍ୟବସାୟୀ। ସେ କଟକରେ ରହନ୍ତି। ଭୁବନେଶ୍ୱର ପଟିଆରେ ବିଶ୍ୱକର୍ମା ପୂଜା ପାଇଁ ଟେଣ୍ଟ କାମ ଚାଲିଥିଲା। ଶୁଭମିତ୍ରାଙ୍କ ମୃତ୍ୟୁ ଖବର ପାଇ ଭାଙ୍ଗିପଡ଼ିଥିଲେ ଅନ୍ନପୂର୍ଣ୍ଣା ଏବଂ ପ୍ରଫୁଲ୍ଲ। ପୁରୀରେ ଶୁଭମିତ୍ରାଙ୍କ ମୃତଦେହ ସତ୍କାର ହେବା ଖବର ପାଇ ସେମାନେ ସକାଳୁ ପଟିଆ ଷ୍ଟେସନରୁ ଟ୍ରେନ୍‌ରେ ପୁରୀ ଯାଇଥିଲେ। ସେଠାରେ ଶୁଭମିତ୍ରାଙ୍କ ଶେଷକୃତ୍ୟ ସାରି ପୁରୀ-ତାଳଚେର ମେମୋ ଟ୍ରେନ୍‌ରେ ଭୁବନେଶ୍ୱର ଫେରିଥିଲେ। ସନ୍ଧ୍ୟାରେ ପଟିଆ ଷ୍ଟେସନରେ ଓହ୍ଲାଇବା ପରେ ଦୁହେଁ ଆରପଟ ପ୍ଲାଟଫର୍ମକୁ ଯିବା ପାଇଁ ଧାରଣା ପାର୍ ହେଉଥିବା ବେଳେ ଗୋଟିଏ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା।

# ବିବାହ କରିବାକୁ ଭାରତ ଆସିଥିବା ୭୧ ବର୍ଷୀୟା ମହିଳାଙ୍କୁ ହତ୍ୟା



ନୂଆଦିଲ୍ଲୀ, ୧୮ ।୯ (ଏଜେନ୍ସି): ବିବାହ କରିବାକୁ ଭାରତ ଆସିଥିବା ଜଣେ ୭୧ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ରପିନ୍ଦର କୌର ପନ୍ଧେରଙ୍କୁ ପଞ୍ଜାବର ଲୁଧିଆନାରେ ନିର୍ମମ ଭାବେ ହତ୍ୟା କରାଯାଇଛି । ସେ ବ୍ରିଟେନରେ ରହୁଥିବା ଜଣେ ୭୫ ବର୍ଷୀୟ ପ୍ରବାସୀ ଭାରତୀୟ ବ୍ୟବସାୟୀ ଚରଣଜିତ ସିଂ ଗ୍ରେୱାଲଙ୍କୁ ବିବାହ କରିବାକୁ ଆସିଥିଲେ । କିନ୍ତୁ ତାଙ୍କୁ ଏହି ବ୍ୟବସାୟୀ ଜଣକ ପୋଡି ମାରିଛନ୍ତି ବୋଲି ପୁଲିସ କହିଛି । ଏହି ଘଟଣା ଜୁଲାଇରେ ଘଟିଥିଲେ ମଧ୍ୟ ଏବେ ସାମ୍ନାକୁ ଆସିଛି । ଲୁଧିଆନା ପୁଲିସ ଜଣେ ମହିଳା ନିଖୋଜ ହେବା ନେଇ ମାମଲା ରୁଜୁ କରିବା ପରେ ଅଭିଯୁକ୍ତ ନାମ ଉଲ୍ଲେଖ କରିବା ପରେ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଅର୍ଥ ହିଁ ଏହି ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ପୁଲିସ ଜାଣିବାକୁ ପାଇଛି । ୨୦୧୪ରେ ଆମ ଆଦମୀ ପାର୍ଟି (ଆପ୍)ର ପ୍ରଚାର ଅବସରରେ ଦୁହେଁ ପରସ୍ପର ସହ ପରିଚିତ ହୋଇଥିଲେ । ରପିନ୍ଦର ଲୁଧିଆନା ଆସିଲେ ଚରଣଜିତଙ୍କ ଘରେ ରହୁଥିଲେ ।

ଅଭିଯୁକ୍ତ ଚରଣଜିତ ହିଁ ରପିନ୍ଦରଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ କରିଥିଲେ । ଚରଣଜିତ ମୂଳତଃ ଲୁଧିଆନାର ହୋଇଥିଲେ ମଧ୍ୟ ଇଂଲଣ୍ଡରେ ରହି ଜଣେ ପ୍ରବାସୀ ଭାରତୀୟ ଭାବେ ବ୍ୟବସାୟ କରୁଥିଲେ । ଚରଣଜିତ ତାଙ୍କୁ ବିବାହ କରିଥାନ୍ତେ ଓ ସେ ହିଁ ରପିନ୍ଦରଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି । ଜୁଲାଇ ୨୪ରୁ ରପିନ୍ଦରଙ୍କ ମୋବାଇଲ ବନ୍ଦ ରହିବା ଫଳରେ ତାଙ୍କ ଭଉଣୀ କମଲ କୌର ଖଇରାଙ୍କ ସନ୍ଦେହ ହୋଇଥିଲା । ଜୁଲାଇ ୨୮ ରେ କମଲ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସକୁ ଏନେଇ ଅବଗତ କରାଇଥିଲେ । ଏହାପରେ ଦୂତାବାସ ସ୍ଥାନୀୟ ପୁଲିସକୁ ଏ ମାମଲା ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗତ ସପ୍ତାହରେ ହିଁ ରପିନ୍ଦରଙ୍କ ପରିବାର ତାଙ୍କ ମୃତ୍ୟୁ ନେଇ ଜାଣିବାକୁ ପାଇଥିଲେ । ଏହି ମାମଲାରେ ପୁଲିସ ସୁଖଜିତ ସିଂ ସୋନୁଙ୍କୁ ଗିରଫ କରିଛି । ଚରଣଜିତଙ୍କ ନିର୍ଦ୍ଦେଶରେ ସେ ଏହି ହତ୍ୟା କରିଛି ବୋଲି ସ୍ୱୀକାର କରିଛି । ରପିନ୍ଦରଙ୍କୁ ହତ୍ୟାକରିବା ପାଇଁ ସୋନୁଙ୍କୁ ୫୦ ଲକ୍ଷ ଟଙ୍କା ଦେବାକୁ ଚରଣଜିତ ପ୍ରତିଶ୍ରୁତି ଦେଇଥିଲେ । ସୋନୁ ରପିନ୍ଦରଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଜାଳି ଦେଇଥିଲା । ଅର୍ଥ ପାଇଁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପୁଲିସ ସ୍ପଷ୍ଟ କରିଛି । ରପିନ୍ଦର ଭାରତ ଆସିବା ପୂର୍ବରୁ ଚରଣଜିତଙ୍କ ଏକାଉଣ୍ଟକୁ ବହୁ ପରିମାଣରେ ଅର୍ଥ ପଠାଇଥିଲେ । ତେଣୁ ଏହି ଅର୍ଥ ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି କୁହାଯାଇଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ । ଏବେ ପୀଡିତାଙ୍କ କଙ୍କାଳକୁ ଠାବ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି ।

### ରାହୁଲଙ୍କ ଆଉ ଏକ 'ଭୋଟ ଚୋରି' ବିସ୍ଫୋରଣ

# ୬୦୦୦ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ

ନୂଆଦିଲ୍ଲୀ, ୧୮।୯: 'ଭୋଟ ଚୋରି'କୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଉ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଗଡ଼ କୁହାଯାଉଥିବା ନିର୍ବାଚନମଣ୍ଡଳୀଗୁଡ଼ିକରେ ଭୋଟରମାନଙ୍କ ନାମ କାଟିବା ଲାଗି ଏକ ବଡ଼ ଧରଣର ଅଭିଯାନ ଚାଲିଛି । କୌଣସି ଏକ ସ୍ଥାନରେ ରହି ଅନଲାଇନରେ ଭୋଟରଙ୍କ ନାମ କଟାଯାଉଛି ଏବଂ ଏଥିରେ ସେଣ୍ଟ୍ରାଲାଇଜ ସଫ୍ଟୱେୟାର ବ୍ୟବହାର କରାଯାଉଛି । ଯେଉଁମାନେ ଏହି ଜାଲିଆତିରେ କାମରେ ମାତିଛନ୍ତି, ସେମାନଙ୍କୁ ନିର୍ବାଚନ କମିସନ ସୁରକ୍ଷା ଦେଉଛନ୍ତି । କର୍ଣ୍ଣାଟକର ଏକ ନିର୍ବାଚମଣ୍ଡଳୀର ଉଦାହରଣ ଦେଇ ସେ କହିଛନ୍ତି ଯେ ୨୦୨୩ରେ ଆଲନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ ଜାଲ ଆବେଦନ ଜରିଆରେ ସଫ୍ଟୱେୟାରର ଦୁରୁପଯୋଗ କରି ୬ ହଜାରରୁ ଅଧିକ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଛି । ତେବେ ସାଧାରଣ ନାଗରିକଙ୍କ ଦ୍ୱାରା ଅନଲାଇନରେ ଭୋଟରଙ୍କ ନାମ କଟାଯିବା ସମ୍ଭବ ନୁହେଁ ବୋଲି କହି ନିର୍ବାଚନ କମିସନ ରାହୁଲଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । କମିସନ ସ୍ୱୀକାର କରିଛନ୍ତି ଯେ ଏହି ନିର୍ବାଚନମଣ୍ଡଳୀରେ ନାମ କାଟିବା ଲାଗି ଉଦ୍ୟମ ହୋଇଥିଲା ଏବଂ ଏସଂପର୍କରେ କମିସନ ତଦନ୍ତ କରୁଛନ୍ତି । ଅନ୍ୟପକ୍ଷରେ ଏଭଳି ଭୋଟ ଚୋରି ଅଭିଯୋଗକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ବିଜେପି ନେତା ଅନୁରାଗ ଠାକୁର କହିଛନ୍ତି ଯେ ସାମ୍ବିଧାନିକ ସଂସ୍ଥା ବିରୋଧରେ ଏଭଳି ଅଭିଯୋଗ ଆଣି ରାହୁଲ ଦେଶରେ ବାଂଲାଦେଶ ଓ ନେପାଳ ଭଳି ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ।

ରାହୁଲ କର୍ଣ୍ଣାଟକ ଆଲନ୍ଦ ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ କହିଲେ ଯେ ୨୦୨୩ରେ ଏହି ନିର୍ବାଚନମଣ୍ଡଳୀରେ ୬୦୧୮ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଥିଲା । କିନ୍ତୁ କେତେ ନାମ କଟିଛି, ତାହା ଜଣାପଡ଼ିନାହିଁ । ଏଭଳି ଜାଲିଆତିକୁ

**ନାମ କାଟିବା/ଯୋଡ଼ିବା ଲାଗି ରାକେଟ କାମ କରୁଛି: ରାହୁଲ**

**କର୍ଣ୍ଣାଟକରେ ଉଦ୍ୟମ ହୋଇଥିଲା, ଯାଞ୍ଚ -ଚାଲିଛି: କମିସନ**

**ରାହୁଲ ଅରାଜକତା ସୃଷ୍ଟି କରୁଛନ୍ତି: ବିଜେପି**

ଧରିଛନ୍ତି ଜଣେ ବୁଥ୍ସ୍ତରୀୟ ଅଧିକାରୀ । ସଂପୃକ୍ତ ଅଧିକାରୀଙ୍କ ଜଣେ ସଂପର୍କୀୟଙ୍କ ନାମ କେମିତି କଟିଲା, ତାହାର ଯାଞ୍ଚ କଲା ବେଳେ ସେ ଜାଣିବାକୁ ପାଇଥିଲେ ଯେ ଜଣେ ପଡ଼ୋଶୀ ଏହି ନାମ କଟାଇଛନ୍ତି । ସେ ଏହି ପଡ଼ୋଶୀଙ୍କୁ ପଚାରିବାରୁ ସେ ଏହା ଜାଣିନଥିବା କହିଥିଲେ । ତାଙ୍କ ନାମରେ ନୂଆ ଲଗ୍ ଇନ୍ କରି ଅନ୍ୟ କେହି ଭୋଟରଙ୍କ ନାମ କାଟିଥିବା ଏଥିରୁ ସ୍ପଷ୍ଟ ହୋଇଥିଲା । ରାହୁଲ କହିଲେ ଯେ ଏହି ଜାଲିଆତି କର୍ଣ୍ଣାଟକ ଭିତରେ ରହି କେହି କରୁ ନାହାନ୍ତି । ନାମ କାଟିବା ଓ ଯୋଡ଼ିବା ଲାଗି କଲ୍‌ସେଣ୍ଟର ଭଳି ସ୍ୱତନ୍ତ୍ର ଏକ ରାକେଟ କାମ କରୁଛି । ଗୋଟିଏ ଫୋନ ନମ୍ବର ବ୍ୟବହାର କରି ବିଭିନ୍ନ ରାଜ୍ୟରେ ଜାଲିଆତି କରାଯାଉଛି । ଏଥିରେ କଂଗ୍ରେସ ଏବଂ ସଂଖ୍ୟାଲଘୁ ଭୋଟରଙ୍କୁ ଟାର୍ଗେଟ କରାଯାଉଛି । ରାହୁଲ କହିଲେ ଯେ କର୍ଣ୍ଣାଟକ ସିଆଇଡି ଏ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି । ସିଆଇଡି ଗତ ୧୮ ମାସ ମଧ୍ୟରେ ନିର୍ବାଚନ କମିସନଙ୍କୁ ୧୮ ଥର ଚିଠି ଲେଖି କିଛି ତଥ୍ୟ ଲୋଡ଼ିଛି । କିନ୍ତୁ କମିସନ ଏହାର ଉତ୍ତର ଦେଉ ନାହାନ୍ତି । ଏଥରୁ ସ୍ପଷ୍ଟ ହୋଇଯାଉଛି ଯେ ଭୋଟ ଚୋରଙ୍କୁ କମିସନ ସୁରକ୍ଷା ଦେଉଛନ୍ତି ।

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ବିରୋଧୀ ଦଳ ନେତା ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ଏଥିରେ କୌଣସି ସତ୍ୟତା ନାହିଁ । ରାହୁଲଙ୍କ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ । ଅନ୍ୟପକ୍ଷରେ କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱୀକାର କରିଛନ୍ତି ଯେ ୨୦୨୩ରେ ଜାଲିଆତି କରି ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଥିଲା । ବିଭିନ୍ନ ଆପ୍ ବ୍ୟବହାର କରି ଆବେଦନ ଦାଖଲ କରାଯାଇଥିଲା । କିନ୍ତୁ ସନ୍ଦେହ ହେବାରୁ ଯାଞ୍ଚ ବେଳେ ୫୯୯୪ ଆବେଦନକୁ ଖାରଜ କରି ଦିଆଯାଇଥିଲା । ଏଭଳି ଜାଲିଆତି ସଂପର୍କରେ ପୁଲିସିରେ ଏଫଆଇଆର୍ ଦାଖଲ କରଯାଇଛି ।

# ଆକ୍ରମଣ ହେଲେ ମିଳିତ ଜବାବ ଦେବେ ପାକିସ୍ତାନ-ସାଉଦି ଆରବ

ରିୟାଦ, ୧୮ ।୯ (ଏଜେନ୍ସି): ସାଉଦି ଆରବ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ଶରିଫ୍‌ଙ୍କ ମଧ୍ୟରେ ବୁଧବାର ପ୍ରତିରକ୍ଷା ସମ୍ବନ୍ଧୀୟ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣା ଅନୁସାରେ ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ, ତାହା ଦ୍ୱିତୀୟ ଦେଶ ଉପରେ ମଧ୍ୟ ଆକ୍ରମଣ ହୋଇଛି ବୋଲି ଧରିନିଆଯିବ । ସୁରକ୍ଷା ବ୍ୟବସ୍ଥାକୁ ଦୃଢ କରିବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ଦୁଇ ଦେଶ ଯୁଗ୍ମ ଭାବେ ଘୋଷଣା କରିଛନ୍ତି । ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗରେ ଅଗ୍ରଗତି ହେବ ଓ ସାମାରିକ ଭାବେ ପରସ୍ପରକୁ ସହାୟତା ପ୍ରଦାନ କରିବେ ବୋଲି କୁହାଯାଇଛି । ଯଦି ଆବଶ୍ୟକ ପଡେ, ପାକିସ୍ତାନର ପରମାଣୁ ଅସ୍ତ୍ରର ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି । ଭାରତ ମଧ୍ୟ ଏ ନେଇ ତା'ର ପ୍ରତିକ୍ରିୟା ପ୍ରକାଶ କରିଛି । ଏ ନେଇ ଭାରତକୁ ପୂର୍ବରୁ ସୂଚନା ମିଳିଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର

**ପରମାଣୁ ଅସ୍ତ୍ରର ମଧ୍ୟ ବ୍ୟବହାର କରାଯିବ**

**ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ବୁଝାମଣା ସ୍ୱାକ୍ଷରିତ**

**ପୂର୍ବରୁ ଏ ନେଇ ଜଣାଥିଲା: ଭାରତ**

ଜୟସ୍ୱାଲ କହିଛନ୍ତି । ଏହି ବୁଝାମଣା ସ୍ୱାକ୍ଷର ହେବା ବେଳେ ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନୀର ମଧ୍ୟ ଉପସ୍ଥିତ ଥିଲେ । ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାର, ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ୍ ଓ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ସାଉଦି ଗସ୍ତ କରିଥିଲେ । କୌଣସି ଦେଶ ଓ କିମ୍ବା କୌଣସି ଖାସ୍ ଘଟଣାକୁ ଲକ୍ଷ୍ୟ କରି ଏହି ବୁଝାମଣା ହୋଇନାହିଁ । ବରଂ ଏହା ଦୁଇଦେଶ ମଧ୍ୟରେ ଦୀର୍ଘବର୍ଷ ଧରି ସହଯୋଗ ବଜାୟ ରଖିବା ପାଇଁ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ବୋଲି ଜଣେ ଅଧିକାରୀ କହିଛନ୍ତି । ଉଲ୍ଲେଖଥାଉ କି, ଇସ୍ରାଏଲ ସେପ୍ଟେମ୍ବର ୯ରେ କାତାର ରାଜଧାନୀ ଦୋହା ଉପରେ ଆକ୍ରମଣ କରିବା ପରେ ପାକିସ୍ତାନ ସବୁ ଇସ୍‌ଲାମିକ ଦେଶଗୁଡିକୁ ନାଟୋ ଭଳି ସାମରିଙ୍କ ସଂଗଠନ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲା । ତେବେ ଏହା ଏକ ଔପଚାରିକ ସନ୍ଧି ନୁହଁ ବୋଲି ଆମେରିକାର ପୂର୍ବତନ ରାଜଦୂତ ଜଲମେ ଖଲିଲଜାଦ କହିଛନ୍ତି । କିନ୍ତୁ ଏହା ଏକ ବଡ଼ ରଣନୈତିକ ବୁଝାମଣା ବୋଲି ସେ ସ୍ୱୀକାର କରିଛନ୍ତି ।



ଉତ୍ତରାଖଣ୍ଡର ଚାମୋଲୀରେ ବଦାଲଫଟା ବର୍ଷା ପରର ଦୃଶ୍ୟ

# ସବୁ ଧର୍ମକୁ ସମ୍ମାନ କରେ: ପ୍ରଧାନବିଚାରପତି



ନୂଆଦିଲ୍ଲୀ, ୧୮ ।୯ (ଏଜେନ୍ସି): ପ୍ରସିଦ୍ଧ ଖଜୁରାହୋର ବାମନ ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ଖଣ୍ଡିତ ମୂର୍ତ୍ତି ବଦଳାଇବା ସଂକ୍ରାନ୍ତରେ ଦେଇଥିବା ମନ୍ତବ୍ୟ ନେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ସଫେଇ ଦେଇଛନ୍ତି । ସେ କହିଛନ୍ତି ଯେ ମୋର ମନ୍ତବ୍ୟକୁ ସାମାଜିକ ଗଣମାଧ୍ୟମରେ ଭୁଲ ଭାବେ ଉପସ୍ଥାପନ କରାଯିବା ସହ କଦର୍ଥ କରାଯାଇଛି । ସବୁ ଧର୍ମକୁ ମୁଁ ସମ୍ମାନ କରେ । ତେଣୁ କୌଣସି ଧର୍ମକୁ ଆକ୍ଷେପ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି ।

ସେପ୍ଟେମ୍ବର ୧୬ରେ ଭଗବାନ ବିଷ୍ଣୁଙ୍କ ଏହି ଖଣ୍ଡିତ ମୂର୍ତ୍ତି ପ୍ରତିଷ୍ଠା ନେଇ ରାକେଶ ଦଲାଲଙ୍କ ଆବେଦନର ଶୁଣାଣି କରି ସିଜେଆଇ କହିଥିଲେ ଯେ, ଯାଅ ଭଗବାନଙ୍କୁ ନିଜେ କରିବାକୁ କୁହ । ତୁମେ ଭଗବାନ ବିଷ୍ଣୁଙ୍କ ବଡ଼ ଭକ୍ତ ବୋଲି କହୁଛ । ତାଙ୍କୁ ପ୍ରାର୍ଥନା କର । ଏ ନେଇ ହୋଇଥିବା ଶୁଣାଣିର ଖଣ୍ଡପୀଠରେ ସାମିଲ ହୋଇଥିବା ଜଷ୍ଟିସ ବିନୋଦ ଚନ୍ଦ୍ର ମଧ୍ୟ ସୋସିଆଲ ମିଡିଆକୁ ଆଣ୍ଟି ସୋସିଆଲ ମିଡିଆ ବୋଲି କହିଛନ୍ତି । ସେହିପରି ଆବେଦନକାରୀଙ୍କ ଓକିଲ ସଞ୍ଜୟ ନୁଲି ମଧ୍ୟ ସିଜେଆଇଙ୍କ ମନ୍ତବ୍ୟକୁ ଭୁଲ ଭାବେ ସୋସିଆଲ ମିଡିଆରେ ପ୍ରଚାର କରାଯାଇଛି ଓ ଏହା ମିଥ୍ୟା ବୋଲି କହିଛନ୍ତି । ଜଷ୍ଟିସ ଗଭାଇ କହିଲେ ଯେ ଏହାପୂର୍ବରୁ ନେପାଳ ସହିତ ଜଡିତ ମୋର ମନ୍ତବ୍ୟକୁ ମଧ୍ୟ ଏଭଳି କଦର୍ଥ କରାଯାଇ ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିଲା । ନ୍ୟାୟପାଳିକା କୌଣସି ଧର୍ମକୁ ବିରୋଧ କରେନାହିଁ ଓ ମୁଁ ସବୁଧର୍ମକୁ ସମ୍ମାନ କରେ ବୋଲି ସେ କହିଛନ୍ତି ।

## ବାଂଲାଦେଶ ପହଞ୍ଚିଲେ ୧୨୦ ଆମେରିକୀୟ ସୈନିକ

ଢାକା, ୧୮ ।୯ (ଏଜେନ୍ସି): ଆମେରିକାର ୧୨୦ ଜଣ ସୈନିକ ବାଂଲାଦେଶରେ ପହଞ୍ଚିଛନ୍ତି । ଏକ ସାମରିକ ସମରାଭ୍ୟାସରେ ଯୋଗ ଦେବାକୁ ଏହି ସୈନିକମାନେ ବାଂଲାଦେଶ ଯାଇଛନ୍ତି ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ସୈନିକମାନେ ଚିଟ୍ଟାଗଙ୍ଗର ରାଡିସନ ବ୍ଲ୍ୟୁ ହୋଟେଲରେ ଅବସ୍ଥାନ କରିଛନ୍ତି । ଏମାନଙ୍କ ପାଇଁ ୮୫ଟି ପ୍ରକୋଷ୍ଠ ବୁକ୍ କରାଯାଇଛି । ତେବେ ଏହି ସୈନିକମାନଙ୍କ ନାମ ରେଜିଷ୍ଟରରେ ଉଲ୍ଲେଖ କରାଯାଇନାହିଁ । ଏମାନେ ସେପ୍ଟେମ୍ବର ୨୦ରେ ବାଂଲାଦେଶ ଛାଡିବେ ବୋଲି କୁହାଯାଇଛି । ପୂର୍ବରୁ ସେପ୍ଟେମ୍ବର ୧୪ରେ ମିଶରର ଏକ ସାମିରକ ବିମାନ ଚଟଗାଁଓର ଶାହା ଅମାନତ ଏୟାର ବେସ୍‌ରେ ଅବତରଣ କରିଥିଲା । ଏହାର ଗୋଟିଏ ଦିନ ପରେ ଆମେରିକା ସୈନ୍ୟମାନେ ବାଂଲାଦେଶ ବାୟୁସେନାର ପତେଙ୍ଗା ଏୟାର ବେସ୍ ବୁଲି ଦେଖିଥିଲେ । ପୂର୍ବରୁ ମଧ୍ୟ ଆମେରିକା ଓ ବାଂଲାଦେଶ ସେନା ମିଳିତ ଭାବେ 'ଟାଇଗର ଲାଇଟିନିଂ' ଓ 'ଅପରେସନ ଲାଇଟିନିଂ' ନାମରେ ସାମରିକ ସମରାଭ୍ୟାସ କରିଥିଲେ । ଦୁଇ ଦେଶର ସୈନିକଙ୍କ ମଧ୍ୟରେ ତାଳମେଳ ବୃଦ୍ଧି କରିବା ସହ ଶାନ୍ତି ମିଶନ ପାଇଁ ପ୍ରସ୍ତୁତି କରିବାକୁ ଏହି ସମରାଭ୍ୟାସର ଲକ୍ଷ୍ୟ ଥିଲା ବୋଲି କୁହାଯାଇଥିଲା ।

## ନିର୍ବାଚନ ପୂର୍ବରୁ ନୀତୀଶଙ୍କ ଘୋଷଣା

# ବେକାର ସ୍ନାତକଙ୍କୁ ମାସକୁ ୧ ୦୦୦ ଟଙ୍କା

ପାଟନା, ୧୮ ।୯ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ବଡ଼ ଘୋଷଣା କରିବା ସହ ଯୁବକମାନଙ୍କୁ ବଡ଼ ଉପହାର ଦେଇଛନ୍ତି । ରାଜ୍ୟରେ ବେକାର ସ୍ନାତକ ବା ଗ୍ରାଜୁଏଟ୍‌ଙ୍କ ପାଇଁ ସେ ଏକ ନୂଆ ଯୋଜନା ଘୋଷଣା କରିଛନ୍ତି । ରାଜ୍ୟରେ ୨୦ରୁ ୨୫ ବର୍ଷ ବୟସ୍କ ବେରୋଜଗାର ଗ୍ରାଜୁଏଟ ଯୁବକ ଓ ଯୁବତୀଙ୍କ ପାଇଁ ସେ ପ୍ରତିମାସ ୧, ୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଯେଉଁମାନେ ଚାକିରି କରିନାହାନ୍ତି କିମ୍ବା ଆତ୍ମନିର୍ଭର ହୋଇନାହାନ୍ତି, ସେମାନଙ୍କୁ ଏହି ଭତ୍ତା ଅତିବେଶୀରେ ଦୁଇବର୍ଷ ପର୍ଯ୍ୟନ୍ତ ଦିଆଯିବ । ପୂର୍ବରୁ ଏହି ସୁବିଧା କେବଳ ଇଣ୍ଟର ପାସ୍ କରିଥିବା ବେରୋଜଗାର ଯୁବକଙ୍କୁ ମିଳୁଥିଲା । ଏବେ କିନ୍ତୁ ଏହାର ବିସ୍ତାର କରାଯାଇଛି । ଏବେ କଳା, ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ପାସ କରିଥିବା ବେରୋଜଗାର ଯୁବକ ଓ ଯୁବତୀଙ୍କୁ ଏହି ସୁବିଧା ମିଳିବ । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନୀତୀଶ ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି । ୨୦୦୫ ନଭେମ୍ବରରେ ସରକାର ଗଠନ ହେବା ପରେ ହିଁ ଯୁବକ ଓ ଯୁବତୀଙ୍କୁ ରୋଜଗାର ଓ ଚାକିରି ଦେବାକୁ ପ୍ରାଥମିକତା ଦିଆଯାଇଛି । ଆଗାମୀ ୫ ବର୍ଷ ମଧ୍ୟରେ ଯୁବକମାନଙ୍କୁ ଏକ କୋଟି ଚାକିରି ଓ ରୋଜଗାର ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ଦିଗରେ ନିରନ୍ତର ପ୍ରୟାସ କରାଯିବ ବୋଲି ସେ କହିଛନ୍ତି । ଯୁବକ ଓ ଯୁବତୀଙ୍କୁ କୁଶଳୀ କରିବା ପାଇଁ ପ୍ରଶିକ୍ଷଣ ଓ ଧନ୍ଦାମୂଳକ ଶିକ୍ଷା ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

## ଆଜମ ଖାନ୍‌ଙ୍କୁ ଜାମିନ

ପ୍ରୟାଗରାଜ, ୧୮ ।୯ (ଏଜେନ୍ସି): ଉତ୍ତରପ୍ରଦେଶ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ବରିଷ୍ଠ ନେତା ଆଜମ ଖାନଙ୍କୁ ଆହ୍ଲାବାଦ୍ ହାଇକୋର୍ଟରୁ ବଡ଼ ଆସ୍ୱସ୍ତି ମିଳିଛି । ରାମପୁର କ୍ୱାଲିଟି ବାର ଦଖଲ କରିବା ମାମଲାରେ ହାଇକୋର୍ଟ ତାଙ୍କୁ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି । ଜଷ୍ଟିସ ସମୀର ଜୈନଙ୍କ ଜଣକିଆ ଖଣ୍ଡପୀଠ ଦୁଇ ପକ୍ଷର ଦଲିଲ ଶୁଣିବା ପରେ ଅଗଷ୍ଟ ୨୧ରେ ଏହି ମାମଲାରେ ହେବାକୁ ଥିବା ଅନ୍ତିମ ଶୁଣାଣି ପର୍ଯ୍ୟନ୍ତ ରାୟ ସୁରକ୍ଷିତ ରଖିଛନ୍ତି । ଫଳରେ ଆଜମ ସୀତାପୁର ଜେଲ୍‌ରୁ ମୁକୁଳିବା ନିଶ୍ଚିତ ହୋଇଛି । ଆଜମ ଜେଲ ବାହାରକୁ ଆସିବା ପରେ ଖାସ୍ କରି ରାମପୁର ଓ ପଶ୍ଚିମ ଉତ୍ତରପ୍ରଦେଶରେ ରାଜନୈତିକ ଗତିବିଧି ଚଞ୍ଚଳ ହେବ ବୋଲି ଆଶା କରାଯାଉଛି । ଏହାପୂର୍ବରୁ ସେ ରାମପୁରର ଏମ୍‌ପିଏମ୍‌ଏଲ୍‌ଏ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ । କିନ୍ତୁ କୋର୍ଟ ମେ ୧୭ରେ ତାଙ୍କ ଆବେଦନକୁ ଖାରଜ କରିଥିଲେ । ଫଳରେ ସେ ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଲ୍ଲେଖଥାଉ କି, ୨୦୧୯ ନଭେମ୍ବର ୨୧ରେ ଗଗନ ଆରୋରା ନାମକ ଜଣେ ବାର ମାଲିକ ଆଜମଙ୍କ ବିରୋଧରେ ଏତଲା ଦେଇଥିଲେ । ରାମପୁରର ସଭିଲ ଲାଇନ୍ସ ଥାନା ଅଞ୍ଚଳରେ ହାଇୱେ ସ୍ଥିତ ସଇଦ ନଗର ହରଦୋଇଠାରେ ଥିବା କ୍ୱାଲିଟି ବାର ଉପରେ ଜବରଦସ୍ତି କବଜା କରିବାକୁ ପ୍ରୟାସ କରାଯାଇଥିଲା ଓ ସେ ଏଥିପାଇଁ ଅଭିଯୋଗ କରିଥିଲେ । ଏହି ମାମଲାରେ ଆଜମ, ତାଙ୍କ ପତ୍ନୀ, ପୁଅ ଓ ଅନ୍ୟ ଜଣେ ସ୍ଥାନୀୟ ନେତାଙ୍କୁ ଅଭିଯୁକ୍ତ ଭାବେ ଉପସ୍ଥାପନ କରାଯାଇଥିଲା । ସେ ନିଜ କ୍ଷମତାର ଦୂରୁପୋଯୋଗ କରି ବାରକୁ ଅକ୍ତିଆର କରିବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା ।

## ଅହମଦାବାଦ ବିମାନ ଦୁର୍ଘଟଣା

# ବୋଇଂ ବିରୋଧରେ ମାମଲା

ୱାସିଂଟନ୍, ୧୮ ।୯ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୪ ଜଣ ଯାତ୍ରୀଙ୍କ ପରିବାର ଏବେ ଆମେରିକାରେ ମକଦ୍ଦମା ରୁଜୁ କରିଛନ୍ତି । ଆମେରିକାରେ ବିମାନ ତିଆରି କରୁଥିବା କମ୍ପାନୀ ବୋଇଂ ଓ ତା'ର ଏୟାର କ୍ରାଫ୍ଟ ପାର୍ଟ ତିଆରି କରୁଥିବା କମ୍ପାନୀ ହନିବେଲ ବିରୋଧରେ ମୃତକଙ୍କ ପରିବାର କେସ୍ କରିଛନ୍ତି । ଏହି ଦୁଇ କମ୍ପାନୀଙ୍କର ବେପରୁଆ ମନୋଭାବ ଯୋଗୁଁ ଏହି ବିମାନ ଦୁର୍ଘଟଣା ହୋଇଥିଲା ବୋଲି ମୃତକଙ୍କ ପରିବାର ଅଭିଯୋଗ ଆଣିଛନ୍ତି । ଟେକ୍ସାସର ଲେନିଅର ଲ ଫାର୍ମ ଜରିଆରେ ଏହି ମକଦ୍ଦମା ଦାଏର କରାଯାଇଛି । ବିମାନର ଇନ୍ଧନ ସୁଇଚ୍‌ରେ ତ୍ରୁଟି ଥିଲା ଓ ଫ୍ୟୁଏଲ୍ ସପ୍ଲାଇ ବନ୍ଦ ହେବା କାରଣରୁ ଦୁର୍ଘଟଣା ଘଟିଥିଲା ବୋଲି ଅଭିଯୋଗ କରାଯାଇଛି । ଏହି ସମ୍ଭାବ୍ୟ ବିପଦ ନେଇ ବୋଇଂ ଓ ହନିବେଲ ବହୁପୂର୍ବରୁ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ବୋଲି ଅଭିଯୋଗ ହୋଇଛି । ଦୁର୍ଘଟଣାର ୪ ସପ୍ତାହ ପୂର୍ବରୁ ସୁଇଚ୍ ଚେକ୍ କରିବା ନେଇ ଚେତାବନୀ ଜାରି କରାଯାଇଥିଲା । କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଅବଶ୍ୟ ଏ ନେଇ ବୋଇଂ ତରଫରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଅହମଦାବାଦ୍‌ରୁ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନ ଲଣ୍ଡନ ଯାତ୍ରା କରିବାକୁ ବାହାରିଥିଲା ଓ ଟେକ୍ ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ଏକ ମେଡିକାଲ କଲେଜ ହଷ୍ଟେଲକୁ ଧକ୍କା ଦେଇଥିଲା । ଏଥିରେ ୨୭୦ଜଣ ମୃତ୍ୟୁବରଣ କରିଥିଲେ ଓ ଏମାନଙ୍କ ମଧ୍ୟରେ ୬୦ ଜଣ ବିଦେଶୀ ନାଗରିକ ସାମିଲ ଥିଲେ ।

## ମାକ୍ରୋନଙ୍କ ପତ୍ନୀ ମହିଳା ବୋଲି ପ୍ରମାଣ ଦେବେ

ୱାଶିଂଟନ, ୧୮ ।୯ (ଏଜେନ୍ସି): ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍‌ଙ୍କ ପତ୍ନୀ ବ୍ରିଗିଟେ ଏବେ ନିଜେ ଜଣେ ମହିଳା ବୋଲି ପ୍ରମାଣ ଦେବାକୁ ଯାଉଛନ୍ତି । ସେ ଆମେରିକାର ଏକ କୋର୍ଟକୁ ଏଥିପାଇଁ ଫଟୋଗ୍ରାଫିକ୍ ଓ ବିଜ୍ଞାନ ଭିତ୍ତିକ ପ୍ରମାଣ ଦେବେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ତଥା ସାମାଜିକ କର୍ମୀ କାଣ୍ଡେସ ଓୱେନ୍ସଙ୍କ ବିରୋଧରେ ବ୍ରିଗିଟେ ମାନହାନୀ ମକଦ୍ଦମା ଦାଏର କରିଛନ୍ତି । ଓୱେନ୍ସ ବାରମ୍ବାର ଦାବି କରୁଛନ୍ତି ଯେ, ମାକ୍ରୋନଙ୍କ ପତ୍ନୀ ମହିଳା ନୁହଁନ୍ତି ଓ ସେ ଜଣେ ପୁରୁଷ । ଏହାକୁ ମିଥ୍ୟା ବୋଲି ସାବ୍ୟସ୍ତ କରିବା ପାଇଁ ବ୍ରିଗିଟେ କୋର୍ଟରେ ଏହି ପ୍ରମାଣ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କୋର୍ଟରେ ଗର୍ଭାବସ୍ଥାରେ ଥିବା ବେଳର ଫଟୋ ମଧ୍ୟ ଦେଖାଯିବ । ୪ ବର୍ଷ ତଳେ ଅର୍ଥାତ ୨୦୨୧ରେ ବ୍ରିଗିଟେ ପୁରୁଷ ବୋଲି ଖବର ପ୍ରସାରିତ ହୋଇଥିଲା । ଟ୍ରମ୍ପଙ୍କ ସମର୍ଥକ ସାମ୍ବାଦିକମାନେ ଏହି ନେଇ ଗୁଜବ ପ୍ରସାରିତ କରି ମାମଲାକୁ ଆହୁରି ଚର୍ଚ୍ଚିତ କରିଥିଲେ । ମାକ୍ରୋନଙ୍କଠାରୁ ବ୍ରିଗିଟେ ୨୪ ବର୍ଷ ବଡ଼ । ଇମାନୁଏଲଙ୍କୁ ୪୭ ବର୍ଷ ହୋଇଥିବା ବେଳେ ପତ୍ନୀ ବ୍ରିଗିଟେଙ୍କୁ ୭୨ ବର୍ଷ । ୨୦୧୭ ମେ ୧୪ରୁ ଇମାନୁଏଲ ଫ୍ରାନ୍ସର ରାଷ୍ଟ୍ରପତି ଭାବେ ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି ।

## ଉତ୍ତରପ୍ରଦେଶ ପୁଲିସକୁ ଗ୍ୟାଙ୍ଗଷ୍ଟର୍‌ର ଚ୍ୟାଲେଞ୍ଜ: ଏନ୍‌କାଉଣ୍ଟରର ପ୍ରତିଶୋଧ ନେବୁ

ବରେଲି, ୧୮ ।୯ (ଏଜେନ୍ସି): ଉତ୍ତରପ୍ରଦେଶର ବରେଲିରେ ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ଗୁଳିମାଡ କରିଥିବା ଦୁଇ ସୁଟରଙ୍କ ଏନକାଉଣ୍ଟର ପରେ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ପ୍ରତିଶୋଧ ନେବାକୁ ଧମକ ଦେଇଛି । ଗୁରୁବାର ସେ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଲେଖା ପୋଷ୍ଟ କରି ଏହି ଘୋଷଣା କରିଛି । 'ଆମର ଯେଉଁ ଦୁଇ ସୁଟରଙ୍କୁ ଏନକାଉଣ୍ଟର କରାଯାଇଛି, ତାହର ଆମେ ପ୍ରତିଶୋଧ ନେବୁ । ଏହି ଏନ୍‌କାଉଣ୍ଟର ଆମର ବହୁତ ବଡ଼ କ୍ଷତି ଘଟାଇଛି । ଏହି ଦୁଇଜଣ ସହିଦ ହୋଇଛନ୍ତି । ଯେତେବି ପଇସାବାଲା ହୁଅନ୍ତୁ କିମ୍ବା କ୍ଷମତାଶାଳୀ ହୁଅନ୍ତୁ, ସେମାନଙ୍କୁ କ୍ଷମା ମିଳିବ ନାହିଁ ବୋଲି ସେ ଫେସ୍‌ବୁକ୍‌ରେ ଉଲ୍ଲେଖ କରି ଧମକ ଦେଇଛି । ଉଲ୍ଲେଖଥାଉ କି, ସେପ୍ଟେମ୍ବର ୧୧ ଓ ୧୨ ତାରିଖରେ ବରେଲିସ୍ଥିତ ଦିଶାଙ୍କ ପରିବାର ରହୁଥିବା ଘର ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ ହୋଇଥିଲା । ଏହି ମାମଲାରେ ଉତ୍ତରପ୍ରଦେଶର ଏସ୍‌ଟିଏଫ୍ ଦୁଇ ସୁଟରଙ୍କୁ ବୁଧବାର ସନ୍ଧ୍ୟାରେ ଏନକାଉଣ୍ଟର କରିଥିଲା । ଫଳରେ ଦୁଇ ସୁଟର ମୃତ୍ୟୁବରଣ କରିଥିଲେ ଓ ଏମାନେ ହରିୟାଣାର ଅରୁଣ ଓ ରବୀନ୍ଦ୍ର ବୋଲି ପୁଲିସ ଜାଣିବାକୁ ପାଇଥିଲା । ଏମାନେ ପେସାଦାର ସୁଟର ଥିଲେ ଓ ରୋହିତ ଗୋଦାରା ଓ ଗୋଲ୍ଡି ବରାଡ ଗ୍ୟାଙ୍ଗର ସଦସ୍ୟ ଥିଲେ । ଦୁଇଜଣଙ୍କ ଉପରେ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା ।

# ହବିଷ୍ୟାଳି ଯୋଜନାର ତଣ୍ଟି ଚିପିଦେଲେ

## ସଂଖ୍ୟା କମାଇଦେଲେ; ବଞ୍ଚିତ ହେବେ ବ୍ରତଧାରୀ

ପୁରୀ, ୧୮।୯(ସମିସ): ହବିଷ୍ୟାଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା। ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ଏହାଦ୍ୱାରା ଉପକୃତ ହୋଇଥା'ନ୍ତି। ଶ୍ରୀକ୍ଷେତ୍ରରେ ମାସଟାଯାକ ରହି କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ପ୍ରାୟ ହବିଷ ବ୍ରତଧାରୀ ଇଚ୍ଛା ରଖିଥା'ନ୍ତି। ପ୍ରତିବର୍ଷ ଏହି ଯୋଜନା ପ୍ରତି ହବିଷ୍ୟାଳି ମା'ମାନଙ୍କ ଚାହିଦା ବଢୁଛି। ଏହାକୁ ଉପଲବ୍ଧି କରି ପ୍ରତିବର୍ଷ କିପରି ପୂର୍ବବର୍ଷଠାରୁ ଅଧିକ ବ୍ରତଧାରୀ ରହିବେ, ସେଥିଲାଗି ସରକାର ଏବଂ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଥା'ନ୍ତି। ହେଲେ, ଗତବର୍ଷ ଭଳି ଏବର୍ଷ ମଧ୍ୟ ଏଥିରେ ବ୍ୟତିକ୍ରମ ଘଟିଛି। ବିଗତ ବର୍ଷମାନଙ୍କଠାରୁ ଏବର୍ଷ ହବିଷ୍ୟାଳିଙ୍କ ସଂଖ୍ୟା କମାଇ ଦିଆଯାଇଛି। ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବରୁ ଚଳିତବର୍ଷ ଆବେଦନ କରିଥିବା ଅନେକ ବ୍ରତଧାରୀ ବଞ୍ଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି।

ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ପୁରୀ ଆସିଥା'ନ୍ତି। ପରିଣତ ବୟସରେ ହବିଷ କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ନିଜ ସମ୍ପର୍କୀୟଙ୍କ ଘରେ ରହିଥା'ନ୍ତି। ଏମିତି ବି ଅନେକ ବ୍ରତଧାରୀ ଅଛନ୍ତି, ଯେଉଁମାନେ କେବଳ ପଞ୍ଚକ ପାଞ୍ଚଦିନ ଶ୍ରୀକ୍ଷେତ୍ର ରହି ହବିଷ କରିଥା'ନ୍ତି। ଏମାନେ ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ସହ ରାଇଦାମୋଦରଙ୍କୁ ପୂଜା କରିଥା'ନ୍ତି। ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଦିନକୁ ଥରେ ହବିଷାନ୍ନ ସେବନ କରନ୍ତି। କେହିକେହି ହାତରେ ହବିଷ୍ୟାନ୍ନ ପ୍ରସ୍ତୁତ କରୁଥିବା ବେଳେ ଆଉ କେହି ମାସଟା ଯାକ ମହାପ୍ରସାଦ ମଧ୍ୟ ସେବନ କରିଥା'ନ୍ତି। ସାଧାରଣତଃ ଅଧିକାଂଶ ପରିଣତ ବୟସରେ ପହଞ୍ଚିଥିବା ମହିଳା ବ୍ରତ କରିବାକୁ ଶ୍ରୀକ୍ଷେତ୍ର ଆସିଥା'ନ୍ତି। ଏମିତି ବି ଅନେକ ମହିଳା ଅଛନ୍ତି, ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ



କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପିଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବର ନବୀନ ସରକାର। ହବିଷ୍ୟାଳି ମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ, ସେଥିଲାଗି ୨୦୧୬ରେ ବିଜେଡି ସରକାର ହବିଷ୍ୟାଳି ଯୋଜନା ଆରମ୍ଭ କରିଥିଲେ।

୨୦୧୬ରୁ ଏହି ଯୋଜନା ଆରମ୍ଭ ହେବା ପରଠାରୁ ପ୍ରତିବର୍ଷ ଏହାର ଚାହିଦା ବୃଦ୍ଧି ପାଇଛି। ଅର୍ଥାତ୍ ଏହି ଯୋଜନାରେ ପ୍ରତିବର୍ଷ ହବିଷ୍ୟାଳୀଙ୍କ ସଂଖ୍ୟା ବଢ଼ିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାର ଭିତ୍ତିଭୂମିକୁ ମଧ୍ୟ ବୃଦ୍ଧି କରୁଥିଲେ। କୋଭିଡ୍ ପାଇଁ ୨୦୨୦ ଏବଂ ୨୦୨୧ରେ ଏହି ଯୋଜନା ବନ୍ଦ ରହିଥିବା ବେଳେ ପୁନଶ୍ଚ ୨୦୨୨ରୁ ଆରମ୍ଭ ହୋଇଛି। ୨୦୨୨ରେ ୨୯ଟି ଜିଲ୍ଲାରୁ ପ୍ରାୟ ୩ ହଜାର ବ୍ରତଧାରୀ ଆସି ପୁରୀରେ ରହି କାର୍ତ୍ତିକ ବ୍ରତ କରିଥିଲେ। ସେହି ବର୍ଷ ହବିଷ୍ୟାଳି ମା'ମାନଙ୍କ ନିମନ୍ତେ ସ୍ଥାୟୀ ଶିବିର 'ବୃନ୍ଦାବତୀ ନିବାସ'କୁ ଉଦ୍‌ଘାଟନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଶିବିରରେ ହବିଷ୍ୟାଳିଙ୍କ ପାଇଁ ଅତ୍ୟାଧୁନିକ ସୁବିଧା କରାଯାଇଥିଲା। ସେହିପରି ଆହୁରି ୪ଟି ଶିବିର ବଗଲା ଧର୍ମଶାଳା, ଅକ୍ଷୟପାତ୍ର ଫାଉଣ୍ଡେସନ୍, ବାଗେଡିଆ ଧର୍ମଶାଳା ଏବଂ ମୋଚିସାହି କଲ୍ୟାଣମଣ୍ଡପରେ ରହିଥିଲେ ବ୍ରତଧାରୀ। ୨୦୨୩ରେ ବି ୫ଟି ଶିବିର ଅର୍ଥାତ୍ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପରେ ପ୍ରାୟ ୩,୨୦୦ରୁ ଅଧିକ ହବିଷ୍ୟାଳୀ ମା'ମାନେ ରହି ବ୍ରତ ପାଳନ କରିଥିଲେ।

୨୦୨୪ରେ ରାଜ୍ୟରେ ଆସିଥିଲା ନୂଆ ସରକାର। ବ୍ରତଧାରୀମାନେ ଅଧିକ ସଂଖ୍ୟାରେ ଏହି ଯୋଜନାରେ ସାମିଲ ହେବେ ବୋଲି ଆଶା କରିଥିଲେ। ହେଲେ ସେମାନଙ୍କ ଆଶା ନିରାଶାରେ ପରିଣତ ହୋଇଥିଲା। ସରକାର ହବିଷ୍ୟାଳିଙ୍କ ସଂଖ୍ୟା କମାଇ ୨,୫୦୦ ଖସାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ବେଶ୍ ହୋ-ହଲ୍ଲା ହୋଇଥିଲା। ଏଥର ସରକାର ପୂର୍ବରୁ ଯେଉଁଭଳି ଭାବେ ୩୦୦୦ରୁ ଅଧିକ ବ୍ରତଧାରୀ ରହୁଥିଲେ ସେଭଳି ବ୍ୟବସ୍ଥା କରିବେ ବୋଲି ଆଶା କରାଯାଉଥିଲା। ହେଲେ ସେମିତି ବ୍ୟବସ୍ଥା ହେଉନି। ଚଳିତବର୍ଷ ସ୍ଥାୟୀ କେନ୍ଦ୍ର ବୃନ୍ଦାବତୀ ନିବାସ ସମେତ ୪ଟି କେନ୍ଦ୍ରରେ ୨,୫୦୦ ହବିଷ୍ୟାଳିଙ୍କ ରହଣି ବ୍ୟବସ୍ଥା କରାଯାଉଛି। ସେହିପରି ହବିଷ୍ୟାଳିଙ୍କ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିବା ବେଳେ ବିନା ପଞ୍ଜୀକରଣରେ କେହି ନଆସିବା ପାଇଁ ଆଗୁଆ ସତର୍କ କରିଛି ଜିଲ୍ଲା ପ୍ରଶାସନ। ତେଣୁ, ଏଥର ବି ଅନେକ ବ୍ରତଧାରୀ ହବିଷ୍ୟାଳି ଯୋଜନାର ସୁବିଧାରୁ ବଞ୍ଚିତ ହେବେ, ଏଥିରେ ସନ୍ଦେହ ନାହିଁ।

### ଆଜିଠୁ ଅନ୍‌ଲାଇନ ପଞ୍ଜୀକରଣ

ପୁରୀ, ୧୮।୯ (ସମିସ): ଶ୍ରୀକ୍ଷେତ୍ରରେ କାର୍ତ୍ତିକ ମାସରେ 'ରାଇଦାମୋଦର ବ୍ରତ' ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ହବିଷ୍ୟାଳି ଯୋଜନା କାର୍ଯ୍ୟକାରୀ ହେଉଛି। ମୁଖ୍ୟତଃ ହବିଷ୍ୟାଳି ମା'ମାନଙ୍କ ରହଣି, ଶ୍ରୀଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଶ୍ରବଣ ସାଙ୍ଗକୁ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଛି। ଯେଉଁମାନେ ଏହି ଯୋଜନାରେ ଆସିବେ, ସେମାନଙ୍କୁ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ତେଣୁ ଆଗ୍ରହୀ ହବିଷ୍ୟାଳିମାନେ ସେପ୍ଟେମ୍ବର ୧୯ରୁ edistrict.odisha.gov.in ମାଧ୍ୟମରେ ପଞ୍ଜୀକରଣ କରିବେ।

■ କୋହେନୂର୍ ହୀରା ଫେରସ୍ତ ଓ ପହଲଗାମ ଆତଙ୍କୀ ଆକ୍ରମଣ ମାମଲା

## ଜବାବ ଦାଖଲ ପାଇଁ ଦୁଇ ସପ୍ତାହ ସମୟ ନେଲେ କେନ୍ଦ୍ର ସରକାର

କଟକ,୧୮।୯(ସମିସ): କୋହେନୂର୍ ହୀରା ଫେରାଇ ଆଣିବା ଓ ନିକଟ ଅତୀତରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଜବାବ ଦାଖଲ ପାଇଁ ପ୍ରତିପକ୍ଷ କେନ୍ଦ୍ର ସରକାର ଦୁଇ ସପ୍ତାହ ସମୟ ଲୋଡ଼ିଥିବା ବେଳେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୯କୁ ଧାର୍ଯ୍ୟ କରିଛନ୍ତି ଅଦାଲତ। ସାମାଜିକ କର୍ମୀ ପିନାକପାଣି ମହାନ୍ତିଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ୧୭୫୭ରୁ ୧୯୪୭ ମଧ୍ୟରେ କୋହେନୂର୍ ହୀରା ସମେତ ବହୁ ମୂଲ୍ୟବାନ ଗହଣା, ରତ୍ନପଥର, ସୁନା-ରୁପା ବ୍ରିଟିଶମାନେ ଭାରତରୁ ନେଇ ଯାଇଥିଲେ। କୋହେନୂର୍ ହୀରାକୁ ମହାରାଜା ରଣଜିତ ସିଂ ଜଗନ୍ନାଥ ମହାପ୍ରଭୁଙ୍କୁ ଦାନ କରିଥିଲେ। କୋହେନୂର୍ ହୀରା ସମେତ ଭାରତରୁ ବ୍ରିଟିଶ ନେଇଯାଇଥିବା ମୂଲ୍ୟବାନ ସାମଗ୍ରୀଗୁଡ଼ିକ ଫେରାଇ ଆଣିବା ପାଇଁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ସେହିଭଳି ପହଲଗାମ ଆତଙ୍କବାଦୀ ଅକ୍ରମଣ ଓ ଏହା ପରେ ହୋଇଥିବା ଅପରେସନ୍ 'ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ବିରୋଧରେ କେତେକ ବ୍ୟକ୍ତି ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ। କେତେକ ରାଜନୈତିକ ଦଳର ନେତା ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏପରି ଅସାମାଜିକ, ଦେଶଦ୍ରୋହୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିଭଳି ପାକିସ୍ତାନକୁ ଆତଙ୍କବାଦୀ ରାଷ୍ଟ୍ର ଘୋଷଣା ସହ ଏହାକୁ ସମର୍ଥନ କରୁଥିବା ଯୁକ୍ତରାଷ୍ଟ୍ର ଆମେରିକା ସହ ସମସ୍ତ ବ୍ୟାବସାୟିକ ସମ୍ପର୍କ ଭାରତ ଛିନ୍ନ କରୁ। ଜାଲିଓ୍ୱାନାଲାବାଗ ନରସଂହାର ପାଇଁ ତତ୍କାଳୀନ ବ୍ରିଟିଶ ସରକାର ବା ବର୍ତ୍ତମାନର ୟୁକେ ସରକାର କ୍ଷମା ପ୍ରାର୍ଥନା କରିବା ପାଇଁ ପଦକ୍ଷେପ ନିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

## ରାଜ୍ୟରେ କମୁଛି ଖଣି ରାଜସ୍ୱ

### ୨୦୨୧-୨୨ ତୁଳନାରେ କମିଛି ୧୫.୬୩ ପ୍ରତିଶତ

ଭୁବନେଶ୍ୱର,୧୮।୯(ସମିସ): ରାଜ୍ୟରେ ଖଣି ରାଜସ୍ୱ ଗତ ଦୁଇ ଆର୍ଥିକ ବର୍ଷ ତୁଳନାରେ ହ୍ରାସ ପାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟରେ ୪୯ ହଜାର ୮୫୯ କୋଟି ଟଙ୍କା ଖଣି ରାଜସ୍ୱ ଆଦାୟ ହୋଇଥିବା ବେଳେ ୨୦୨୪-୨୫ରେ ଏଥିରେ ୧୫.୬୩ ପ୍ରତିଶତ ହ୍ରାସ ପାଇଛି। ଗୁରବାର ବିଧାନସଭାରେ ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଏକ ଅଣତାରକା ପ୍ରଶ୍ନରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉତ୍ତର ରଖିଛନ୍ତି। ଏପରିକି ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ମଧ୍ୟ ଖଣି ରାଜସ୍ୱ ଆଦାୟ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଅଧିକ ହୋଇନପାରେ ବୋଲି ଅନୁମାନ ପ୍ରକାଶ କରିଛନ୍ତି ମନ୍ତ୍ରୀ।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୪୨ ହଜାର ୬୫ କୋଟି ୯୯ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ସେହିପରି ୨୦୨୩-୨୪ରେ ୪୬୩୯୬ କୋଟି ୫୦ ଲକ୍ଷ, ୨୦୨୨-୨୩ରେ ୩୮୦୭୫ କୋଟି ୪ ଲକ୍ଷ ଟଙ୍କା ଓ ୨୦୨୧-୨୨ରେ ୪୯୮୫୯ କୋଟି ୧୨ ଲକ୍ଷ ଟଙ୍କା ଖଣି ରାଜସ୍ୱ ଆଦାୟ ହୋଇଥିଲା। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଜ୍ୟର ଖଣି ରାଜସ୍ୱ ୧୭୧୩୨ କୋଟି ୬୮ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ବର୍ଷଶେଷ ସୁଦ୍ଧା

■ ଚଳିତ ଆର୍ଥିକ ବର୍ଷରେ ମଧ୍ୟ ବଜାୟ ରହିପାରେ ସ୍ଥିତି
■ ଦକ୍ଷ ଖଣି ପରିଚାଳନାକୁ ଦାୟୀ କଲେ ବିଶେଷଜ୍ଞ

ଏହା ଆନୁମାନିକ ୪୨ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛନ୍ତି ମନ୍ତ୍ରୀ। ଯାହା ଗତ ଆର୍ଥିକ ବର୍ଷ ତୁଳନାରେ କମ୍ ବୋଲି ଜଣାପଡ଼ିଛି। ରାଜ୍ୟରେ ଖଣି ପରିଚାଳନାରେ ସ୍ୱଚ୍ଛତା ଏବଂ ଦକ୍ଷତାର ଅଭାବ କାରଣରୁ ଖଣି ରାଜସ୍ୱ ହ୍ରାସ ପାଉଥିବା ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

## ପୁତୁରାବୋହୂକୁ ହତ୍ୟା କରି ଶଶୁରର ଆତ୍ମହତ୍ୟା

ଅସୁରାଳି, ୧୮।୯(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ତଥା ଧୁଷୁରୀ ଥାନା ଅସ୍ତକ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପୁତୁରା ବୋହୂକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଶଶୁର ଆତ୍ମହତ୍ୟା କରିଛି। ମୃତକଦ୍ୱୟ ହେଲେ, ଗ୍ରାମର ପଞ୍ଚାନନ ମଳିକ (୬୦) ଓ ତାଙ୍କ ପୁତୁରା ବୋହୂ ଯଶୋଦା ମଳିକ (୩୦)। ସୂଚନା ଅନୁସାରେ, ଯଶୋଦା ନିଜ ପୁଅକୁ ଆକଟ କରି ମାରୁଥିବା ବେଳେ ଶ୍ୱଶୁର ପଞ୍ଚାନନ ଏହାର ପ୍ରତିରୋଧ କରିଥିଲେ। ମାନସିକ ସନ୍ତୁଳନ ହରାଇ ଅତର୍କିତ ଭାବେ ଟାଙ୍ଗିଆ ଆକ୍ରମଣ କରିଥିଲେ। ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ରାସ୍ତାରେ ଯଶୋଦାଙ୍କ ଜୀବନ ଚାଲିଯାଇଥିଲା। ଏହାକୁ ନେଇ ପରିସ୍ଥିତି ସମ୍ଭାଳି ନପାରି ଶ୍ୱଶୁର ପଞ୍ଚାନନ ମଧ୍ୟ ଜୀବନ ହାରି ଦେଇଛନ୍ତି। ଧୁଷୁରୀ ଥାନା ପକ୍ଷରୁ କେସ ନମ୍ବର ୪୪୬/୨୫ ଓ ୩୬/୨୫ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଯଶୋଦା ମଳିକଙ୍କ ମୃତ ଶରୀରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପଞ୍ଚାନନ ମଳିକଙ୍କ ମୃତଦେହ ପୁଲିସ ତାଙ୍କ ଘରୁ ଜବତ କରିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

■ ବିଜେପି ବିଧାୟକ ଦଳ ବୈଠକ

## ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଆଲୋଚନା ପାଇଁ ସରକାର ପ୍ରସ୍ତୁତ



ଭୁବନେଶ୍ୱର,୧୮।୯(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରବାର ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିରୋଧୀ ଦଳ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଯେଉଁ ପ୍ରସଙ୍ଗ ଆଣିବେ, ସେଗୁଡ଼ିକର ଆଲୋଚନା ପାଇଁ ସରକାର ପୂରା ପ୍ରସ୍ତୁତ ବୋଲି ବୈଠକରେ ମତପ୍ରକାଶ ପାଇଛି। ବୈଠକ ସମ୍ପର୍କରେ ମତ ପ୍ରକାଶ କରି ସଂସଦୀୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଆଉ ସରକାର ମ୍ୟାଜିକ ନମ୍ବର ରେ ଚାଲେ। ବିଜେପି ସରକାରରେ ଲୋକ ପ୍ରଗତିପଥରେ ଯାଉଛନ୍ତି ତାହା ଓଡ଼ିଶାବାସୀ ଜାଣିଛନ୍ତି। ଅନାସ୍ଥା ପ୍ରସ୍ତାବ ଯଦି ଗୃହରେ ଆସେ ତାହେଲେ ତାର ପ୍ରତୀକାତ୍ମକ ଉତ୍ତର ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ବୈଠକରେ ସାଂଗଠନିକ ବୈଠକ ସହ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛନ୍ତି। ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍, ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଦଳୀୟ ବିଧାୟକଗଣ ଉପସ୍ଥିତ ଥିଲେ।

## ଭତ୍ତା ପାଇବା ଯାଏଁ ୬୦ବର୍ଷ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ସୁଭଦ୍ରା

ଭୁବନେଶ୍ୱର,୧୮।୯(ସମିସ): ଯେ ପର୍ଯ୍ୟନ୍ତ ୬୦ ବର୍ଷ ହୋଇଥିବା ସୁଭଦ୍ରା ହିତାଧିକାରୀଙ୍କୁ ପେନସନ ପାଇ ନାହାନ୍ତି, ସେମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ୬୦ ବର୍ଷ ହୋଇଥିବା ୯୩ ହଜାର ହିତାଧିକାରୀଙ୍କ ତାଲିକା ଫାଇଲ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଏହାପରେ ସରକାର ନିଷ୍ପତ୍ତି ନେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଯେ ତୃତୀୟ କିସ୍ତି ସୁଭଦ୍ରା ପ୍ରଦାନ ବେଳେ ୬୦ ବର୍ଷ ପାଇଁ ୯୩ ହଜାର ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସୁଭଦ୍ରା ଆବେଦନ ବେଳେ ଏବଂ ତୃତୀୟ କିସ୍ତି ପୂର୍ବରୁ ସେମାନଙ୍କୁ ୬୦ ବର୍ଷ ହୋଇ ନ ଥିଲା। ତେବେ ଭତ୍ତାପାଇଁ ଆବଶ୍ୟକୀୟ ଯୋଗତା ଅନୁସାରେ ଏସଏସପିଡି ଭତ୍ତା ପ୍ରଦାନ କରାଯିବ। ଯେଉଁମାନେ ବଞ୍ଚିତ ହେବେ ଓ ଭତ୍ତା ପ୍ରୋସେସ୍ ଚାଲିଥିବା ମଧ୍ୟରେ ସୁଭଦ୍ରାର ଆଉ ଏକ କିସ୍ତି ଆସିବ ତେବେ ସେମାନଙ୍କୁ ଉକ୍ତ କିସ୍ତି ପ୍ରଦାନ କରାଯିବ।ଭତ୍ତା ପାଇଁ ସେମାନଙ୍କୁ ଆଉ କୌଣସି ଦସ୍ତାବିଜ କିମ୍ବା ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ,କେବଳ ଆବେଦନ କରିବେ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩ଟି କିସ୍ତିରେ କୋଟିଏରୁ ଉଦ୍ଧ୍ୱର୍ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାସହ ୨୧ ବର୍ଷ ହୋଇଥିବା ଯୁବତୀ ନୂଆ ଯୋଡ଼ି ହେଉଛନ୍ତି।

## ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସାମଗ୍ରୀ ଚୋରି

ଭୁବନେଶ୍ୱର,୧୮।୯(ସମିସ): ଗତ ବିଧାନସଭା ଚାଲିଥିଲା ବେଳେ ବିଧାନସଭା ପରିସରରୁ କଂଗ୍ରେସ ବିଧାୟକଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ସାର୍ଟ ଚୋରି ହୋଇଗଲା। ଚୋରି ସମ୍ପର୍କିତ ଅଭିଯୋଗ କରି ବିଧାୟକମାନେ ବାଚସ୍ପତିଙ୍କୁ ଜଣାଇଥିଲା। ହେଲେ ଏପର୍ଯ୍ୟନ୍ତ ଚୋରି ଜିନିଷ ଠାବ ହୋଇ ପାରି ନାହିଁ। କିଏ ଚୋରି କଲା ତାକୁ ବି ଖୋଜାଗଲା ନାହିଁ। ତେଣୁ ଏହି ଜିନିଷପତ୍ର ଫେରାଇ ଦିଆଯାଉ ବୋଲି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ।

ନାରୀ ନିର୍ଯ୍ୟାତନା ବୃଦ୍ଧିକୁ ପ୍ରସଙ୍ଗ କରି ବିଧାନସଭା ତଦନ୍ତ କମିଟି ଗଠନ କରିବା ଦାବି କରୁଥିଲା ବେଳେ କଂଗ୍ରେସ ବିଧାୟକମାନଙ୍କୁ ଗୃହରୁ ନିଲମ୍ବିତ କରାଯାଇଥିଲା। ନିଲମ୍ବିତ

### ବାଚସ୍ପତିଙ୍କୁ ଚିଠି ଲେଖିଲେ କଂଗ୍ରେସ ବିଧାୟକ ଦଳ ନେତା

ହୋଇଥିବା ବିଧାୟକମାନେ ୨୬ ମାର୍ଚ୍ଚ୨ଟା ୩୦ ମିନିଟ ସମୟରେ ବିଧାନସଭା ଗୃହ ମଧ୍ୟକୁ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ସାର୍ଟ ମଧ୍ୟ ଚୋରି କରିନେଇଥିବା ଅଭିଯୋଗ ବାଚସ୍ପତିଙ୍କ ନିକଟରେ କରାଯାଇଥିଲା। ଆଜି ମୌସୁମୀ ବିଧାନସଭା ଆରମ୍ଭ ହୋଇଛି। ଚୋରି ହୋଇଥିବା ଜିନିଷ ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ କିମ୍ବା ସେ ସମ୍ପର୍କରେ ବିଧାନସଭା କାର୍ଯ୍ୟାଳୟ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ତେଣୁ ଚୋରି ହୋଇଥିବା ଜିନିଷପତ୍ରର ତୁରନ୍ତ ଉଦ୍ଧାର ପାଇଁ ଉଚିତ ପଦକ୍ଷେପ ନେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପୁଲିସ-ମାଓବାଦୀ ଗୁଳି ବିନିମୟ; ଯବାନ ଗୁରୁତର

ଭଞ୍ଜନଗର, ୧୮।୯(ସମିସ): ଗଞ୍ଜାମ-କନ୍ଧମାଳ ସୀମାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଅପରାହ୍ଣରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଏସ୍‌ଓଜି ଯବାନଙ୍କ ଦେହରେ ଗୁଳି ବାଜିଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଞ୍ଜନଗର ମେଡିକାଲ ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଯବାନଜଣଙ୍କ ପ୍ରେମ ମାଝି ବୋଲି ସୂଚନା ମିଳିଛି। ଆଜି ଅପରାହ୍ଣ ପ୍ରାୟ ୪ଟା ବେଳେ ଉଭୟ ଜିଲ୍ଲାର ସୀମାରେ ଥିବା ଇନ୍ଦ୍ରଗଡ଼ ଜଙ୍ଗଲରେ ଏସ୍‌ଓଜି ଯବାନଙ୍କ ପକ୍ଷରୁ କମ୍ବିଂ



ଅପରେସନ୍ କରାଯାଉଥିଲା। ଏହି ସମୟରେ ମାଓବାଦୀମାନେ ଅତର୍କିତ ଭାବେ ଆଖିବୁଜା ଗୁଳିମାଡ଼ କରିଥିଲେ। ଗୋଟିଏ ଗୁଳି ପ୍ରେମଙ୍କ ଶରୀରରେ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ଗୋଟିଏ ଗୁଳି ତାଙ୍କର ପେଟରେ ବାଜିଛି। ପରେ ଯବାନଙ୍କ ପକ୍ଷରୁ ଏହାର ଜବାବ ଦିଆଯାଇଥିଲା। ଅପରପକ୍ଷେ, ଆହତ ପ୍ରେମଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

### ପୁଣି ଲାଗିଲା ମାଓ ବ୍ୟାନର୍

## ସ୍ଥିତି ଜାହିର କଲା କେକେବିଏନ୍ ମାଓ ସଂଗଠନ

ବାଲିଗୁଡ଼ା,୧୮।୯(ସମିସ): କିଛି ଦିନର ନିରବତା ପରେ ପୁଣି କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ସ୍ଥିତି ଜାହିର କରିଛନ୍ତି ମାଓବାଦୀ। କେକେବିଏନ୍ ସିପିଆଇ ମାଓ ସଂଗଠନ ବାଲିଗୁଡ଼ା ଥାନା ବାରଖମା ଫାଣ୍ଡି ସୁଦ୍ରା ଯିବା ରାସ୍ତାର ଡାବୁଡ଼କା ଘାଟିରେ ରାସ୍ତାକଡ଼ରେ ବ୍ୟାନର୍ ଲଗାଇଛି। ଏଥିରେ ୨୧ ତମ ପ୍ରତିଷ୍ଠା ଦିବସକୁ ୨୧ ସେପ୍ଟେମ୍ବରଠାରୁ ୨୧ ଅକ୍ଟୋବର ଯାଏ ପାଳନ କରିବା ସହ ବିପ୍ଳବୀଙ୍କୁ ଉତ୍ସାହିତ କରିବାକୁ ଉଲ୍ଲେଖ ରହିଛି। ଏହାସହ ଶତ୍ରୁ ଦ୍ୱାରା ମାଓ ଦମନ ପାଇଁ ଚଲାଯାଉଥିବା ଅପରେସନକୁ ହରାଇବା, ପାର୍ଟି ଓ ବିପ୍ଳବୀ ଆନ୍ଦୋଳନକୁ ବଞ୍ଚାଇବା ଏବଂ ମୂଳନିବାସୀ ଭାଷା, ଧର୍ମ ଓ ରୀତି ରିବାଜକୁ ବଞ୍ଚାଇବାକୁ ଏହି ବ୍ୟାନରରେ ଆହ୍ୱାନ ଦିଆଯାଇଛି। ରାସ୍ତା ପାର୍ଶ୍ୱରେ ଏପରି ବ୍ୟାନର୍, ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

### ଅନୁସୂଚିତ ଜାତି ବର୍ଗର ୫ ପରିବାରଙ୍କୁ ନିର୍ଯାତନା

## ଥାନାରେ ଅଭିଯୋଗ ପରେ ଗାଁରୁ ବାସନ୍ଦ

ଭୁବନେଶ୍ୱର,୧୮।୯(ସମିସ): ରାଜ୍ୟ ସରକାର ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକଙ୍କୁ ଗୁରୁତ୍ୱ ଦେଉଛନ୍ତି; କିନ୍ତୁ ବାସ୍ତବରେ ସେମାନଙ୍କୁ ନ୍ୟାୟ ମିଳି ପାରୁନି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଇଁଥପୋଖରୀ ଗ୍ରାମରେ ଘଟିଥିବା ଏକ ଘଟଣା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ଏହି ଗ୍ରାମର ଅନୁସୂଚିତ ପରିବାରଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ



● ନ୍ୟାୟ ପାଇଁ ଓଏଚ୍‌ଆରସିଙ୍କ ନିକଟରେ ଅଭିଯୋଗ
● ଘରକୁ ଢେଲାମାଡ଼ ସହ ବନ୍ଦ କଲେ ପିଲାର ପାଠପଢ଼ା


ଥାନାରେ ଅଭିଯୋଗ କରିବାରୁ ସେମାନଙ୍କୁ ଗାଁରୁ ବାସନ୍ଦ କରାଯାଇଛି । ଘର ଉପରକୁ ନିୟମିତ ଢେଲାମାଡ଼ କରାଯାଉଛି ଓ ପିଲାଙ୍କ ପାଠପଢ଼ାକୁ ବନ୍ଦ କରି ଦିଆଯାଇଥିବା ଅଭିଯୋଗ ହୋଇଛି । ପୁଲିସଠାରୁ ନ୍ୟାୟ ନ ମିଳିବାରୁ ସମ୍ପୃକ୍ତ ପରିବାର ଲୋକମାନେ ଏ ସଂକ୍ରାନ୍ତରେ ରାଜ୍ୟ ମାନବାଧିକ ଆୟୋଗ(ଓଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଇଁଥପୋଖରୀ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ ହୋଇଥିଲା। ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଅଭିଯୁକ୍ତମାନେ ମରଣାନ୍ତକ ଆକ୍ରମଣ କଲେ। ୧୫ ଦିନ ହେବ ମହିଳାଙ୍କ ସ୍ୱାମୀ ମେଡ଼ିକାଲରେ ଚିକିତ୍ସାଧିନ ଅଛନ୍ତି। ପୀଡ଼ିତା ଥାନାରେ ଏତଲା ଦେବା ପରେ ମାମଲା ରୁଜୁ ହେବାରୁ ପୀଡ଼ିତା ପରିବାର ସମେତ ଉକ୍ତ ଗ୍ରାମର ୫ଟି ପରିବାରବର୍ଗ ଉପରେ ଅଭିଯୁକ୍ତମାନେ ଜୁଲୁମ ଚଳାଇଛନ୍ତି। ପିଇବା ପାଣି ପାଇଁ ଥିବା ପାଣି ଟ୍ୟାପ୍ ଭାଙ୍ଗି ଦିଆଯାଇଛି । ସେମାନଙ୍କ ପରିବାରକୁ ସ୍କୁଲ ବନ୍ଦ କରାଯାଇଛି ଏବଂ ଘର ଉପରେ ନିୟମିତ ଢେଲାମାଡ଼ କରାଯାଉଛି। ଏସ୍‌ସି ଏବଂ ଏସ୍‌ଟିରେ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଗତ ୧ ସେପ୍ଟେମ୍ବରରୁ ଆଜି ପର୍ଯ୍ୟନ୍ତ ୫ ପରିବାର ଗାଁରୁ ଭୟରେ ବାହାରକୁ ଚାଲିଆସିଛନ୍ତି। କିଛି ସାମାଜିକ ଅନୁଷ୍ଠାନ ଏହି ପରିବାର ନିର୍ଯାତନା କଥା ଶୁଣିବା ପରେ ଓଏଚଆରସିରେ ଅଭିଯୋଗ କରିଛନ୍ତି। ଏନେଇ ଗତ ସୋମବାର ଗୃହ ବିଭାଗରେ ଅଭିଯୋଗ ଦେବା ସହ ମାନବ ଅଧିକାର କମିସନରେ ଅଭିଯୋଗ ଦାୟର ସହ କମିସନଙ୍କ ନିକଟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଛି।

## ପତ୍ନୀ ଦୃଷ୍ଟିଶକ୍ତି ହରାଇବାରୁ ହାତ ଛାଡ଼ିଦେଲେ ଯବାନ

ବାରିପଦା, ୧୮।୯(ସମିସ): ଏକ ଦୁର୍ଘଟଣାରେ ଦୃଷ୍ଟିଶକ୍ତି ହରାଇବା ପରେ ଅସହାୟ ପତ୍ନୀର ହାତ ଛାଡ଼ିଦେଲେ ଜଣେ ସିଆରପିଏଫ ଯବାନ। ପ୍ରେମ ବିବାହ କରି ସାତଜନମର ସାଥୀ ହେବାର ଶପଥ ନେଇ ଏବେ ପତ୍ନୀଙ୍କ ବିପଦ ସମୟରେ ଠକିଦେଇ ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଛନ୍ତି ସ୍ୱାମୀ। ସେପଟେ, ନ୍ୟାୟ ପାଇଁ ଏବେ ବାରଦ୍ୱାର ହେଉଛନ୍ତି ଦୃଷ୍ଟିବାଧିତ ପତ୍ନୀ। ଏଭଳି ଏକ ଦୁଃଖଦ ଓ ଅଭାବନୀୟ ଅଭିଯୋଗ ଆସିଛି, ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଭୋଲାଗଡ଼ିଆ ଗ୍ରାମରୁ।

୨୦୧୮ ନଭେମ୍ବର ୨୫ରେ ଭୋଲାଗଡ଼ିଆର ଲକ୍ଷ୍ମଣ ମାର୍ଣ୍ଡିଙ୍କ ବଡ଼ ଝିଅ ସୀତାମଣିଙ୍କୁ ବଡ଼ଓଲିଆ ଗ୍ରାମର ଗୁମୁଦା ହାଁସଦା ପ୍ରେମବିବାହ କରିଥିଲେ। ଗୁମୁଦା ଜଣେ ସିଆରପିଏଫ୍ ଯବାନ ହୋଇଥିବା ବେଳେ ଏବେ ସେ ବିହାର-୨୦୫ ବାଟାଲିୟନରେ କାର୍ଯ୍ୟରତ। ବିବାହର କିଛି ବର୍ଷ ହସଖୁସିରେ କଟିଥିଲା। ତେବେ ୨୦୨୪ ସେପ୍ଟେମ୍ବର ୪ରେ ସ୍ୱାମୀ-ସ୍ତ୍ରୀ ବାଇକ୍‌ରେ ଖୁଣ୍ଟା-ଉଦଳା ରାସ୍ତାରେ ଯାଉଥିବା ବେଳେ ଏକ ଦୁର୍ଘଟଣା ସେମାନଙ୍କ ହସଖୁସି ଛଡ଼ାଇନେଲା। ଦୁର୍ଘଟଣାରେ ଦୁହେଁ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କିଛି ଦିନ ପରେ ସ୍ୱାମୀ ଗୁମୁଦା ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରି ଚାକିରିରେ ଯୋଗ ଦେଇଥିବା ବେଳେ ପତ୍ନୀ ସୀତାମଣି ଦୀର୍ଘ ଦୁଇ ମାସ କାଳ ଆଇସିୟୁରେ ରହି ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ହୋଇ ବାହାରକୁ ବାହାରିଥିଲେ। ହେଲେ ସୀତାମଣି ଏହି



ଦୁର୍ଘଟଣାରେ ନିଜର ଦୃଷ୍ଟିଶକ୍ତି ହରାଇଥିଲେ। ତାଙ୍କର ଦୁଇଟି ଯାକ ଆଖି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ସେ ଦେଖିପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ଏପରିକି, ସ୍ପଷ୍ଟ ଭାବେ କଥା ମଧ୍ୟ କହିପାରୁନାହାନ୍ତି। ଅନ୍ୟର ସାହାରାରେ ସେ ବାଟ ଚାଲୁଛନ୍ତି। ତେବେ, ପତ୍ନୀଙ୍କ ଏଭଳି ଦୁର୍ଦ୍ଦିନ ସମୟରେ ହାତ ଛାଡ଼ିଦେଇଛନ୍ତି ଯବାନ ସ୍ୱାମୀ। ସ୍ୱାମୀ ହତାଦର କରିବା ପରେ ଏବେ ସୀତାମଣି ତାଙ୍କ ବାପଘରେ ରହୁଛନ୍ତି।

ଅନ୍ୟପକ୍ଷେ, ଯବାନ ସ୍ୱାମୀ ଗୁମୁଦା ତାଙ୍କର କୌଣସି କଥା ନ ବୁଝି ଏବେ ଦ୍ୱିତୀୟ ବିବାହ କରିବା ପାଇଁ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସୀତାମଣି ଖୁଣ୍ଟା ଥାନା, ସିଆରପିଏ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ ପରେ ମଧ୍ୟ ନିରାଶ ହୋଇଛନ୍ତି।

■ ନ୍ୟାୟ ପାଇଁ ମହିଳାଙ୍କ ବାପା-ମା' ଜିଲ୍ଲାପାଳଙ୍କ ଦ୍ୱାରସ୍ଥ
■ ଦ୍ୱିତୀୟ ବିବାହ ପାଇଁ ସ୍ୱାମୀ ହେଉଛନ୍ତି ସଜବାଜ

ଫଳରେ, ସୀତାମଣିଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ଏନେଇ ସେ ଗୁରୁବାର ନିଜ ବୃଦ୍ଧ ବାପା ମା'ଙ୍କ ସହ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଶ୍ରୀ ମଲ୍ଲିକ ଅଭିଯୋଗ ଶୁଣିବା ପରେ ଜିଲ୍ଲାପାଳଙ୍କୁ ଅବଗତ କରି ଯଥାଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# କେବେ ସରିବ ସାକ୍ଷୀଗୋପାଳ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ ?

## ୨୦୨୩ରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ କରିଥିଲେ ଶିଳାନ୍ୟାସ

ସାକ୍ଷୀଗୋପାଳ,୧୮।୯ (ସମିସ): ସାକ୍ଷୀଗୋପାଳ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ ଧିମେଇ ଯାଇଛି। ଅମୃତ ଭାରତ ରେଳ ଷ୍ଟେସନ ଯୋଜନାରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ସାକ୍ଷୀଗୋପାଳ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟରେ ୩୪.୮ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିପାଇଁ ସାକ୍ଷୀଗୋପାଳ ରେଳ ଷ୍ଟେସନକୁ ନବୀକରଣ ସହ ଆଧୁନିକ ଭାବେ ଗଢ଼ି ତୋଳିବା ସହ ସାଧାରଣ ରେଳଯାତ୍ରୀଙ୍କ ନିମନ୍ତେ ସମସ୍ତ ଅତ୍ୟାଧୁନିକ ସୁବିଧାସୁଯୋଗ ରହିବ। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୩ ଜୁନ୍ ୬ରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦେଶର ବିଭିନ୍ନ ରେଳ ଷ୍ଟେସନ ସହ ସାକ୍ଷୀଗୋପାଳ ରେଳ ଷ୍ଟେସନର ନବୀକରଣ ଓ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପୁନର୍ବିକାଶ କାର୍ଯ୍ୟରେ ସାକ୍ଷୀଗୋପାଳ ରେଳ ଫାଟକ ଅର୍ଥାତ୍ ଯାହା ଏବେ ଅଟୋ ଷ୍ଟାଣ୍ଡ ଭାବେ ରହିଛି ସେଠାରୁ ୧୨ ମିଟର ଲେଖାଏ ୨୪ ମିଟର ଦୁଇଟି ରାସ୍ତା ସାକ୍ଷୀଗୋପାଳ ଅଳଗୁମ ରାସ୍ତାରୁ ଷ୍ଟେସନକୁ ସଂଯୋଗ କରିବ। ଉଭୟ ରାସ୍ତା ମଝିରେ ୩ମିଟରର ଡିଭାଇଡର ରହିବ। ସେହିଭଳି ରେଳ ଟ୍ରାକ୍‌ର ଅପର ପାଶ୍ୱର୍ ଅର୍ଥାତ୍ ଆଇଟିଆଇ କଲେଜ ପଟ ରାସ୍ତା ମଧ୍ୟ ପୁନର୍ବିକାଶ କରାଯିବ। ରେଳ ଷ୍ଟେସନ ଉଭୟ ପାଶ୍ୱର୍ରେ ଆଧୁନିକ ଷ୍ଟେସନ ବିଲ୍ଡିଂ ନିର୍ମାଣ କରାଯିବ। ଏହା ସହ ମଲ୍ଟିମୋଡାଲ ଏକୀକରଣ, ଦିବ୍ୟାଙ୍ଗଙ୍କ ପାଇଁ ସମସ୍ତ ସୁବିଧା, ସ୍ଥାୟୀ ଓ




ଅନୁକୂଳ ପରିବେଶ ସୃଷ୍ଟି, ଆବଶ୍ୟକତା ଅନୁଯାୟୀ ରୁଫ୍ ପ୍ଲାଜା ପ୍ରସ୍ତୁତ, ସୁସଜ୍ଜିତ ଆଧୁନିକ ଯାତ୍ରୀ ରହଣୀ ସୁବିଧା, ଭଲଭାବେ ପରିକଳ୍ପିତ ଟ୍ରାଫିକ୍ ସଞ୍ଚାଳନ ଓ ଇଣ୍ଟର-- ମୋଡାଲ ସିଷ୍ଟମ୍, ଯାତ୍ରୀଙ୍କ ମାର୍ଗଦର୍ଶନ ପାଇଁ ୟୁନିଫର୍ମ ଓ ଭଲ ଡିଜାଇନର ସାଇନ୍ ଏଜ୍, ମାଷ୍ଟରପ୍ଲାନ୍‌ରେ ଉପଯୁକ୍ତ ସମ୍ପତ୍ତିର ବିକାଶ, ଲ୍ୟାଣ୍ଡସ୍କେପ୍, ସ୍ଥାନୀୟ କଳା ଓ ସଂସ୍କୃତିକୁ ପ୍ରକଳ୍ପର ବିକାଶ କାର୍ଯ୍ୟରେ ଅଧିକ ଗୁରୁତ୍ୱ ଦିଆଯିବା ସହ ଏକ ଉନ୍ନତ ଓ ଅତ୍ୟାଧୁନିକ ସିଟି ସେଣ୍ଟର ଭାବେ ଷ୍ଟେସନକୁ ବିକାଶ କରାଯିବା ନିମନ୍ତେ ସମସ୍ତ ବ୍ୟବସ୍ଥା ରହିଛି।

ପ୍ରକାଶ ଥାଉକି, ୨୦୨୩ରେ ଆୟୋଜିତ ଏହି ପ୍ରକଳ୍ପ ଶିଳାନ୍ୟାସ ଉଦ୍‌ଘାଟନ ଉତ୍ସବରେ ସେତେବେଳର ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ୍ ପାତ୍ର ଓ ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି କିଭଳି ରେଳ ବିଭାଗ ଏହି ପ୍ରକଳ୍ପକୁ ଶୀଘ୍ର ସାରିବ ସେଥିପାଇଁ ଉତ୍ସବରେ ଉଭୟ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଉଭୟ ନେତା ଏବେ ନିର୍ବାଚନରେ ଜିତି ଏହା ମଧ୍ୟରେ ରାଜ୍ୟରେ ଗଠିତ ବିଜେପି ସରକାରରେ ଉଭୟ ସକ୍ରିୟ ରହିଥିଲେ ମଧ୍ୟ ଉକ୍ତ ରେଳ ପ୍ରକଳ୍ପ ନିର୍ମାଣର ମନ୍ଥର ଗତି ପାଇଁ ଅଞ୍ଚଳବାସୀ ଚିନ୍ତାପ୍ରକଟ କରିଛନ୍ତି। ଏପଟେ ପ୍ରକଳ୍ପ ନିର୍ମାଣରେ ସବୁଠାରୁ ଅଧିକ ଚ୍ୟାଲେଞ୍ଜ ସୃଷ୍ଟି କରିଛି ଜବରଦଖଲ। ବହୁତ ଗରିବ ଓ ଭୂମିହୀନ ବ୍ୟକ୍ତି ସାକ୍ଷୀଗୋପାଳ ରେଳ ଷ୍ଟେସନ ଆଖପାଖରେ ଦୀର୍ଘ ଦିନ ଧରି ପରିବାର ସହ ବାସଗୃହ କରି ବସବାସ କରୁଛନ୍ତି। ଏହି ଗରିବ ଓ ଭୂମିହୀନ ପରିବାରଗୁଡ଼ିକୁ ରାଜ୍ୟ ସରକାରଙ୍କ ଭୂମିହୀନ ଥଇଥାନ ଯୋଜନାରେ ଥଇଥାନ ନିମନ୍ତେ ସାଧାରଣରେ ମତ ପ୍ରକାଶ ପାଇଛି। ଏହି ସମସ୍ୟା ଖୁବ୍ କମ୍ ଦିନରେ ସରିବା ସହ ପ୍ରକଳ୍ପ କାର୍ଯ୍ୟ ଦୁଇ ମାସ ମଧ୍ୟରେ ଆରମ୍ଭ ହେବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ପାର୍ବଣ ପୂଜା ଆରମ୍ଭ



ନୟାହାଟ,୧୮।୯ (ସମିସ): ପୁରୀ ଜିଲ୍ଲା ସର୍ବଧର୍ମ ସମନ୍ୱୟ ପୀଠ, ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ଅଧିଷ୍ଠାତ୍ରୀ ଦେବୀ ମା' ଶ୍ୟାମାକାଳୀ ଓ ଦକ୍ଷିଣ କାଳୀଙ୍କ ପାର୍ବଣ ପୂଜା ଗତ ୧୪ ତାରିଖ ମୂଳାଷ୍ଟମୀଠାରୁ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ମୂଳାଷ୍ଟମୀ ଦିନ ଉଭୟ ମା'ଙ୍କ ମହାସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା। ପରେ ସୂର୍ଯ୍ୟ ପୂଜା, କଳସ ପୂଜା ଓ ଦ୍ୱାରପାଳ ପୂଜା କରାଯିବା ପରେ ପ୍ରତ୍ୟେକ ଦିନ ମା'ଙ୍କର ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଓ ଚଣ୍ଡୀପାଠ କରାଯାଉଛି। ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ଜଣେ ମାତୃ ଉପାସକ। ୧୯୪୧ ମସିହାରୁ ଏହି କ୍ଷେତ୍ରରେ ଏହି ଶକ୍ତିପୀଠ ସ୍ଥାପନ କରାଯାଇଛି ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଏହି ଆଶ୍ରମରେ ଗୋଟିଏ ଛାତ ତଳେ ମା' ଶ୍ୟାମାକାଳୀ ଓ ଦକ୍ଷିଣ କାଳୀ ପୂଜା ପାଉଥିବାରୁ ସ୍ଥାନୀୟ ଅଞ୍ଚଳ ଏବଂ ରାଜ୍ୟ ବାହାର ଭକ୍ତମାନଙ୍କର ସୁଅ ଛୁଟି ଆସିଥାଏ। ପ୍ରତ୍ୟହ ପାର୍ବଣ ପୂଜାରେ ପହିଲି ଭୋଗ, ରାଜଭୋଗ ଓ ପଣାଭୋଗ କରାଯାଏ। ଶହ ଶହ ଭକ୍ତ ଏହି ପର୍ବରେ ମା'ଙ୍କ ଦର୍ଶନ ପାଇଁ ଭିଡ଼ ଲଗାଇଥା'ନ୍ତି ଏବଂ ନିଜର ଆଶୀର୍ବାଦ ଭିକ୍ଷା କରିବା ସହ ମା'ଙ୍କ ପାଖରେ ମାନସିକ କରିଥାନ୍ତି। ପ୍ରତ୍ୟେକ ଦିନ ଗୁରୁଭାଇ, ଶ୍ରଦ୍ଧାଳୁ ଭକ୍ତମାନଙ୍କ ସହଯୋଗରେ ପ୍ରସାଦର ବ୍ୟବସ୍ଥା କରାଯାଇଥାଏ। ଏହି ପ୍ରସାଦ ପାଇବା ପାଇଁ ଭକ୍ତମାନଙ୍କ ଲମ୍ବା ଧାଡ଼ି ଲାଗିଥିବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ପ୍ରତ୍ୟହ ସନ୍ଧ୍ୟାରେ ମା'ଙ୍କ ନିକଟରେ ଭଜନକୀର୍ତ୍ତନ ହୋଇଥାଏ। ଆସନ୍ତା ୨୯ ତାରିଖରେ ମା'ଙ୍କର ଅଷ୍ଟମୀ ପୂଜା ସମାପନ ହେବ।

## ନିମାପଡ଼ା ଥାନାରେ ରାଜ୍ୟ ମହିଳା କମିଶନ ସଦସ୍ୟା



ନିମାପଡ଼ା,୧୮।୯।(ସମିସ): ନିମାପଡ଼ା ଏନ୍ଏସି ଅଞ୍ଚଳରେ ଗତ ୯ ତାରିଖରେ ଜଣେ ଶିକ୍ଷୟିତ୍ରୀଙ୍କୁ ମାଡ଼ମାରିବା ଓ ତାଙ୍କର ପୁରୁଷ ବନ୍ଧୁଙ୍କୁ ଅର୍ଦ୍ଧ ଉଲଗ୍ନ କରି ମାଡ଼ମାରି ରାସ୍ତାରେ ଚଲାଇ ଚଲାଇ ନେବା ଘଟଣା ସାରା ନିମାପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏଭଳି ଘଟଣା ସମଗ୍ର ରାଜ୍ୟ ଏବଂ ରାଜ୍ୟ ବାହାରେ ଚର୍ଚ୍ଚାର ବିଷୟ ପାଲଟିଛି। ଗଣମାଧ୍ୟମରୁ ଜାଣି ବୁଧବାର ସନ୍ଧ୍ୟାରେ ମହିଳା କମିଶନ ୨ ଜଣ ସଦସ୍ୟା ସସ୍ମିତା ଦାସ ଓ ଉର୍ମିଳା ମହାପାତ୍ର ନିମାପଡ଼ା ଥାନାରେ ପହଞ୍ଚିଥିଲେ। ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଓ ଆଇଆଇସି ବାମଦେବ ସ୍ୱାଇଁଙ୍କ ସହିତ ଏହି ଘଟଣା ସମ୍ପର୍କରେ ବୁଝିବା ସହିତ ସବିଶେଷ ଆଲୋଚନା କରିଛନ୍ତି। ମହିଳାଙ୍କ ଅଭିଯୋଗ କ୍ରମେ ପୁଲିସ ଏହି ସମ୍ବେଦନଶୀଳ ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶିକ୍ଷୟିତ୍ରୀଙ୍କୁ ମାଡ଼ମାରିବା ସହ ତାଙ୍କ ବନ୍ଧୁ ଶିକ୍ଷକଙ୍କୁ ଉଲଗ୍ନ କରି ମାଡ଼ମାରି ବିଚ୍ ରାସ୍ତାରେ ଚଲାଇ ଚଲାଇ ନେଇଥିବାରୁ ଏକ ସଙ୍ଗିନ ଦଫାରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ସହଯୋଗୀକୁ ପୁଲିସ ସଙ୍ଗେ ସଙ୍ଗେ ଗିରଫ କରି କୋର୍ଟ ଚାଲାଣ କରିଛି। ସଠିକ୍ ସମୟ ମଧ୍ୟରେ କୋର୍ଟକୁ ମାମଲାର ଚାର୍ଜସିଟ୍ ପଠାଇବା ସମ୍ପର୍କରେ ଆଲୋଚନା କରାଯାଇଥିବା ନେଇ ସଦସ୍ୟା ଶ୍ରୀ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

■ ବାସହରା କରାଇଲା ଲଗାଣ ବର୍ଷା

## ଗୃହ ଯୋଗାଇବାକୁ ଦାବି



ବେଗୁନିଆ,୧୮।୯ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତ ମାନଗୋବିନ୍ଦପୁର ଗ୍ରାମର ମଙ୍ଗୁଳି ନାୟକ ଓ ସୁଶାନ୍ତ ନାୟକଙ୍କ ଘର ୧୪ ତାରିଖ ଦିନ ଲଘୁଚାପଜନିତ ଲଗାଣ ବର୍ଷାରେ ଭାଙ୍ଗିରୁଜି ଯାଇଛି। ଏହି ଦୁଇ ପରିବାର ରହୁଥିବା ଘରର ମାଟିକାନ୍ଥ ଫାଟି ଆଁ କରି ରହିଥିବାରୁ କାଠରେ ଠେସ ଲଗାଇ ରଖିଥିବାର ଦେଖିବାକୁ ମିଳୁଛି। ଏଥିରେ ମଙ୍ଗୁଳିଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ତାଙ୍କ ପରିବାର ବାସହରା ହୋଇଥିବାବେଳେ ସୁଶାନ୍ତଙ୍କ ପରିବାର ଭୟଭୀତ ଅବସ୍ଥାରେ ଭଗବାନଙ୍କୁ ଆଶ୍ରା କରି ଭଙ୍ଗା ଘରେ ରହୁଛନ୍ତି। ଏହି ଦୁଇ ପରିବାର ଦିନମଜୁରିଆ ଭାବେ ଜୀବନ ବିତାଉଥିବାରୁ ଭଲ ଘର ଖଣ୍ଡିଏ କରିବାକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି। ସେମାନେ ଘଟଣାସ୍ଥଳ ବୁଲି ଉକ୍ତ ଘଟଣା ବିଷୟରେ ତହସିଲ୍‌ଦାର ତାପସ ବିଶିଙ୍କୁ ପଚାରିବାରେ ପଲିଥିନ୍ ଯୋଗାଇଦେବା ସହ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଶୁକ୍ରବାର ରିପୋର୍ଟ ପ୍ରଦାନ ପରେ ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି କହିଛନ୍ତି।

## ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଓ ଭାଗବତ ପ୍ରଚାର କାର୍ଯ୍ୟକ୍ରମ

କୁଣ୍ଢେଇ,୧୮।୯ (ସମିସ): କାକଟପୁର ବ୍ଲକ୍ କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମରେ କନ୍ୟା ସଂକ୍ରାନ୍ତି ବିଶ୍ୱକର୍ମା ପୂଜା ଇନ୍ଦିରା ଏକାଦଶୀ ବୁଧବାରଠାରୁ ଭାଗବତ ପୁରାଣ ପଠନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଅନିର୍ଦ୍ଦିଷ୍ଟ ଦିନ ଧରି ଚାଲିବ ବୋଲି କହିଛନ୍ତି ଏହାର ଉଦ୍ୟକ୍ତା ଧର୍ମାନନ୍ଦ ସୁବୁଦ୍ଧି। ଭାବ, ଜ୍ଞାନ, ବ୍ରହ୍ମ ତତ୍ତ୍ୱର ସମାରୋହ ହେଉଛି ଭାଗବତ। ଭାଗବତ ପ୍ରସାରଣର ପ୍ରାରମ୍ଭ ଦିବସରେ ଭାଗବତ ପ୍ରଚାରକ ଭାଗବତ ସୁଧା ନାରାୟଣ ପଟ୍ଟନାୟକ ପ୍ରବକ୍ତା ଭାବେ ଯୋଗଦେଇଥିଲେ। ଭାଗବତ ଓଡ଼ିଶାର ପବିତ୍ର ମହାପୁରାଣ ରୂପେ ପରିଚିତ। ଏହା ପ୍ରତି ଓଡ଼ିଆ ପରିବାରରେ ଥିବା ଠାକୁର ଘରେ ସନ୍ଧ୍ୟା ସମୟରେ ଏକ ଅଧ୍ୟାୟ ପଢ଼ା ଯାଉଥିବା ଦେଖିବାକୁ ମିଳେ। ଓଡ଼ିଶାରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରିପାରିଛି। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମକୁ ଭାଗବତ ପ୍ରଚାର ସମିତି କର୍ମକର୍ତ୍ତା, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଲକ୍ଷ୍ମୀଧର ପୃଷ୍ଟି, ବାନାମ୍ବର ସାହୁ, ଗଗନ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଗ୍ରାମରୁ ବହୁ ସଂଖ୍ୟକ ଭାଗବତ ପ୍ରେମୀ ଯୋଗଦେଉଛନ୍ତି।

## ଶୌଚ ହେବାକୁ ଯାଇ ବୃଦ୍ଧ ମୃତ

ବଳଙ୍ଗା,୧୮।୯ (ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତ ଅଧୀନ ନରୁଡ଼ା ଗ୍ରାମର ଧରମୁ ଖଟୋଇ (୯୦) ଗୁରୁବାର ଅପରାହ୍ଣରେ ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୂଚନା ମୁତାବକ, ଗୁରୁବାର ଅପରାହ୍ଣରେ ନରୁଡ଼ା ଗ୍ରାମର ଧରମୁ ଖଟୋଇ ଗାଁ ମୁଣ୍ଡରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ତାଙ୍କ ପୁଅ ନବକିଶୋର ଖଟୋଇ ଓ ଘର ଲୋକେ ଖୋଜାଖୋଜି କରିଥିଲେ। ଦେଖିବାକୁ ପାଇଲେ କି ତାଙ୍କ ବାପାଙ୍କ ଗାମୁଛା ଓ ଠେଙ୍ଗା ପୋଖରୀ କୂଳରେ ଥୁଆ ହୋଇଛି। ଖୋଜାଖୋଜି କରି ପାଇ ନ ଥିବାରୁ ଅଗ୍ନିଶମ ବାହିନୀକୁ ଫୋନ୍ କରିଥିଲେ। ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ପାଇଥିଲେ। ଏନେଇ ବଳଙ୍ଗା ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିକଟାଳ ବାଇକ୍ ଶବ୍ଦରେ ଫାଟିପଡୁଛି ବଜାର; ପଥଚାରୀ ଭୟଭୀତ



କାକଟପୁର,୧୮।୯ (ସମିସ): ୧୫ ଛୁଇଁନି। ହେଲେ ଦାମୀ ବାଇକ୍ ଧରି ବଜାର ସାରା ବିକଟାଳ ଶବ୍ଦ କରି ଦ୍ରୁତଗତିରେ ବୁଲୁଛନ୍ତି ଅମାନିଆ ନାବାଳକ ବାଇକ୍ ଚାଳକ। ବିଭିନ୍ନ ବେସରକାରୀ ସ୍କୁଲରେ ପଢୁଥିବା ୧୨/୧୩ ବର୍ଷର ପୁଅ ଓ ଝିଅ ବି ସ୍କୁଟି, ବୁଲେଟ୍, ପଲ୍‌ସର, ୟାମାହା ଏଫ୍‌ଜେଡ୍, କେଟିଏମ୍ ଆଦି ଦ୍ରୁତଗାମୀ ଓ ଦାମିକିଆ ବାଇକ୍ ଚଳାଉଛନ୍ତି। ଏହି ନାବାଳକ, ନାବାଳିକା ବାଇକ୍ ଓ ସ୍କୁଟି ଚାଳକଙ୍କ ଯୋଗୁଁ ବଜାରରେ ଟ୍ରାଫିକ୍ ସମସ୍ୟା ସହ ଛୋଟ ବଡ଼ ଦୁର୍ଘଟଣା ଗତ କିଛିଦିନ ହେବ ନିୟମିତ ଘଟୁଛି। କାକଟପୁର ଅଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀଙ୍କ ହାତରେ ମୋବାଇଲ୍, ସ୍କୁଲ, କଲେଜ ଯିବା ପାଇଁ ବାଇକ୍ ଓ ସ୍କୁଟି ରହିଛି। ଅଭିଭାବକମାନେ ପିଲାଙ୍କ ପାଇଁ ସମୟ ଦେଇ ନ ପାରି ସ୍କୁଲ, କଲେଜ, ଟ୍ୟୁସନ୍, ଟ୍ୟୁଟରିଆଲ୍, କମ୍ପ୍ୟୁଟର କ୍ଲାସ୍ ଆଦିକୁ ଯିବା ପାଇଁ ସେମାନଙ୍କ ଦାବି ମୁତାବକ ଗାଡ଼ି କିଣି ଦେଉଛନ୍ତି। ଏଭଳିକି ଏମାନେ ପୁଣି ବିନା ହେଲ୍‌ମେଟ୍‌ରେ ଅତ୍ୟନ୍ତ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇ ଦ୍ରୁତଗତିରେ ଯାଉଛନ୍ତି ଯାହାଫଳରେ ପଥଚାରୀମାନେ ଅତ୍ୟନ୍ତ ଭୟଭୀତ ହୋଇପଡୁଛନ୍ତି। ପିଲାମାନେ ଗାଡ଼ି ଧରି କ'ଣ କରୁଛନ୍ତି, କେଉଁଠିକୁ ଯାଉଛନ୍ତି, ଟ୍ରାଫିକ୍ ମାନୁଛନ୍ତି ନା ନାହିଁ, କଲେଜ, ସ୍କୁଲ ନାଁରେ କେଉଁଠିକୁ ଯାଉଛନ୍ତି ଆଦି ଯାଞ୍ଚ କରୁନାହାନ୍ତି ଅଭିଭାବକ। ଏପରିକି ଗତ କିଛିଦିନ ହେବ ଏହି ପିଲାମାନେ ଦଳ ଦଳ ହୋଇ ଦ୍ରୁତ ବାଇକ୍ ପ୍ରତିଯୋଗିତା ବି କରୁଥିବା ଦେଖିବାକୁ ମିଳିଛି। ତେଣୁ ବେପରୁଆ ଗାଡ଼ି ଚାଳନା ଯୋଗୁଁ ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ସଂଘଟିତ ହେଉଛି। ସେହିଭଳି ବଜାରରେ ଦ୍ରୁତଗତିରେ ଏମାନେ ବାଇକ୍ ଚଳାଇ ଅନ୍ୟ ବାଇକ୍ ଚାଳକଙ୍କୁ ଅସୁବିଧାରେ ପକାଉଥିବା ଦେଖିବାକୁ ମିଳିଛି। ଏତେ ଦ୍ରୁତଗତିରେ ଏମାନେ ଯାଉଛନ୍ତି ଯେ ଅନ୍ୟମାନେ ଯିବାକୁ ଭୟ କରୁଛନ୍ତି। ଯଦିଓ ପୁଲିସ ପକ୍ଷରୁ କିଛି ସମୟରେ ଯାଞ୍ଚ କରାଯାଉଛି ଏହା ଅଳ୍ପ କିଛି ସମୟ ପାଇଁ। ଏହି ସମୟରେ ଏହି ନାବାଳକମାନେ ଅନ୍ୟ ଗଳି ରାସ୍ତାରେ ଯିବାଆସିବା କରିବା ପରେ ଯଥା ପୂର୍ବଂ ତଥା ପରଂ ଅବସ୍ଥାକୁ ପଳାଇ ଆସୁଛି। କାକଟପୁର ପୁଲିସ ପକ୍ଷରୁ ଯାଞ୍ଚକୁ ନିୟମିତ କରିବା ସହିତ ଅମାନିଆ ନାବାଳକ ବାଇକ୍ ଚାଳକଙ୍କୁ ଧରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ପାଣି ପମ୍ପ୍ ଚୋରିକରି ଗିରଫ

ନିମାପଡ଼ା,୧୮।୯ (ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମର ପ୍ରିୟବ୍ରତ ସେନାପତିଙ୍କ ଘରୁ ପାଣି ପମ୍ପ୍ ଚୋରି ଯାଇଥିବା ନେଇ ସେ ଅଗଷ୍ଟ ୩୧ରେ ଥାନାରେ ଅଭିଯୋଗ କରିଥିଲେ। ପମ୍ପଟି ବାରିପଟେ ଥୁଆ ହୋଇଥିବାବେଳେ ତାକୁ କେହି ଚୋରାଇ ନେଇଥିଲା। ଚୋରମାନେ ପାଣି ମଟରଟି ଚୋରି କରି ସାଇଲୋ ଛକରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ପ୍ରିୟବ୍ରତ ଜାଣିବାକୁ ପାଇଥିଲେ। ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଚୋରଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିଲା। ଗୁରୁବାର ସକାଳେ ମଟର ଚୋରି ଅଭିଯୋଗରେ ଉକ୍ତ ଗ୍ରାମର ଜିତେନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି।

## ହୋମିଓପାଥି ଚିକିତ୍ସକଙ୍କ ଦେହାନ୍ତ

ଟାଙ୍ଗୀ,୧୮।୯ (ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସୁନ୍ଦରପୁର କଲୋନୀର ଜନପ୍ରିୟ ହୋମିଓପାଥି ଚିକିତ୍ସକ ଗୋବିନ୍ଦ ମଣ୍ଡଳଙ୍କର ୭୧ବର୍ଷ ବୟସରେ ତାଙ୍କ ନିଜ ବାସଭବନରେ ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି। ସେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠରେ ଅଧ୍ୟୟନ କରିଥିଲେ। ଜଣେ ବନ୍ଧୁବତ୍ସଳ, ପରୋପକାରୀ, ମେଳାପୀ ଲୋକ ହିସାବରେ ସେ ବେଶ୍ ଲୋକପ୍ରିୟ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଜଣାପଡ଼ିଛି। ବଡ଼ ପୁତ୍ର ବାବୁଲି ମୁଖାଗ୍ନି ଦେଇଥିଲେ।

## ଶ୍ରୀମଦ୍ ଭାଗବତ ଗୀତା ଆବୃତ୍ତି ପ୍ରତିଯୋଗିତା

ବେଗୁନିଆ,୧୮।୯ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ୪ଟି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀମଦ୍ ଭାଗବତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସଂସ୍କୃତ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ୍ ଭାଗିରଥି ପରିଡ଼ା, ପ୍ରଭାତ କୁମାର ଦାସ, ବିଷ୍ଣୁପ୍ରିୟା ବେହେରା, ମିହିର କୁମାର ଭୂୟାଁ, ଦୀନବନ୍ଧୁ ଦାଶ, ପ୍ରକାଶ ସାହୁ, ତପନ ବେହେରା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ପରେ ପ୍ରଜ୍ଞାନ ମିଶନର ବ୍ରହ୍ମଚାରୀ ତୃପ୍ତାନନ୍ଦ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗବତ ପଠନ ଓ ଶ୍ରବଣ କରି କାର୍ଯ୍ୟରେ ଉପଯୋଗ କଲେ ଉତ୍ତମ ପରିବେଶ ସୃଷ୍ଟି ହୋଇପାରିବ ବୋଲି ମତପ୍ରକାଶ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ସନ୍ତୋଷ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

● ଘରପଙ୍ଗା ଓ ଅବାସ ଗୃହରୁ ବଞ୍ଚିତ ଭୂମିହୀନ ଜଟିଆ

## ୪୦ ବର୍ଷ ହେଲା ଜରିପାଲ ତଳେ ବିତୁଛି ଜୀବନ

କଣାସ,୧୮।୯ (ସମିସ): ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଭୂମିହୀନ ଲୋକଙ୍କୁ ଗୃହ ନିର୍ମାଣ ପାଇଁ ଜମି ଓ ଆବାସ ଗୃହ ଯୋଗାଇ ଦେଉଥିବା ଗଣମାଧ୍ୟମରେ ଡିଣ୍ଡିମ ପିଟୁଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତର ଚାନ୍ଦପଡ଼ା ଗ୍ରାମରେ ଦଳିତ ପରିବାର ଜଟିଆ ସେଠୀଙ୍କ ନିଜସ୍ୱ ଜାଗା ନ ଥିବାରୁ ସରକାରୀ ଜାଗାରେ ଜରିପାଲ ପକାଇ ଦୀର୍ଘ ୪୦ ବର୍ଷ ହେଲାଣି ପତ୍ନୀ ଅଖାରୀ, ପୁଅ, ଝିଅ ୪ ପ୍ରାଣୀ କୁଟୁମ୍ବ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି।



୧୯୯୯ ମହାବାତ୍ୟା, ଫନି, ହୁଡ୍‌ହୁଡ୍ ଆଦି ସାମୁଦ୍ରିକ ଝଡ଼ରେ ଜରିପାଲ ଗୃହ ଧରାଶାୟୀ ହୋଇଗଲା। ତହସିଲ୍‌ଦାର, ବିଡିଓ ତଦନ୍ତ କରିଥିଲେ ମଧ୍ୟ ଆର୍ଥିକ ସହାୟତା ଦେଇ ନ ଥିଲେ। ସେହିପରି କଣାସ ବ୍ଲକ୍‌ରେ ଅନେକ ଅସହାୟ ଦିନ ମଜୁରିଆଙ୍କ ନିଜସ୍ୱ ଜାଗା ନ ଥିବାରୁ ଆବାସ ଗୃହରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଜଟିଆ ବାରମ୍ବାର ଜାଗା ଏବଂ ଆବାସ ଗୃହ ପାଇଁ ତହସିଲ୍‌ଦାର ଓ ବିଡିଓଙ୍କ ନିକଟରେ ଦାବି କରି ଆସିଥିଲେ ମଧ୍ୟ ନିରାଶ ହୋଇ ରହିଛନ୍ତି। ତୁରନ୍ତ ତାଙ୍କୁ ବାସଗୃହ ପାଇଁ ଜାଗା ଦେବା ସହ ଆବାସ ଗୃହ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି, ଜଟିଆ ସେଠୀଙ୍କର ନିଜସ୍ୱ ଜାଗା ନ ଥିବା ହେତୁ ଆବାସ ଗୃହ ପାଇବାରୁ ବଞ୍ଚିତ ହେଉଛନ୍ତି। କିପରି ତାଙ୍କୁ ଘରଡିହ ଓ ଆବାସ ଗୃହ ଯୋଗାଇ ଦିଆଯିବ ସେ ନେଇ ମୁଁ ଚେଷ୍ଟା କରୁଛି।

● ବନାଖଣ୍ଡି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ସମ୍ବେଦନଶୀଳ ଘଟଣାକୁ ଲୁଚାଉଛନ୍ତି ବିଡିଓ

### ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟରେ ନାହିଁ ତଥ୍ୟ

ଗୋପ,୧୮।୯ (ସମିସ): ସମ୍ବେଦନଶୀଳ ତଥ୍ୟ ଲୁଚାଉଛନ୍ତି ଗୋପ ବିଡିଓ। ଗୋପ ବ୍ଲକ୍‌ର ଜଣେ ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ତଥ୍ୟ ଲୁଚାଇଥିବା ଅଭିଯୋଗ ହୋଇଛି। ବିଜେପି ସମର୍ଥିତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାପ ଯୋଗୁଁ ଏଭଳି ତଥ୍ୟ ଲୁଚାଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ବିଡିଓଙ୍କ ନିକଟରେ ଉପଜିଲ୍ଲାପାଳଙ୍କ ଚିଠି ଦୁଇ ଦିନ ପୂର୍ବରୁ ପହଞ୍ଚିଥିଲା ବେଳେ କ'ଣ ପାଇଁ ଗ୍ରାମ ପଞ୍ଚାୟତ ସମ୍ପ୍ରସାଣ ଅଧିକାରୀ (ଜିପିଇଓ)ଙ୍କ ନିକଟରେ ପହଞ୍ଚିନି ତାହା ତଦନ୍ତସାପେକ୍ଷ ହୋଇପଡ଼ିଛି। ସୂଚନା ମୁତାବକ, ଗୋପ ବ୍ଲକ୍ ଅଧୀନ ବନାଖଣ୍ଡି ପଞ୍ଚାୟତ ସରପଞ୍ଚ ପ୍ରଜ୍ଞା ପରମିତା ନାୟକଙ୍କ ନାମରେ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ୱାର୍ଡ ସଭ୍ୟ ଅନାସ୍ଥା ଲାଗି ଉପଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ପରେ ଏହାକୁ ବିଚାରକୁ ନେଇ ଉପଜିଲ୍ଲାପାଳ ରାଜ କିଶୋର ଜେନା ପତ୍ର ସଂଖ୍ୟା ୯୯୪୮ରେ ଗୋପ ବ୍ଲକ୍‌କୁ ଚିଠି କରିଥିବାବେଳେ ବିଡିଓ ଏହି ଚିଠିକୁ ଚାପି ଦେଇଥିବା ଅଭିଯୋଗ ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀନିବାସ ମହାନ୍ତି ତାଙ୍କ ନିକଟରେ କୌଣସି ଖବର ନ ଥିବା କହିଥିବାବେଳେ ବିଡିଓଙ୍କ ନିକଟରେ ଉପଜିଲ୍ଲାପାଳଙ୍କ ଚିଠି ପହଞ୍ଚିଛି। ମାତ୍ର ବିଭାଗ ନିକଟରେ ପହଞ୍ଚି ନ ଥିବା କହିଛନ୍ତି ଜିପିଇଓ। ଉପଜିଲ୍ଲାପାଳଙ୍କ ଏଭଳି ସମ୍ବେଦନଶୀଳ ଚିଠିକୁ ବିଡିଓଙ୍କ ଅଣଦେଖା ଘାଟଣାକୁ ନେଇ ଗୋପ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି।

## ସୁରେନ୍ଦ୍ର ପ୍ରଧାନ ଆମ୍ବ ଅଧ୍ୟକ୍ଷ ମନୋନୀତ



ସାକ୍ଷୀଗୋପାଳ,୧୮।୯ (ସମିସ): ସତ୍ୟବାଦୀ ବ୍ଲକ୍ ଆମ୍ବ କମିଟି ଅଧ୍ୟକ୍ଷ ରୂପେ ସୁରେନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ସେହିପରି ଶ୍ରୀଧର ବିଶ୍ୱାଳ ଓ ଅଶୋକ ରାଉତରାୟ ପୁରୀ ଜିଲ୍ଲା କମିଟି ସଦସ୍ୟ ରୂପେ ମନୋନୀତ ହୋଇଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ବିଶ୍ୱନାଥପୁର ସରପଞ୍ଚ ସର୍ବେଶ କୁମାର ଷଡ଼ଙ୍ଗୀ, ମଧୁବନ ସମିତିସଭ୍ୟା ସୁବାସ ଚନ୍ଦ୍ର ଜେନା, ଗାୟତ୍ରୀ ନନ୍ଦ, ବିଷ୍ଣୁ ବେହେରା ପ୍ରମୁଖଙ୍କ ସମେତ ୨୨ ଜଣ ଆମ୍ବ କମିଟି ସଭ୍ୟସଭ୍ୟା ରୂପେ ମନୋନୀତ ହୋଇଛନ୍ତି।

### ଏସ୍‌ଏଚ୍‌ଜିର ପୁନର୍ଗଠନ ପ୍ରଣାଳୀ ବନ୍ଦ କରିବାକୁ ଦାବି

## ବ୍ଲକ୍ ଆଗରେ ୩୨ ପଞ୍ଚାୟତର ଏସ୍‌ଏଚ୍‌ଜି ସଭ୍ୟାଙ୍କ ଧାରଣା

ନିମାପଡ଼ା,୧୮।୯ (ସମିସ): ନିମାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସୁରକ୍ଷା ପ୍ରକଳ୍ପସ୍ତରୀୟ ମହାସଂଘ ଅଧୀନରେ କାର୍ଯ୍ୟ କରୁଥିବା ୩୨ଟି ପଞ୍ଚାୟତର ସମସ୍ତ ଏଏଚ୍‌ଜି, ସିଏଲ୍‌ସି, ଜିପିଏଲ୍‌ଏଫ୍, ବିଏଲ୍‌ଏଫ୍, ଇସି କର୍ମକର୍ତ୍ତାମାନଙ୍କର ପୁନର୍ଗଠନ କାର୍ଯ୍ୟବନ୍ଦ କରିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଚିଠି ନମ୍ବର ୨୫୪୬୨ ଡବ୍ଲୁପିସି ସହ ଆଇଏ ନମ୍ବର ୧୫୬୮୩ ଅନୁସାରେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଗ୍ରୁପ୍‌ର କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ୩୨ଟି ପଞ୍ଚାୟତରେ ବେଆଇନ ଭାବେ କରାଯାଇଥିବା ପୁନର୍ଗଠନ



ଧାରଣାରେ ଯୋଗଦେଲା ବିଜେଡି

ବନ୍ଦ କରିବାକୁ ଦାବି କରି ଧାରଣାରେ ବସିଥିଲେ। ପ୍ରଗତୀ ବରାଳ, ଜ୍ୟୋତ୍ସ୍ନା ସ୍ୱାଇଁ, ଅନୁପମା ନାୟକ, ପ୍ରେମଶିଳା ମିଶ୍ର, ରେଣୁବାଳା ମାଝୀଙ୍କ ସମେତ ଶତାଧିକ ମହିଳା ଧାରଣାରେ ବସିଥିଲେ। ଧାରଣାରେ ବସିଥିବା ମହିଳାମାନଙ୍କୁ ସମର୍ଥନ ଜଣାଇ ବିଜେଡି ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ସସ୍ମିତା ନାୟକ, ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ବିଜେଡି ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ଯୁବନେତା ମାନସ ପ୍ରଧାନ, ଚିନ୍ତାମଣୀ ବରାଳଙ୍କ ସମେତ ମହିଳା କାର୍ଯ୍ୟକର୍ତ୍ତା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ ଓ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ସହ ଆଲୋଚନା କରିବା ପରେ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ କାର୍ଯ୍ୟ କରାଯିବ ବୋଲି ବିଡିଓ ଡ. ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଓହରିଥିଲେ।

## ସର୍ବଭାରତୀୟ ଟେନିସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ


ସାକ୍ଷୀଗୋପାଳ,୧୮।୯ (ସମିସ): ସ୍ଥାନୀୟ ଫୁଲଅଲସାସ୍ଥିତ ସାଇ ଏକାଡେମୀ ଟେନିସ୍ କୋର୍ଟଠାରେ ଚାରିଦିନ ବ୍ୟାପୀ ଅନୁଷ୍ଠିତ ସର୍ବଭାରତୀୟ ଟେନିସ୍ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ପ୍ରମୁଖ ବିଭିନ୍ନ ରାଜ୍ୟରୁ ୨୦ ଜଣ ପୁରୁଷ ସର୍ବଭାରତୀୟ ଟେନିସ୍ ସଂଘ ପଞ୍ଜୀକୃତ ଟେନିସ ଖେଳାଳି ଅଂଶଗ୍ରହଣ କରିଥିଲେ। ଗୁରୁବାର ଫାଇନାଲ୍ ମ୍ୟାଚ୍‌ରେ ଛତିଶଗଡ଼ର ୧୬ ବର୍ଷରୁ କମ୍ ବର୍ଗର ବାଳକ ମହମ୍ମଦ ଆରିଜ ଖାନ୍ ୬-୧, ୬-୨ ସେଟ୍‌ରେ ପଶ୍ଚିମବଙ୍ଗର ସୟଦ ଫାଇଜାନ ହୁସେନଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ୧୮ ବର୍ଷରୁ କମ୍ ବର୍ଗର ବାଳକ ମଧ୍ୟରୁ ଅର୍ଣ୍ଣବ ଚୌଧୁରୀ ୭-୫, ୬-୩ ସେଟ୍‌ରେ ଛତିଶଗଡ଼ର ମହମ୍ମଦ ଆରିଜ୍ ଖାନ୍‌ଙ୍କୁ ପରାସ୍ତ କରି ବିଜେତା ଘୋଷିତ




ହୋଇଛନ୍ତି। ଏହି ଫାଇନାଲ୍ ମ୍ୟାଚ୍‌ରେ ପୁରୀ ଫାର୍ମାସୀ ମହାବିଦ୍ୟାଳୟର ଚେୟାରମ୍ୟାନ୍ ଅନିମା ଦାଶ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ତଥା ଜ୍ୟୋତିର୍ବିତ୍ କୈଳାସ ଚନ୍ଦ୍ର ମିଶ୍ର ଓ ଗୋ ଫେଡେରେସନ ଅଫ୍ ଇଣ୍ଡିଆର ଜାତୀୟ ନିରୀକ୍ଷକ ଚନ୍ଦନ ପାଣ୍ଡେ ଯୋଗଦେଇ ବିଜେତାମାନଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାର୍ମାସୀ ମହାବିଦ୍ୟାଳର ସମ୍ପାଦକ ଙ୍. ରୋଜା ପ୍ରିୟଦର୍ଶୀ, ସାଇ ଏକାଡେମୀର ସଭାପତି ସୁଶ୍ରୀ ପ୍ରିୟଦର୍ଶିନୀ ପାଣି, ସାମ୍ବାଦିକ ପ୍ରମୋଦ କୁମାର ଦାଶ, ନାଲ୍‌କୋର ଅବସରପ୍ରାପ୍ତ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ରେଫରୀ ଯତୀନ ବାଛ୍ୟା, କୋଚ୍ ବିଶ୍ୱଜିତ୍ ଦାସ ଓ ଫିଜିଓଥେରାପିଷ୍ଟ ସ୍ନେହାଶିଷ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା। ବିଜେତାମାନେ ଆଇଟାର ୨୫ ପଏଣ୍ଟ ପାଇଥିଲାବେଳେ ରନର୍ସଅପ୍ ୨୦ ପଏଣ୍ଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

୧୮/୯/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୦୫,୦୧୯/- ସୁନା: ୦୩.୬୫୦ ଗ୍ରାମ୍ ରୁପା: ୨୫୬.୪୦୦ ଗ୍ରାମ୍





● ବାଲିହରଚଣ୍ଡୀ ଗଣଦୁଷ୍କର୍ମ ମାମଲା

## ପୀଡ଼ିତାଙ୍କ ପରିବାରକୁ ଭେଟିଲା ନାରୀ ନ୍ୟାୟ ବାହିନୀ



ପୁରୀ,୧୮।୯(ସମିସ): ବାଲିହରଚଣ୍ଡୀ ଗଣଦୁଷ୍କର୍ମ ମାମଲାର ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଆସୁଛି। ଏଭଳି ସ୍ଥିତିରେ ଗୁରୁବାର ନାରୀ ନ୍ୟାୟ ବାହିନୀର ଆବାହକ ଡ. ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ପରିବାର ଓ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଏହା ପରେ ପୁରୀ ସଦର ଥାନା ଓ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ଓ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ନିମନ୍ତେ ସେମାନେ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ମଧୁସ୍ମିତା ଦାସ, ସୂର୍ଯ୍ୟସ୍ମିତା ପଣ୍ଡା, ଶେଫାଳି ଶର୍ମା, ସୃଷ୍ଟି ସୋମେନ, ସଂଯୁକ୍ତା ବେହେରା ପ୍ରମୁଖ ସାମିଲ ଥିଲେ।

## ଫେରାର୍ ୬ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

ପୁରୀ,୧୮।୯(ସମିସ): ପୁରୀ ଜିଲ୍ଲାରେ ଅପରାଧ ଓ ଅପରାଧୀଙ୍କ ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଚାଲିଛି। ଏଥିପାଇଁ ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଚାଲିଛି। ପାର୍ବଣ ଆସୁଥିବାରୁ ଅପରାଧୀମାନେ ସକ୍ରିୟ ହେବାର ସମ୍ଭାବନା ରହିଛି। ତେଣୁ ପୁରୁଣା ମାମଲାରେ ଫେରାର୍ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ 'ଅପରେସନ ଚକ୍ର'କୁ ଜୋର୍‌ଦାର କରିଛି। ଏହି କ୍ରମରେ ଗତ ୨୪ ଘଣ୍ଟା ମଧ୍ୟରେ ୬ ଜଣ ଫେରାର୍ ଅଭିଯୁକ୍ତଙ୍କୁ ବାନ୍ଧିଛି ପୁଲିସ। ଯେଉଁମାନେ ସଙ୍ଗିନ ମାମଲାରେ ସମ୍ପୃକ୍ତ ଥାଇ ଫେରାର୍ ଥିଲେ, ପୁଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ବାଲିଉପରର ଶିବ ନାୟକ। ବ୍ରାଉନ୍‌ସୁଗର ମାମଲାରେ ଫେରାର୍ ଥିବା ଶିବଙ୍କୁ କୁମ୍ଭାରପଡ଼ା ଥାନା ପୁଲିସ ଗିରଫ କରିଛି। ସେହିପରି ଦୁଷ୍କର୍ମ ମାମଲାରେ ଗୌଡ଼ବାଡ଼ ସାହିର ରୁପେନ ଦେବନାଥଙ୍କୁ ବଳିଆପଣ୍ଡା ଥାନା ପୁଲିସ ଧରିଥିବାବେଳେ ବିସ୍ଫୋରଣ ମାମଲାରେ ବାସେଳିସାହି ଥାନା ପୁଲିସ ଶିଖର ବେହେରାଙ୍କୁ ଗିରଫ କରିଛି। ସେ ୧୨ ବର୍ଷ ହେବ ଫେରାର୍ ଥିଲେ। ସେହିପରି ଚୋରି ମାମଲାରେ ଲବଣିଖିଆ ଛକର ହୃଦାନନ୍ଦ ମହାନ୍ତିଙ୍କୁ ବାନ୍ଧିଛି ଟାଉନ ଥାନା ପୁଲିସ। ରାହାଜାନି ଏବଂ ହତ୍ୟା ଉଦ୍ୟମ ମାମଲାରେ ୨ ଜଣ ମହିଳାଙ୍କୁ ଯଥାକ୍ରମେ ବଳିଆପଣ୍ଡା ଏବଂ ବାସେଳିସାହି ଥାନା ପୁଲିସ ଧରିଛି।

# ରାଜ୍ୟରେ ମହିଳା ଅସୁରକ୍ଷିତ, ଅପମାନିତ

### ଏସ୍‌ପିଙ୍କୁ ଦାବିପତ୍ର ଦେଲା ଜିଲ୍ଲା ମହିଳା ବିଜେଡି | ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ମହିଳା ନେତ୍ରୀ



ପୁରୀ,୧୮।୯(ସମିସ)

ରାଜ୍ୟରେ ମହିଳାମାନେ ଆଜି ଅସୁରକ୍ଷିତ। ଓଡ଼ିଶାର ସାମ୍ପ୍ରତିକ ମାମଲାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ଅତ୍ୟାଚାର ଯେପରି କି, ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାରର ହିଂସା ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି। ନ୍ୟାୟ ପ୍ରଦାନରେ ବ୍ୟବସ୍ଥାଗତ ବିଫଳତା ମଧ୍ୟ ପଦାରେ ପଡୁଛି। ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ଗର୍ଜିଛି ମହିଳା ବିଜେଡି। ଗୁରୁବାର ପୁରୀ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ଏ ନେଇ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି ଯେ, ସାମ୍ପ୍ରତିକ ଘଟଣାଗୁଡ଼ିକ ମଧ୍ୟରେ ବାଲେଶ୍ୱରର ଜଣେ କଲେଜ ଛାତ୍ରୀ ଆତ୍ମଦାହ କରିଥିଲେ। ସେ ସୋସିଆଲ ମିଡିଆ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ହସ୍ତକ୍ଷେପ ପାଇଁ ଆକୁଳ ନିବେଦନ କରିଥିଲେ। କିନ୍ତୁ ପରିତାପର ବିଷୟ କେହି ବି ତାଙ୍କୁ ସୁରକ୍ଷା ନ ଦେବାରୁ ସେ ଶେଷରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କଲେ। ଏକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନସ୍ଥଳ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଭୟଙ୍କର ଭାବେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣା ଜାତୀୟ ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଶିରୋନାମା ଆଣିଥିଲା ଏବଂ ଓଡ଼ିଶା ପାଇଁ ଲଜ୍ଜା ଆଣିଥିଲା। ବଳଙ୍ଗା ନାବାଳିକା ପୀଡ଼ିତାଙ୍କ ମୃତ୍ୟୁ ଏବେ ବି ରହସ୍ୟ ଘେରରେ ରହିଯାଇଛି। ସେହିପରି ବାଲିହରଚଣ୍ଡୀ ଜଙ୍ଗଲରେ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ମହିଳାମାନଙ୍କ ପ୍ରତି ଅପମାନଜନକ, ଯୌନ ଏବଂ ଅଶାଳୀନ ମନ୍ତବ୍ୟ ଦେବା ସେମାନଙ୍କ ମାନସିକ ଚାପର ଏକ ପ୍ରମୁଖ କାରଣ ପାଲଟିଛି। ଏଭଳି ଅମାନବୀୟ ଘଟଣାଗୁଡିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନ ନେବା ଏବଂ ନ୍ୟାୟ ନ ମିଳିବା ଯୋଗୁ ମହିଳାମାନେ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛନ୍ତି। ଓଡ଼ିଶାରେ ପ୍ରତିଦିନ ପ୍ରାୟ ୧୫ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହେଉଛି। ଚିନ୍ତାଜନକ ବିଷୟ ହେଉଛି ଗତ ୯ ମାସରେ ରାଜ୍ୟରେ ୨୦,୦୦୦ରୁ ଅଧିକ ମହିଳା ନିଖୋଜ ହେବା ମାମଲା ପଞ୍ଜିକୃତ ହୋଇଛି, ସେଥିମଧ୍ୟରୁ କେବଳ ୭,୦୪୮ ଜଣଙ୍କୁ ଠାବ କରାଯାଇଛି। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ରାଜ୍ୟରେ ମହିଳା ସୁରକ୍ଷା ଏବଂ ନ୍ୟାୟ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ବିଜେଡି ମହିଳା ନେତ୍ରୀମାନେ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ମହିଳା ଅସୁରକ୍ଷିତକୁ ନେଇ ଉପମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି ପୁରୀ ଜିଲ୍ଲା ମହିଳା ବିଜେଡି କର୍ମକର୍ତ୍ତା। ପୁରୀ ଜିଲ୍ଲାରେ ବଳଙ୍ଗା, ବାଲିହରଚଣ୍ଡୀ ଘଟଣା ଆଜି ଜିଲ୍ଲାକୁ ନିନ୍ଦିତ କରିଛି। ତେଣୁ ଉପମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କହିଛନ୍ତି ବିଜେଡି ନେତ୍ରୀ ପୁଷ୍ପାଞ୍ଜଳି ରଣା। ବିଜେଡି ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଜିଲ୍ଲାର ମହିଳା ନେତ୍ରୀ ଶାନ୍ତିଲତା ପ୍ରଧାନ ପ୍ରମୁଖ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ୨୦ରେ ବିଧାନସଭା ଘେରିବେ ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ

ପୁରୀ,୧୮।୯(ସମିସ): ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଲାଣି। ପ୍ରାଥମିକ ବିଦ୍ୟାଳୟରେ ନା ଭିତ୍ତିଭୂମି ଅଛି ନା ଶିକ୍ଷକ। ଏହି ସ୍ଥିତିରେ ସରକାର ନୂଆ ଶିକ୍ଷା ନୀତି ଲଗାଇଛନ୍ତି। ଶିଶୁ ବାଟିକା ଖୋଲିଦେଇ ଚୁପ୍ ହୋଇ ବସିଛନ୍ତି। ବର୍ତ୍ତମାନ ସୁଦ୍ଧା ଶିଶୁ ବାଟିକାରେ କୌଣସି ଶିଶୁ ସେବିକା ନିଯୁକ୍ତି କରି ନ ଥିବାରୁ ଶିଶୁ ଶ୍ରେଣୀର ପିଲାମାନେ ବସି ବସି ଫେରୁଛନ୍ତି। ସରକାର ପିଲାମାନଙ୍କୁ ଠକିଛନ୍ତି ତା' ନୁହେଁ ଶିକ୍ଷକମାନଙ୍କୁ ମଧ୍ୟ ଠକିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ କମ୍ ଦରମା ଦେଇ ସ୍କିମ୍‌ରେ ଶିକ୍ଷକ ନିଯୁକ୍ତି କରି ସେମାନଙ୍କୁ ଶୋଷଣ କରୁଛନ୍ତି। ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକମାନେ କେନ୍ଦ୍ରୀୟ ହାରରେ ଦରମା ପାଉଥିବାବେଳେ ଆମ ରାଜ୍ୟରେ ସର୍ବନିମ୍ନ ଦରମା ଦିଆଯାଉଛି। ସବୁ ବିଭାଗର କର୍ମଚାରୀଙ୍କ ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରାଯାଇଥିବାବେଳେ ପ୍ରାଥମିକ ଶିକ୍ଷକମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଆନ୍ଦୋଳନସ୍ଥଳକୁ ଆସି ତାଙ୍କ ସରକାର କ୍ଷମତାକୁ ଆସିଲେ ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଠିବ, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରାଯିବ, କେନ୍ଦ୍ରୀୟ ହାରରେ ଦରମା ଦିଆଯିବ ଓ ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃପ୍ରଚଳନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଶାସନ କ୍ଷମତାକୁ ଆସିବାର ୧୫ ମାସ ପରେ କୌଣସି ଦାବି ପୂରଣ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଘ ୩ ଦଫା ଦାବି ପୂରଣ ନିମନ୍ତେ ଆସନ୍ତା ୨୦ ତାରିଖରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଆନ୍ଦୋଳନରେ ଜିଲ୍ଲାର ସମସ୍ତ ଏନ୍‌ପିଏସ୍ ଶିକ୍ଷକ ଯୋଗଦେବେ ବୋଲି ଜିଲ୍ଲା ସମ୍ପାଦକ ସୁଧାଂଶୁ ଶେଖର ନାୟକ, ସଭାପତି ନୃସିଂହ ଚରଣ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଦୟାନିଧି ମାର୍ଥା, ଶରତ ସେଠୀ, ମକସୁଦ ହୁସେନ, ଜମ୍ବେଶ୍ୱର ବେହେରା, ଖଗେଶ୍ୱର ଜେନା ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ,୧୮।୯(ସମିସ): ପୁଣି ଭାଇରାଲ୍ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ଶୁଭ୍ରାଂଶୁ ନାମକ ଜଣେ ଯୁବକ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ଫଟୋ ଅପ୍‌ଲୋଡ୍ କରି ନିଜ ଆକାଉଣ୍ଟକୁ ପ୍ରାଇଭେଟ୍ କରି ଦେଇଛନ୍ତି। କେତେବେଳେ ଡ୍ରୋନ୍ କ୍ୟାମେରା ତ ପୁଣି କେତେବେଳେ ହିଡେନ୍ ସ୍ପାଏ କ୍ୟାମେରା ବ୍ୟବହାର କରି ଶ୍ରୀମନ୍ଦିର ଭିତର ବେଢ଼ା ଓ ବାହାର ବେଢ଼ା ଫଟୋ ଓ ଭିଡିଓ ଭାଇରାଲ ହେଉଛି। ଶ୍ରୀମନ୍ଦିର ଭିତରକୁ ସ୍ମାର୍ଟ ବା ଆଣ୍ଡ୍ରଏଡ୍ ଫୋନ୍ ନେବା ଉପରେ କଟକଣା ଥିବାବେଳେ ଅଧିକାଂଶ ସମୟରେ ଶ୍ରୀମନ୍ଦିର ଭିତରକୁ ସ୍ମାର୍ଟ ଫୋନ୍ ଯାଇ ପରେ ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହା ଜିଲା ସୁରକ୍ଷା ବ୍ୟବସ୍ଥା ସହ ଶ୍ରୀମନ୍ଦିରର ସୁରକ୍ଷା ଓ ନିରାପତ୍ତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ଅପ୍‌ଲୋଡ୍‌କାରୀଙ୍କୁ ପୁଲିସ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଯୋଗାଭ୍ୟାସ ପାଇଁ ବଢୁଛି ଆଗ୍ରହ

ପୁରୀ,୧୮।୯(ସମିସ): ପ୍ରତେକ ମନୁଷ୍ୟ ସୁସ୍ଥ, ନିରୋଗ ଓ ନିରାମୟ ଜୀବନଯାପନ କରିବା ପାଇଁ ଚାହିଁଥା'ନ୍ତି। କିନ୍ତୁ ଦୈନନ୍ଦିନ ଖାଦ୍ୟପେୟରେ ଅସଞ୍ଜମତା ହେତୁ ବିଭିନ୍ନ ରୋଗର ଶିକାର ହୋଇଥା'ନ୍ତି। ଏଥିରୁ ଦୂରେଇ ରହିବାକୁ ହେଲେ ଯୋଗାଭ୍ୟାସ ଜରୁରୀ। ଯୋଗ ଦ୍ୱାରା ହିଁ ସବୁ ରୋଗର ମୁକାବିଲା କରିହୁଏ। ଏଥିପାଇଁ ଯୋଗର ଆଦର ବଢୁଛି। ପୁରୀବାସୀଙ୍କ ମଧ୍ୟରେ ଏହି ଆଗ୍ରହ ଦେଖିବାକୁ ମିଳୁଛି। ଫଳସ୍ୱରୂପ ସହରରେ ଖୋଲୁଛି ନୂଆ ନୂଆ ଯୋଗ ଶିବିର। ସହର ଉପକଣ୍ଠ ସୁଜାତା ନଗର (ଫେଜ୍-୨) ମାଟିତୋଟାରେ ଭାରତୀୟ ଯୋଗ ସଂସ୍ଥାନର ଏକ ନିଃଶୁଳ୍କ ଯୋଗ କେନ୍ଦ୍ର ଓଡ଼ିଶା ପ୍ରାନ୍ତ ଅଧିକାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର, ପୁରୀ ଯୋଗ ଜିଲ୍ଲା ପ୍ରଧାନ ମନମୋହନ ମହାପାତ୍ର, ମନ୍ତ୍ରୀ ସଦାଶିବ ଦାଶ, ସଂଗଠନ ମନ୍ତ୍ରୀ ନିରଞ୍ଜନ କୁମାର ରାଉତ, କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା, କେନ୍ଦ୍ର ଉପପ୍ରମୁଖ ସୁକାନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଅଧିକାରୀ, ସାଧକ, ସାଧିକା ୪୦ ଜଣ ଏଥିରେ ଯୋଗଦେଇଥିଲେ।

ଆରମ୍ଭରେ ଦୀପ ପ୍ରଜ୍ୱଳନ, ସରସ୍ୱତୀ ବନ୍ଦନା, ଗାୟତ୍ରୀ ମନ୍ତ୍ରପାଠ କରାଯାଇଥିଲା। ଅଧିକାରୀ ବୃନ୍ଦ ସାମୂହିକ ଯୋଗାଭ୍ୟାସ ପରେ ଦୈନିକ ଯୋଗର ଉପକାରିତା ଉପରେ ଅଲୋକପାତ କରିଥିଲେ। ଯୋଗର ପ୍ରଚାରପ୍ରସାର କରି ନିଜେ ସୁସ୍ଥ ରହି ସମାଜରେ ଅନ୍ୟମାନଙ୍କୁ ସୁସ୍ଥ ଜୀବନଯାପନ କରିବାରେ ସାହଯ୍ୟ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥଲା। ଏହି କେନ୍ଦ୍ର ପୁରୀ ଯୋଗ ଜିଲ୍ଲାର ସପ୍ତମ କେନ୍ଦ୍ର ଭାବରେ ଉଦ୍‌ଘାଟିତ ହୋଇଥିବା ସୂଚନା ମିଳିଛି।

### ଅସ୍ତରଙ୍ଗରୁ ପୁରୀ ଏସି 'ଆମ ବସ୍' ଚଳାଚଳ ବନ୍ଦ; ଯାତ୍ରୀ ହନ୍ତସନ୍ତ

## ପୁନର୍ବାର ଚଳାଇବାକୁ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ଦାବି

ଅସ୍ତରଙ୍ଗ,୧୮।୯(ସମିସ): ବଦଳିଛି ସରକାର; ବଢ଼ିଚି ସାଧାରଣ ଲୋକଙ୍କ ଦୁର୍ଦ୍ଦଶା। ଜନସାଧାରଣ କିପରି ସୁବିଧାରେ ଏବଂ କମ୍ ଭଡ଼ାରେ ପୁରୀକୁ ଯିବାଆସିବା କରିପାରିବେ ସେଥିପାଇଁ ୨୦୨୪ ମାର୍ଚ୍ଚ ୧୭ରେ ପୂର୍ବ ସରକାର ଏକ ସରକାରୀ ଏସି ବସ୍ ଚଳାଇଥିଲେ। ଯାହାର ଭଡ଼ା ଜଣପିଛା ଥିଲା ୧୦ ଟଙ୍କା। କିନ୍ତୁ ନୂତନ ସରକାର କ୍ଷମତାକୁ ଆସିବା ପରେ ସେହି ବର୍ଷ ଜୁଲାଇ ୨୪ ତାରିଖରେ ହଠାତ୍ ବସ୍ ଚଳାଚଳ ବନ୍ଦ କରିଦେଲେ। ଯାହା ପୁରୀ ଯାତ୍ରୀଙ୍କ ମନରେ ଏକ ଶକ୍ତ ଧକ୍କା ଦେଇଥିଲା। ପୁରୀ ଶ୍ରୀମନ୍ଦିର, ଜିଲ୍ଲା କୋର୍ଟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଏସିଏସ୍ କଲେଜ, ଆଇଟିଆଇ କଲେଜ, ସଂସ୍କୃତ ବିଶ୍ୱବିଦ୍ୟାଳୟ ଥିବାରୁ ଏହି ବସ୍‌ର ସୁବିଧା ସମସ୍ତେ ପାଉଥିଲେ। ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଗତ ୧୫ ତାରିଖରେ ଅସ୍ତରଙ୍ଗ ବ୍ଲକ୍‌ର କିଛି ନିର୍ବାଚିତ ପ୍ରତିନିଧି ରାମଚନ୍ଦ୍ର କାଣ୍ଡି, ବୃନ୍ଦାବନ ନାୟକ, ଜିତେନ୍ଦ୍ର ସ୍ୱାଇଁ, କ୍ଷୀରୋଦ କାଣ୍ଡି, ଦୀପକ ପରିଡ଼ା, ରାମ ଚନ୍ଦ୍ର ନାୟକ, ଦୁର୍ଯ୍ୟୟ ମିଶ୍ର, ଶ୍ରୀୟା ବରାଳ, ଶିବ ପରିଡ଼ା କିପରି ପୁନର୍ବାର ସେହି ବସ୍ ଚାଲିବ ସେ ଉଦ୍ଦେଶ୍ୟରେ ବ୍ଲକ୍ ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ତା'ର କିଛି ସୁଫଳ ମିଳି ନ ଥିଲାବେଳେ ଏବେ ସେଇ ବିଷୟ ଉତ୍ଥାପନ କରିଛି ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ। ସଙ୍ଘ ସଭାପତି ବିଶ୍ୱରଞ୍ଜନ ବିଶ୍ୱଶ୍ରୀ ରାଜ୍ୟ ସରକାର, ପରିବହନ ବିଭାଗ ନିକଟରେ ଦାବି କରିଛନ୍ତି କି ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ଅସ୍ତରଙ୍ଗରୁ ପୁରୀକୁ ଚାଲୁଥିବା ଉକ୍ତ ବସ୍‌କୁ ପୁନର୍ବାର ଚଲେଇବା ପାଇଁ। ଏଠାରେ ସୂଚନା ଥାଉକି, ରୁଟ୍‌ରୁ ପ୍ରତ୍ୟାହାର ହୋଇଥିବା ବସ୍ ବର୍ତ୍ତମାନ ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡରେ ଥୁଆ ହୋଇ ଅକାମି ହେବାକୁ ବସିଲାଣି। ତେଣୁ ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

### ପବିତ୍ର ପୁରୀ-ସୁନ୍ଦର ପୁରୀ ପାଇଁ ସମନ୍ୱୟ ବୈଠକ

## ବେଆଇନ ଭାବେ ପାର୍କିଂ କଲେ କାର୍ଯ୍ୟାନୁଷ୍ଠାନ

ପୁରୀ,୧୮।୯(ସମିସ): ପୁରୀ କେବଳ ଏକ ପର୍ଯ୍ୟଟନ ସହର ନୁହେଁ ଏକ ଆଧାତ୍ମିକ କେନ୍ଦ୍ର। ଭାରତର ଚାରିଧାମରୁ ଅନ୍ୟତମ। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ଭକ୍ତ, ପର୍ଯ୍ୟଟକ ଆସିଥା'ନ୍ତି। ସେମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେଥିପ୍ରତି ସମସ୍ତେ ସଚେତନ ହେବା ଦରକାର। ହେଲେ ଛୋଟ ସହର ପୁରୀରେ ପାର୍କିଂକୁ ସୃଷ୍ଟି ହେଉଥିବା ଜାମ୍ ଯୋଗୁଁ ଅନେକ ସମୟରେ ଭକ୍ତ, ପର୍ଯ୍ୟଟକ ଅସନ୍ତୋଷବ୍ୟକ୍ତ କରିଥା'ନ୍ତି। ତେଣୁ ମନଇଚ୍ଛା ପାର୍କିଂ ଯେପରି ନ ହେବ ତା' ଉପରେ ଗୁରୁତ୍ୱ ଦେଇଛନ୍ତି ଏସ୍‌ପି ପ୍ରତୀକ ସିଂ। ଏ ନେଇ ଗୁରୁବାର ସନ୍ଧ୍ୟାରେ ଟାଉନ ଥାନା ସମ୍ମିଳନୀ କକ୍ଷରେ ଏସ୍‌ପି ଶ୍ରୀ ସିଂଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ଥିଲା ଅବାଧ ବା ବେଆଇନ ପାର୍କିଂ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ। ଟୋଇଙ୍ଗ ପ୍ରକ୍ରିୟାକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରାଯିବ। ଏଥିରେ ଏସ୍‌ପି ଶ୍ରୀ ସିଂ କହିଥିଲେ, ପୁରୀ ଭଳି ପବିତ୍ର ସହରକୁ ସୁନ୍ଦର, ସ୍ୱଚ୍ଛ ଏବଂ ବ୍ୟବସ୍ଥିତ



ଢଙ୍ଗରେ ଆଗେଇ ନେବା ସମସ୍ତଙ୍କର ଦାୟିତ୍ୱ। ପୁରୀ ପୌରସଂସ୍ଥା ଓ ପୁଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଦରକାର। ଅବାଧ ପାର୍କିଂ ଦ୍ୱାରା ଯାତାୟାତରେ ବାଧା ସୃଷ୍ଟି ହେଲେ ସହରର ସୌନ୍ଦର୍ଯ୍ୟରେ ହାନୀ ପହଞ୍ଚିଥାଏ। ତେଣୁ ମନଇଚ୍ଛା ଯିଏ ଯେଉଁଠି ଚାହିଁବ ସେଠି ପାର୍କିଂ କରିପାରିବ ନାହିଁ। ଏହାକୁ ବନ୍ଦ କରିବା ଲାଗି କଡ଼ା ନିର୍ଦ୍ଦେଶ ଦେଇଥିଲେ ଏସ୍‌ପି। ପୁଲିସ, ପୌରସଂସ୍ଥା ଏବଂ ଜନସାଧାରଣଙ୍କ ସହଭାଗିତାରେ ସହରର ସୁରକ୍ଷା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯିବ ବୋଲି କହିଥିଲେ।

ବୈଠକରେ ପୌର ଅଧିକାରୀ ଅଭିମନ୍ୟୁ ବେହେରା, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଓ ଟିମ୍, ପୌରସଂସ୍ଥାର ସମସ୍ତ ଟୋଇଙ୍ଗ ଯାନବାହନ ଚାଳକ, ଟ୍ରାଫିକ୍ ଆଇଆଇସି, ଜୟଦୀପ ମହାନ୍ତି, ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ସମେତ ଥାନାଧିକାରୀ ସୁଶାନ୍ତ ସାହୁ, ଗୋକୁଳ ରଞ୍ଜନ ଦାସ, ସଙ୍ଗୀତା ଦାସ, ଶ୍ୱେତପଦ୍ମା ଦାଶ, ଗୀତାଞ୍ଜଳି ନାୟକ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ସୁରେଶ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

## ଗୋମାତାଙ୍କ ସୁରକ୍ଷା ହେବା ଜରୁରୀ



ପୁରୀ,୧୮।୯(ସମିସ): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ପଶ୍ଚିମବଙ୍ଗ ବିଜେପିର ରାଜ୍ୟ ଉପସଭାପତି ସୌମିତ କୁମାର ଦାସ ଗୁରୁବାର ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କରି ଏହାର ପ୍ରତିଷ୍ଠାତା ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ପ୍ରସ୍ତାବ ରଖିଥିଲେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ସରକାରୀ ଜଙ୍ଗଲରେ ସ୍ୱତନ୍ତ୍ର ରୂପେ ନିର୍ଦ୍ଦିଷ୍ଟ ଜାଗାକୁ ଗୋ ଅଭୟାରଣ୍ୟ ଘୋଷଣା କରାଯାଇ ଗୋ-ମାତାମାନଙ୍କୁ ସୁରକ୍ଷିତ ରଖାଯାଉ। ସେଥିପାଇଁ ସରକାରୀ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ସରକାର ଗୋ-ଚାଲାଣ ରୋକିବାରେ ସକ୍ଷମ ହୋଇପାରିବେ। ଏହି ପ୍ରସ୍ତାବକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଗ୍ରହଣ କରିବା ସହିତ ମୁଖ୍ୟମନ୍ତ୍ରୀ ଏବଂ ପଶୁପାଳନ ମନ୍ତ୍ରୀଙ୍କ ସହିତ ବୈଠକ କରାଯିବ ବୋଲି ପ୍ରକାଶ କରିଛନ୍ତି। ସେହିଭଳି ପୁରୀରେ ଥିବା ବେଙ୍ଗଲୀ ସମୁଦାୟଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ରଞ୍ଜିତା ପାଢ଼ୀ, ସୋମା ଦାଶ, ସମୀର ଚାନ୍ଦ, ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ସମୂହ କ୍ରୀଡ଼ା ଉଦ୍‌ଘାଟିତ

ପୁରୀ,୧୮।୯(ସମିସ): ପୁରୀ ଜିଲ୍ଲା ସ୍କୁଲ ପରିସରରେ ୬୯ତମ ଓଡ଼ିଶା ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ବାଳକ, ବାଳିକାମାନଙ୍କ ମୁଷ୍ଟିଯୁଦ୍ଧ, ବ୍ୟାୟାମ, ମାଲ୍‌ଖମ୍ବ କ୍ରୀଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସପନ କୁମାର ଜେନା ଯୋଗଦେଇ ସର୍ବଭାରତୀୟ ସ୍ତରରେ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିବାକୁ ଆଶୀର୍ବଚନ ପ୍ରଦାନ କରିଥିଲେ। ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଜ୍ୟୋତି ପ୍ରସାଦ ପରିଡ଼ା ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ ସହ ଜାତୀୟସ୍ତରରେ ଓଡ଼ିଶାରୁ ୩୨ଟି କ୍ରୀଡ଼ା ଶୃଙ୍ଖଳା ଓ କ୍ରୀଡ଼ାବିତ୍‌ମାନଙ୍କୁ ଉଚ୍ଚକୋଟିର ସୁବ୍ୟବସ୍ଥା ସହ ଜାତୀୟସ୍ତରକୁ ପ୍ରତିନିଧିତ୍ୱ



କରିବେ ବୋଲି ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପୁରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସ୍ୱାଗତ ପୂର୍ବକ କ୍ରୀଡ଼ାବିତ୍‌ମାନଙ୍କୁ କ୍ରୀଡ଼ାରେ ଭବିଷ୍ୟତ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସାମ୍ପ୍ରତିକ ପରିସ୍ଥିତିରେ କ୍ରୀଡ଼ାକୁ ଜୀବିକା କରିବା ଓ ଓଡ଼ିଶା ବିଦ୍ୟାଳୟ ସମୂହର କ୍ରମାଗତ କ୍ରୀଡ଼ା ବିକାଶକୁ ସ୍ୱାଗତ ଜଣାଇ ନବାଗତ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଅଜୟ ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁନ୍ଦରଗଡ଼, ଜୟନ୍ତ କୁମାର ରାୟ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜଗତସିଂହପୁର, ରାମକୃଷ୍ଣ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ କେନ୍ଦୁଝର ଓ କ୍ରୀଡ଼ା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ବିଦ୍ୟାଧର ପ୍ରଧାନ କ୍ରୀଡ଼ାବିତ୍‌ଙ୍କୁ ସଫଳତାର ଆହ୍ୱାନ ଦେଇଥିଲେ। ସଭାଧ୍ୟକ୍ଷ ଶ୍ରୀ ସମରଥ ଶିକ୍ଷା ଓ କ୍ରୀଡ଼ାର ସହଭାଗିତା ଗୁରୁତ୍ୱ ଦେଇ ସୁସ୍ଥ ସମାଜ ପାଇଁ ସୁସ୍ଥ ଶରୀର ଆବଶ୍ୟକ ତାହା ହେଉଛି ବ୍ୟାୟାମ ଓ ଓଡ଼ିଶାରେ ବିଦ୍ୟାଳୟ କ୍ଷେତ୍ରରେ କ୍ରୀଡ଼ାର ବିକାଶ ନିମନ୍ତେ କ୍ରୀଡ଼ାବିତ୍ ଓ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାର ୭ଟି ଜିଲ୍ଲାରୁ ୧୫୦ କ୍ରୀଡ଼ାବିତ୍, ୩୦ ପ୍ରଶିକ୍ଷକ ଓ ୫୦ ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିଛନ୍ତି ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରକାଶ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ଶାରୀରିକ ଶିକ୍ଷା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ପରିଚାଳନା କରିଥିଲେ।

## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଇଁ ପ୍ରସ୍ତୁତି



ପୁରୀ,୧୮।୯(ସମିସ): ଅକ୍ଟୋବର ୨ରେ ଜିଲ୍ଲାସ୍ତରୀୟ ଗାନ୍ଧିଜୀଙ୍କ ୧୫୬ତମ ଓ ଶାସ୍ତ୍ରିଜୀଙ୍କ ୧୨୧ତମ ଜୟନ୍ତୀ ପାଳିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଦୁଇ ମହାପୁରୁଷଙ୍କ ଜୟନ୍ତୀକୁ ସୁଚାରୁ ରୂପେ ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ସେଦିନ ପ୍ରତ୍ୟୁଷ ୪ଟା ୩୦ରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ୍ ପରିବେଷଣ କରାଯିବ। ସକାଳ ୭ଟା ୩୦ରେ ଗାନ୍ଧୀଘାଟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପରେ ସଦ୍‌ଭାବନା ସଭାଗୃହଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଜୟନ୍ତୀ ସଭା ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯିବ। ପୌରପାଳିକା ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ସଫା କରିବା ସହ ଉତ୍ସବସ୍ଥଳକୁ ସଫାସୁତରା କରିବା, ୱାଟ୍‌କୋ ପକ୍ଷରୁ ପାନୀୟଜଳର ବ୍ୟବସ୍ଥା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଫୁଲ, ଧୂପ, ଦୀପ, ନିମନ୍ତ୍ରଣ ପତ୍ର, ସାର୍ଟିଫିକେଟ, ଫଟୋ ଉତ୍ତୋଳନ, ଜଳଯୋଗ, ପୁରସ୍କାର ପାଇଁ ଟ୍ରଫି ଇତ୍ୟାଦି ବ୍ୟବସ୍ଥା କରାଯିବ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତ୍ତିକା ସଂରକ୍ଷଣ ବିଭାଗର ବୃକ୍ଷରୋପଣ

ପୁରୀ,୧୮।୯(ସମିସ): ପୁରୀ ମୃତ୍ତିକା ସଂରକ୍ଷର ବିଭାଗ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗ ତରଫରୁ ଜିଲ୍ଲାରେ ୧,୫୦୦ ବୃକ୍ଷରୋପଣ କରାଯାଇଛି। ପୁରୀ ସମେତ କଣାସ, ଡେଲାଙ୍ଗ ଓ କୃଷ୍ଣପ୍ରସାଦ ଅଞ୍ଚଳରେ ଏହି ବୃକ୍ଷରୋପଣ ହୋଇଛି। ଏହି ଅବସରରେ ନାନାଦି ଫଳ ଗଛ ଲଗାଯାଇଛି। କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, କୃଷି ବିଭାଗ ସହକାରୀ ଯନ୍ତ୍ରୀ ସନ୍ଧିଗ୍ଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ THE SAKALA

# ମାସୁଦ୍ ମାନିଲା

ଭାରତୀୟ ସଂସଦ, ପଠାନକୋଟ୍, ପୁଲୱାମା ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା ପାକିସ୍ତାନ ପ୍ରାୟୋଜିତ ଓ ପାଳିତ ଜୈସ-ଏ-ମହମ୍ମଦର ପରିବାର ଭାରତୀୟ ସେନାର 'ଅପରେସନ୍ ସିନ୍ଦୂର'ରେ ମୂଳପୋଛ ହୋଇଯାଇଛି। ଏ କଥା ସ୍ୱୀକାର କରିଛି ଖୋଦ୍ ଜୈସ-ଏ-ମହମ୍ମଦର ମୁଖ୍ୟ ମୌଲାନା ମାସୁଦ୍ ଆଝାର। ତେବେ ଭାରତୀୟ ସେନାର ସମ୍ଭାବ୍ୟ ଆକ୍ରମଣ ଅନୁମାନ କରି ପାକିସ୍ତାନ ସେନା ମାସୁଦ୍‌କୁ ଏକ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିଦେଇଥିବାରୁ ସେ ବର୍ତ୍ତିଯାଇଛି। ମାସୁଦ୍‌ର ଏହି ବିଧିବଦ୍ଧ ସ୍ୱୀକାରୋକ୍ତି ଭାରତୀୟ ସେନାର ପରାକ୍ରମ ଉପରେ ମୋହର ମାରିଛି ଏବଂ ପାକିସ୍ତାନର ମୁଖା ଖୋଲିଦେଇଛି।

'ଅପରେସନ୍ ସିନ୍ଦୂର'ରେ ଭାରତୀୟ ବାୟୁସେନା ପିଓକେ ଓ ପାକିସ୍ତାନରେ ୯ଟି ଆତଙ୍କବାଦୀ ତାଲିମ୍ କେନ୍ଦ୍ର ଉପରେ ତ୍ରୁଟିଶୂନ୍ୟ ଆକ୍ରମଣ କରିଥିଲା। ସେଥିମଧ୍ୟରେ ମୁଖ୍ୟ ଥିଲା ବାହାୱଲପୁର ସ୍ଥିତ ଜାମିଆ ମସ୍‌ଜିଦ୍ ସୁବାନାଲ୍ଲା କମ୍ପ୍ଲେକ୍ସ। ସେଠାରେ ଜୈସ୍-ଏ-ମହମ୍ମଦର ମୁଖ୍ୟ କାର୍ଯ୍ୟାଳୟ ଥିଲା ଏବଂ ପ୍ରାୟ ୬୦୦ ଆତଙ୍କବାଦୀଙ୍କୁ ତାଲିମ୍ ଦିଆଯାଉଥିଲା। ଭାରତୀୟ ବାୟୁସେନା ଆକ୍ରମଣରେ କମ୍ପ୍ଲେକ୍ସଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ସେଠାରେ ଥିବା ସମସ୍ତ ଆତଙ୍କବାଦୀ ନିପାତ ହୋଇଥିଲେ। ଅପରପକ୍ଷରେ ତାହାକୁ ଏକ ଆବାସିକ କୋଠା ଦର୍ଶାଇ ନିରୀହ ନାଗରିକଙ୍କ ଉପରେ ଭାରତ ପ୍ରହାର କରିଛି ବୋଲି ପାକିସ୍ତାନ ସ୍ପଷ୍ଟୀକରଣ ଦେଇଥିଲା। ଭାରତୀୟ ସେନାର ଦୁର୍ବଳତା ଓ ବିଫଳତା ପ୍ରଦର୍ଶନ କରିବାକୁ ଯାଇ ପାକିସ୍ତାନ ଏଭଳି ମିଥ୍ୟାଳାପ କରିଥିଲେ ହେଁ 'ଅପରେସନ୍ ସିନ୍ଦୂର' ପରବର୍ତ୍ତୀ ପାକିସ୍ତାନରେ ଗଣକବର ପ୍ରକ୍ରିୟାରେ ମାସୁଦ୍ ଓ ପାକିସ୍ତାନୀ ସେନାମୁଖ୍ୟ ସାମିଲ୍ ହେବାର ଦୃଶ୍ୟ ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହେବା ପରେ ଜୈସ-ଏ-ମହମ୍ମଦ ସମେତ ଆତଙ୍କବାଦୀ ନିପାତ ହୋଇଥିବା ଏବଂ ପହଲଗାମ୍ ଆକ୍ରମଣ ପଛରେ ପାକିସ୍ତାନର ସମ୍ପୃକ୍ତି ପ୍ରମାଣ ଆହୁରି ଦୃଢ଼ ହୋଇଥିଲା, ଯାହାକୁ ଏବେ ମାସୁଦ୍ ସରକାରୀ ମୋହର ମାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିସହିତ 'ଅପରେସନ୍ ସିନ୍ଦୂର'ର ସଫଳତାକୁ ନେଇ ଯେଉଁ କେତେକ ପ୍ରଶ୍ନ ଉଠିଥିଲା ତାହା ସବୁଦିନ ପାଇଁ ସମାଧି ନେଇଛି।

ତେବେ ଭାରତୀୟ ସେନାର ସଫଳତାକୁ ପାକିସ୍ତାନ ମାଟିରେ ତା'ର ଗେହ୍ଲାପୁଅ ମାସୁଦ୍ ବର୍ଣ୍ଣନା କରିବା ସ୍ୱାଭାବିକ ଭାବେ ଏତେ ସହଜରେ ବିଶ୍ୱସନୀୟ ଓ ଗ୍ରହଣୀୟ ହୋଇପାରୁନି। ନିଜ ପରିବାରର ଧ୍ୱଂସଲୀଳା ବଖାଣିବା ବେଳେ ପାକିସ୍ତାନ ସେନାର ମିଛ ଧରାପଡ଼ିଯିବ ଏବଂ ପାକିସ୍ତାନ ପ୍ରତି ଏହା ପରାଜୟ ଜନିତ ଅପମାନସୂଚକ ହେବ, ତାହା କ'ଣ ମାସୁଦ୍ ଅନୁମାନ କରି ନଥିବ? ସେ ଏତେ ମୂର୍ଖ ନୁହେଁ। ତେଣୁ ପ୍ରଘଟ ଭିଡିଓଟି ଯେ ଏଆଇ କୌଶଳ ସମ୍ଭୂତ ହୋଇ ନ ଥିବ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ହେଉନାହିଁ। ଯଦି ମାସୁଦ୍‌ର ସ୍ୱୀକାରୋକ୍ତି ସତ ହୋଇଥାଏ ତେବେ ପାକିସ୍ତାନ ନୂଆ ଚାଲ୍ ଖେଳୁଥିବା ନିଶ୍ଚିତ। ତେଣୁ ଭାରତ ଏଥିପ୍ରତି ସଜାଗ ରହିବା ଆବଶ୍ୟକ।

# କେବେ ଚେତିବା?

ହିମାଳୟ ପାର୍ବତ୍ୟାଞ୍ଚଳ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାକୃତିକ ବିପର୍ଯ୍ୟୟ କ୍ରମାଗତ ଭାବେ ଘଟିଚାଲିଥିଲେ ହେଁ ସରକାରୀ ତତ୍ପରତା କେବଳ ବିପର୍ଯ୍ୟୟ ପ୍ରଶମନ ଟିମ୍ ପ୍ରେରଣ, ବିପର୍ଯ୍ୟସ୍ତଙ୍କୁ ଉଦ୍ଧାର ଏବଂ କ୍ଷୟକ୍ଷତିର ପୁନରୁଦ୍ଧାରରେ ସୀମିତ ରହିଯାଇଛି। ଯଦି ବିପର୍ଯ୍ୟୟର କାରଣଗୁଡ଼ିକୁ ଏଡ଼ାଇବାରେ ଆନ୍ତରିକତା ଥା'ନ୍ତା ତେବେ ବିପର୍ଯ୍ୟୟ ପ୍ରଶମନ ତତ୍ପରତାର ଆବଶ୍ୟକତା ହିଁ ପଡ଼ନ୍ତା ନାହିଁ। ବିଡ଼ମ୍ବନା ହେଉଛି ପରିବେଶ ପ୍ରତିକୂଳ ବିକାଶ କାର୍ଯ୍ୟ ଯେ ବିନାଶ ଆଡ଼କୁ ବାଟ କଢ଼ାଇ ନେଉଛି ଏହା ଜାଣି ମଧ୍ୟ ଆମେ ନ ଜାଣିବାର ଅଭିନୟ କରୁଛୁ। ବିପର୍ଯ୍ୟୟକୁ ଆବାହନ କରୁଥିବା ଏହି ବିକାଶ କାର୍ଯ୍ୟ ରାଷ୍ଟ୍ରୀୟ ନୀତି ହୋଇସାରିଥିବାରୁ ତଦ୍‌ଜନିତ ପ୍ରଭାବ ହିମାଳୟ ପାଦଦେଶରୁ ପଶ୍ଚିମଘାଟ ଓ ପୂର୍ବଘାଟ ପାର୍ବତ୍ୟାଞ୍ଚଳକୁ ବ୍ୟାପି ସାରିଲାଣି। ଓଡ଼ିଶାର କଳିଙ୍ଗା ଘାଟିରେ ନିକଟରେ ଘଟିଥିବା ଭୂସ୍ଖଳନ ଆମକୁ ଚେତାଇ ଦେଇଛି ଯେ ଅପରିଣାମଦର୍ଶୀ ବିକାଶରେ ଏବେ ଅଙ୍କୁଶ ଲଗାଇବାର ବେଳ ଆସିଛି। ଚଳିତ ମୌସୁମୀ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡରେ ନାହିଁ ନଥିବା ବିପର୍ଯ୍ୟୟ ଆଣିଛି। ଦିଲ୍ଲୀ, ମୁମ୍ବାଇ ଜଳପ୍ଲାବିତ ହୋଇଛି। ବାଦଲ୍‌ଫଟା ବର୍ଷାର ପ୍ରଭାବ ଏତେ ନଥିଲେ ମଧ୍ୟ ଭୂସ୍ଖଳନ ଓ ବନ୍ୟା ସୂଚାଇ ଦେଉଛି ଯେ ଦାୟିତ୍ୱହୀନ ମାନବିକ କାର୍ଯ୍ୟକଳାପ ଜଳବାୟୁର ଅସ୍ୱାଭାବିକତାକୁ ଆହୁରି ଉତ୍କଟ କରୁଛି ଏବଂ ସେଥିରେ ଧନଜୀବନର ବ୍ୟାପକ କ୍ଷୟକ୍ଷତି ଘଟୁଛି।

ଭିତ୍ତିଭୂମି ବିକାଶ କଥା ଚିନ୍ତା କଲା ବେଳେ ନୀତି ନିର୍ଦ୍ଧାରକମାନେ ଏ କଥା ମଧ୍ୟ ସ୍ମରଣକୁ ଆଣିବା ଆବଶ୍ୟକ ଯେ ଜଳବାୟୁ ଅସ୍ୱାଭାବିକ ପରିବର୍ତ୍ତନ ପ୍ରଭାବରୁ ସହରାଞ୍ଚଳ ମଧ୍ୟ ମୁକ୍ତ ନୁହେଁ। ଭବିଷ୍ୟତ ଭାରତ ଗଠନରେ ସହରୀ ସଭ୍ୟତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଅପରପକ୍ଷରେ ଦ୍ରୁତ ସହରୀକରଣ ହିଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟକୁ ଡାକି ଆଣୁଛି। ତେଣୁ ପରିବେଶ ଅନୁକୂଳ ସହରୀ ଯୋଜନା ଆଜିର ଆବଶ୍ୟକତା। ଗୃହ ନିର୍ମାଣ ବେଳେ ଉପଯୁକ୍ତ ଦୂରଦର୍ଶୀ ଯୋଜନା ଅଭାବରୁ ସମ୍ପ୍ରତି ଭାରତର ଦୁଇ-ତୃତୀୟାଂଶ ଆବାସିକ କୋଠା ବନ୍ୟା ସଙ୍କଟପ୍ରବଣ। ରାସ୍ତାଘାଟ କଥା ନ କହିବା ଭଲ। ଏଭଳି ଅଦୂରଦର୍ଶୀ ସହରୀକରଣ ଯୋଗୁଁ ଗତବର୍ଷ ଦୁବାଇ ସାମାନ୍ୟ ବର୍ଷାରେ ଇତିହାସରେ ପ୍ରଥମ ଥର ପାଇଁ ବନ୍ୟାପ୍ଲାବିତ ହୋଇଥିଲା। ଏବେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ମେଟ୍ରୋ ସହରର ସ୍ଥିତି ଆମ ଆଖି ଆଗରେ। ମେଟ୍ରୋ ସହର କଥା ଦୂରେ ଥାଉ ଆମ ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ସାମାନ୍ୟ ବର୍ଷାରେ ରାସ୍ତାରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହେଉଛି। ଏଥିପାଇଁ ଜଳବାୟୁର ଅସ୍ୱାଭାବିକତା ତୁଳନାରେ ମାନବୀକୃତ ବନ୍ୟା ଅଧିକ ଦାୟୀ, ଏକଥା ଊଣାଅଧିକେ ସମସ୍ତେ ହୃଦୟଙ୍ଗମ କରିସାରିଲେଣି।

ବେଳ ହୁଁ ତ୍ରୁଟି ନ ସଜାଡ଼ିଲେ ୨୦୭୦ ସୁଦ୍ଧା କେବଳ ସହରୀ ବନ୍ୟାରେ ଭାରତ ୩୦୦୦ କୋଟି ଡଲାର କ୍ଷତି ସହିବ ବୋଲି ଆକଳନ କରାଯାଇଛି। ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ପରିବେଶର ଶୀତଳୀକରଣ ସହିତ ବର୍ଜ୍ୟ ସଂଗ୍ରହ ପରିଚାଳନାରେ ସୁଧାର। କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ବିପର୍ଯ୍ୟୟରୁ ଆମେ ଶିଖିବା କେବେ ଏବଂ ଚେତିବା କେବେ? ଏହି ପ୍ରଶ୍ନର ଉତ୍ତର ନ ମିଳିବା ପର୍ଯ୍ୟନ୍ତ ସମାଧାନର ବାଟ ଆବିଷ୍କୃତ ହୋଇପାରିବ ନାହିଁ।

# ସମ୍ପାଦକୀୟ



ଧର୍ମ କିମ୍ବା ଜାତି ପରିଚୟ ନେଇ କେହି ଜନ୍ମ ହୋଇ ନ ଥା'ନ୍ତି। ତେଣୁ ଆମ ସମସ୍ତଙ୍କର ଧର୍ମ ଓ ଜାତି ନିର୍ବିଶେଷରେ ଗୋଟିଏ ପରିଚୟ ହେବା ଆବଶ୍ୟକ; ତାହା ହେଉଛି - ଭାରତୀୟ।
-ନାନା ପାଟେକର

# ପରିବେଶ ସଙ୍କଟ ସମାଧାନରେ ଜନଜାତିଙ୍କ ଭୂମିକା

ସଭ୍ୟ ଓ ଉନ୍ନତ ଦେଶମାନଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ, ଅପରିଣାମଦର୍ଶୀ ଶିଳ୍ପାୟନ ଓ ସହରୀକରଣ ଏବଂ ପରିବେଶ-ପ୍ରତିକୂଳ ବିକାଶ ଯୋଜନାମାନ ଜଳବାୟୁକୁ କ୍ରମଶଃ ଉଗ୍ର ଓ ଅସ୍ୱାଭାବିକ କରିଚାଲିଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ପ୍ରଭାବ ଜଳ, ସ୍ଥଳ ଆକାଶକୁ ଆଚ୍ଛାଦିତ କରିବା ସହିତ ଧରିତ୍ରୀର ଅମ୍ଳଜାନର ଉତ୍ସ ସବୁଜ ବନାନୀକୁ ଆକ୍ରାନ୍ତ କରିବା ଆରମ୍ଭ କରିଛି। ବିଡ଼ମ୍ବନା ଏହା ଯେ ନୀତି ନିର୍ଦ୍ଧାରକ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ତଥାକଥିତ ଚିନ୍ତାଶୀଳମାନେ ବିକାଶ ନାମରେ ବିନାଶ କାର୍ଯ୍ୟକଳାପ ପ୍ରତି ନିର୍ବିକାର ହୋଇପଡୁଥିବାରୁ ଜଳବାୟୁ ସମ୍ପର୍କିତ ବିଭିନ୍ନ ବିଶ୍ୱଶୀର୍ଷ ସମ୍ମିଳନୀମାନଙ୍କରେ ପରିବେଶ ସୁରକ୍ଷା ପାଇଁ ଯେଉଁ ସଂକଳ୍ପମାନ ପାରିତ ହେଉଛି ତାହା ବାସ୍ତବତାରେ ରୂପାୟନ ହୋଇପାରୁନାହିଁ। ପ୍ରକୃତିର ଏହି ଅସ୍ୱାଭାବିକ ପରିବର୍ତ୍ତନର ପରିଣାମ ଭୋଗୁଛନ୍ତି ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରର ଅଧିବାସୀମାନେ। ବିଶେଷକରି ସହରୀ ମଣିଷର ଏହି ପ୍ରତ୍ୟକ୍ଷ ଓ ପରୋକ୍ଷ କାର୍ଯ୍ୟରେ କ୍ଷତିଗ୍ରସ୍ତ ହେଉଛି ସବୁଜ ବନାନୀ ଏବଂ ସର୍ବାଧିକ ପ୍ରଭାବିତ ଓ ବିପନ୍ନ ହେଉଛନ୍ତି ପ୍ରକୃତିର ସେହି ଅତିଆପଣାର ଆଦିମ ଜନଜାତି ବା ବନବାସୀମାନେ। ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ପରିଚାଳନାରେ ଯେଉଁମାନଙ୍କର ଜ୍ଞାନକୌଶଳ ଉପଯୋଗ କରାଯାଇପାରନ୍ତା ସେମାନଙ୍କୁ କେବଳ ହତାଦର କରାଯାଉନାହିଁ, ପ୍ରକୃତିର କୋଳ ହିଁ ସେମାନଙ୍କଠାରୁ ଛଡ଼େଇ ନିଆଯାଉଛି। ନିଜ ମାଟିରେ ଆପଣାର ପରିବେଶରେ ବଞ୍ଚିବାର ଅଧିକାରରୁ ପ୍ରକୃତିର ସନ୍ତାନମାନେ ବଞ୍ଚିତ ଓ ବିସ୍ଥାପିତ ହେବାଠାରୁ ଆଉ ବଡ଼ ବିଡ଼ମ୍ବନା ସାମ୍ପ୍ରତିକ ବିଶ୍ୱ ମାନବାଧିକାର ପ୍ରସଙ୍ଗରେ ଆଉ କ'ଣ ହୋଇପାରେ?

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପ୍ରସଙ୍ଗ ଆଲୋଚନା କରିବା ବେଳେ ଆଦିମ ଜନଜାତିଙ୍କ ଅଧିକାର ସ୍ୱତଃ ପ୍ରାସଙ୍ଗିକ ହୋଇପଡ଼େ। ଆଦିମ ଅଧିବାସୀଙ୍କ ସହଭାଗିତା ଓ ସହଯୋଗିତା ବିନା ପ୍ରକୃତିର ସୁରକ୍ଷା ଓ ଜଳବାୟୁ ସମସ୍ୟାର ସମାଧାନ ଯେ ସୁଦୂର ପରାହତ ଏହା ଜାତିସଂଘ ମଧ୍ୟ ସ୍ୱୀକାର କରିଛି। ଆଦିମ ଜନଜାତିଙ୍କ ମୌଳିକ ଜ୍ଞାନର ଉପଯୋଗ ଓ ପ୍ରକୃତିର ଭାରସାମ୍ୟ ରକ୍ଷାରେ ସେମାନଙ୍କ ଅବଦାନକୁ ସ୍ୱୀକାର, ସମ୍ମାନ ଓ ସ୍ୱୀକୃତି ଦେବା ବଦଳରେ ସେମାନଙ୍କ ଅଧିକାର ଛଡ଼ାଇ ନେବାରେ ଆମ ତତ୍ପରତାକୁ ଯଦି 'ଶତାବ୍ଦୀର ଅନ୍ୟାୟ' ଭାବେ ଅଭିହିତ କରାଯାଏ, ତେବେ ତାହା ଅତିଶୟୋକ୍ତି ହେବ ନାହିଁ।

ଜାତିସଂଘର ତତ୍କାଳୀନ ମହାସଚିବ ବାନ୍ କି ମୁନ୍‌ଙ୍କ ମତରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଓ ସମସ୍ୟାକୁ ମୁକାବିଲା କରିବାରେ ଜନଜାତି ବର୍ଗର ଭୂମିକା ଉଲ୍ଲେଖନୀୟ ଓ ଗୁରୁତ୍ୱପୂର୍ଣ୍ଣ ହେଲେ ହେଁ ତାହା ଏ ପର୍ଯ୍ୟନ୍ତ ସାର୍ବଜନୀନ ସ୍ୱୀକୃତି ପାଇପାରିନାହିଁ। ଭାରତବର୍ଷରେ ଏଭଳି ଅନେକ ଜନଜାତି ଅଛନ୍ତି, ଯେଉଁମାନେ ପ୍ରାଣୀମାନଙ୍କର ସ୍ୱଭାବ ପରିବର୍ତ୍ତନରୁ ଜଳବାୟୁ ପରିବର୍ତ୍ତନର ନିର୍ଭୁଲ୍ ସଙ୍କେତ ପାଇପାରନ୍ତି। ଉଦାହରଣସ୍ୱରୂପ ତାମିଲନାଡୁ ନୀଳଗିରି ପାର୍ବତ୍ୟାଞ୍ଚଳର ତୋଡା ସମ୍ପ୍ରଦାୟ ପିମ୍ପୁଡ଼ିର ଗତିବିଧିରୁ ମୌସୁମୀର ନିର୍ଭୁଲ ଗଣନା କରିପାରୁଥିବା ଗବେଷକମାନେ ଜାଣିପାରିଛନ୍ତି। ସେହିଭଳି ଆଣ୍ଡାମାନ୍ ନିକୋବରର ଜରୱା ଜନଜାତି ମାଛମାନଙ୍କର ଆଚରଣରୁ ବାତ୍ୟା ଅନୁମାନ କୌଶଳ ପୁରୁଷ ପୁରୁଷ ଧରି ଆୟତ୍ତ କରିଛନ୍ତି। ଏଭଳି ଆହୁରି ଅନେକ ଆଦିମ ଜନଜାତି ସମ୍ପ୍ରଦାୟର ପାରମ୍ପରିକ ମୌଳିକ ଜ୍ଞାନକୌଶଳରେ ଆମ ଭାରତବର୍ଷର ଜ୍ଞାନଭଣ୍ଡାର ସମୃଦ୍ଧ, ଯାହା ସାମ୍ନାରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ମଧ୍ୟ ନତମସ୍ତକ ହେବାକୁ ବାଧ୍ୟ।

କେବଳ ଜଳବାୟୁ ପୂର୍ବାନୁମାନ ନୁହେଁ, ପରିବେଶ ଅନୁକୂଳ ଏବଂ ଜଳବାୟୁ ସହନଶୀଳ କୃଷି ପଦ୍ଧତିରେ ମଧ୍ୟ ଭାରତୀୟ ଜନଜାତିମାନେ ବିଶ୍ୱସ୍ୱୀକୃତି ପାଇବାକୁ ଯୋଗ୍ୟ। ପଶ୍ଚିମଘାଟ ପର୍ବତମାଳାର ଆଦିମ ଜନଜାତିମାନେ ଶସ୍ୟ ଭଣ୍ଡାରଣର ମୌଳିକ ଜ୍ଞାନକୌଶଳ ହେଉ କିମ୍ବା ପୂର୍ବଘାଟ ପର୍ବତମାଳାର ଡୋଙ୍ଗରିଆ କନ୍ଧମାନଙ୍କ ଦ୍ୱାରା ଆଦୃତ ପାରମ୍ପରିକ ଜୈବକୃଷି ଓ ପରିବେଶ ଅନୁକୂଳ କୃଷି ହେଉ, ସେ ସବୁକୁ ଆମେ ଏ ପର୍ଯ୍ୟନ୍ତ ପରିବେଶ ପରିଚାଳନା ଓ କୃଷି ବିଜ୍ଞାନରେ ସ୍ୱୀକୃତି ଦେବାରେ ଅବହେଳା କରିଛୁ, ଏହା ସ୍ୱୀକାର କରିବାକୁ ହେବ। ହିମାଚଳ ପ୍ରଦେଶର ଲାହାହୁଲ୍ ସମ୍ପ୍ରଦାୟ ଶୀତକାଳୀନ କୃଷି ପଦ୍ଧତି ଓ ସେଚ ପରିଚାଳନାରେ ପଟୁତା ହାସଲ କରିଥିବା ବେଳେ ଆସାମର ମିସିଙ୍ଗ ଜନଜାତିଠାରୁ ବନ୍ୟା ନିୟନ୍ତ୍ରଣ, ବିପର୍ଯ୍ୟୟ ପରିଚାଳନାରେ ସଂଘବଦ୍ଧ ଓ ସହଯୋଗ କୌଶଳ ବିପର୍ଯ୍ୟୟ ପ୍ରଶମନ ବିଜ୍ଞାନୀମାନେ ଶିକ୍ଷା କରିବା ଉଚିତ। ବିନା ପାଠ, ବିନା ତାଲିମ୍‌ରେ କେରଳ ଓ ତାମିଲନାଡୁର କଦର ଜନଜାତି ସମ୍ପ୍ରଦାୟ ମହୁ ଓ ଔଷଧୀୟ ଗୁଳ୍ମ ଚାଷ, ମେଘାଳୟର ଖାସି ଜନଜାତିର କୃଷିଜଙ୍ଗଲ ଯୋଜନା, ରାଜସ୍ଥାନର ବିଷ୍ଣୋଇ ସମ୍ପ୍ରଦାୟର ଜଙ୍ଗଲ ଓ ପ୍ରାଣୀ ସୁରକ୍ଷାରେ ଅଙ୍ଗୀକାରବଦ୍ଧତା, ଅରୁଣାଚଳ ପ୍ରଦେଶର ଆପଟାନୀ ଜନଜାତିର ସ୍ମାର୍ଟ ଜଳସେଚନ ପଦ୍ଧତି(ଯେଉଁଥିରେ ଧାନ ଓ ମାଛ ଚାଷ ହୋଇପାରେ) ଭଳି ଜ୍ଞାନକୌଶଳ ଆମ କୃଷି ବିଶ୍ୱବିଦ୍ୟାଳୟର ଗବେଷକ ଓ ବୈଜ୍ଞାନିକମାନେ ଶିଖିବା ଉଚିତ। ଅପରପକ୍ଷରେ ବନବାସୀଙ୍କୁ ବିଶ୍ୱାସକୁ ନ ନେବାର ପରିଣାମ ଓଡ଼ିଶାରେ ବ୍ୟାଘ୍ର ପ୍ରକଳ୍ପର ବିଫଳତା ଏବଂ ବନାଗ୍ନି ପରିସଂଖ୍ୟାନ ବୃଦ୍ଧିରେ ପ୍ରତିଫଳିତ ହେଉଛି।

ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ ଓ ପରିଚାଳନାରେ ଆଦିମ ଜନଜାତିମାନଙ୍କୁ ଅଂଶୀଦାର କରିବା ଏବଂ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ମୌଳିକ ଜ୍ଞାନକୌଶଳକୁ ଉପଯୋଗ କରିବା ଉପରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସଂସ୍ଥା 'ୟୁଏନ୍‌ଏଫ୍‌ସିସିସି' ଏବଂ 'ବାଇଓଡାଇଭର୍ସିଟି କନ୍‌ଭେନ୍‌ସନ୍' ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଜଙ୍ଗଲ ପରିସଂସ୍ଥା ଓ ଜୈବବିବିଧତା ସୁରକ୍ଷାରେ ବନବାସୀଙ୍କ ଅବଦାନକୁ ପ୍ୟାରିସ୍ ଜଳବାୟୁ ଚୁକ୍ତିରେ ମଧ୍ୟ ସ୍ୱୀକୃତି ଦିଆଯାଇଛି। ଅଥଚ ଆନ୍ତରିକତା ଓ ନିଷ୍ଠାର ଅଭାବ ଯୋଗୁଁ ଏ ଦିଗରେ ଯଥେଷ୍ଟ ଅଗ୍ରଗତି ହୋଇପାରିନାହିଁ। ଅପରପକ୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ନଦୀଝରଣା ସ୍ୱାଭାବିକତା ହରାଉଥିବା ବେଳେ ଗ୍ଲାସିୟର ତରଳିବା ଯୋଗୁଁ ସୃଷ୍ଟ ଅଦିନିଆ ବନ୍ୟା ଜନଜାତିଙ୍କ ଦ୍ୱାରା ଆଦୃତ ପାର୍ବତ୍ୟାଞ୍ଚଳ-ଜଙ୍ଗଲ କୃଷି ପ୍ରଭାବିତ ହେବା ସହିତ ସେମାନଙ୍କ ଜୀବନଜୀବିକା ଓ ମାନବିକ ଅଧିକାର କ୍ଷୁଣ୍ଣ ହେଉଛି। ବନାଗ୍ନି, ଖଣି ଖନନ, ସହରୀକରଣ, ଶିଳ୍ପାୟନ ଯୋଗୁଁ ହେକ୍ଟର ହେକ୍ଟର ଜମି ବଳି ପଡୁଥିବା ବେଳେ ପ୍ରଥମ ପ୍ରଭାବିତ ଗୋଷ୍ଠୀ ମଧ୍ୟରେ ଜନଜାତିମାନଙ୍କୁ ବିସ୍ଥାପିତ ହେବାକୁ ପଡୁଛି। କେତେବେଳେ ପୁଣି ବ୍ୟାଘ୍ର ପ୍ରକଳ୍ପ ସେମାନଙ୍କୁ ନିଜ ଭୂମିରୁ ବିତାଡ଼ିତ କରୁଛି। ଗ୍ଲୋବାଲ୍ ଫରେଷ୍ଟ ୱାଚ୍‌ର ବିବରଣୀ ଅନୁଯାୟୀ ଭାରତ ୨୦୦୨-୨୦୨୩ ମଧ୍ୟରେ ପାରମ୍ପରିକ ଜଙ୍ଗଲର ୪.୧% ବା ୪, ୧୪, ୦୦୦ ହେକ୍ଟର ହରାଇଛି। ସମଗ୍ର ଦେଶରେ ବ୍ୟାଘ୍ର ପ୍ରକଳ୍ପ ପାଇଁ ପ୍ରାୟ ୬୪, ୯୦୦ ବନବାସୀ ଉଚ୍ଛେଦ ହୋଇଥିବା ବେଳେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ୩ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହୋଇଛି ଏବଂ ଲକ୍ଷଲକ୍ଷ ସଂଖ୍ୟାରେ ବନବାସୀମାନେ ବିସ୍ଥାପିତ ହୋଇଛନ୍ତି। ଏହା ସେମାନଙ୍କର ଖାଦ୍ୟ ନିରାପତ୍ତା, ଜୀବନଜୀବିକା, ଚାଲଚଳଣି, ଭାଷା, ସଂସ୍କୃତିକୁ ମଧ୍ୟ ବିପନ୍ନ କରୁଛି। ଗତ କୋପ୍ ୨୯ରେ 'ଗ୍ଲୋବାଲ୍ ଆଲାଏନ୍ସ ଅଫ୍ ଟେରିଟୋରିଆଲ୍ କମ୍ୟୁନିଟି(ଜିଏଟିସି)'ର ବନବାସୀଙ୍କ ସ୍ୱାର୍ଥ ଓ ଅଧିକାର ସ୍ୱୀକୃତି ଦାବି ଓ ସ୍ୱରକୁ ମଧ୍ୟ ଉପେକ୍ଷା କରାଯାଇଥିବା ବା ଯଥୋଚିତ ଧ୍ୟାନ ଦିଆଯାଇ ନଥିବା ଅଭିଯୋଗ ହୋଇଛି।

(ସକାଳ ମିଡିଆ ସର୍ଭିସ୍)

# ଅତୀତର ଗୌରବ ଓ ବର୍ତ୍ତମାନର ଆବଶ୍ୟକତା

**ସତ୍ୟଶୋଭନ ଦାସ**

୧୯୧୮ ମସିହାରେ ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନରେ ଖଦି ଓ ଚରଖା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିଲା। ସେହିପରି ଭାରତ ଛାଡ଼ ଆନ୍ଦୋଳନରେ ବିଦେଶୀ ବସ୍ତ୍ର ବର୍ଜନ ବ୍ରିଟିଶ୍ ଶାସନ ବିରୋଧରେ ଏକ ଅମୋଘ ଅସ୍ତ୍ର ଭାବରେ ପରିଗଣିତ ହୋଇଥିଲା। ତେଣୁ ସ୍ୱାଧୀନତା ଆନ୍ଦୋଳନର ଚରଖା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବେ ଜନମାନସରେ ଆଦୃତ ହେଲା। ଭାରତବାସୀ ଏଥିରେ ପ୍ରଭାବିତ ହୋଇ ସ୍ୱଦେଶୀ ବସ୍ତ୍ର ଆପଣେଇଥିଲେ। ସ୍ଥାନୀୟ ବସ୍ତ୍ରଭିତ୍ତିକ ଶିଳ୍ପ ଭାରତକୁ ଦାରିଦ୍ର୍ୟରୁ ଅନେକାଂଶରେ ଉଦ୍ଧାର କରିବା ସହ ଆତ୍ମଗୌରବର ପରିଚୟ ଦେଲା। ଏହା ଭାରତକୁ ମହଙ୍ଗା ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳତାରୁ ମଧ୍ୟ ମୁକ୍ତ କଲା।

ଶିଳ୍ପାୟନ ପରବର୍ତ୍ତୀ ପରିବର୍ତ୍ତନଶୀଳ ଫ୍ୟାଶନ୍ ଧାରା ହସ୍ତତନ୍ତ କପଡ଼ାର ଚାହିଦାକୁ ହ୍ରାସ କରିଛି, ଯାହା ହସ୍ତଶିଳ୍ପ ଏବଂ ତତ୍‌ସହିତ ଜଡ଼ିତ ବର୍ଗଙ୍କ ପାଇଁ ବିପଦ ଆଣିଛି। ସିନ୍ଥେଟିକ୍ କପଡ଼ା ଏବଂ ବିଶ୍ୱ ବ୍ରାଣ୍ଡଗୁଡ଼ିକ ଗ୍ରାହକଙ୍କ ପସନ୍ଦ ଉପରେ ପ୍ରଭାବ ପକାଇବା ସହିତ ବୁଣାକାରମାନଙ୍କ ହସ୍ତଶିଳ୍ପର ଚାହିଦା ହ୍ରାସ ପାଇଛି। ଏହି ହ୍ରାସ କେବଳ ସାଂସ୍କୃତିକ ପରିଚୟକୁ ବିପଦରେ ପକାଇ ନାହିଁ ବରଂ ଗ୍ରାମୀଣ ଜୀବିକାକୁ ମଧ୍ୟ ପ୍ରଭାବିତ କରିଛି। ଚତୁର୍ଥ ଅଖିଳ ଭାରତୀୟ ହସ୍ତତନ୍ତ ଜନଗଣନା (୨୦୧୯-୨୦) ଅନୁଯାୟୀ, ଦେଶରେ ୨୬, ୭୩, ୮୯୧ ଜଣ ହସ୍ତତନ୍ତ ବୁଣାକାର ଏବଂ ୮, ୪୮, ୬୨୧ ଜଣ ସମ୍ପୃକ୍ତ ଶ୍ରମିକ ଅଛନ୍ତି। ଓଡ଼ିଶାରେ ୬୩୨୨୩ ଜଣ ହସ୍ତତନ୍ତ ବୁଣାକାର ପରିବାର ବାସ କରନ୍ତି। ଚାହିଦା ହ୍ରାସ, କମ ମଜୁରୀ ଏବଂ ସମର୍ଥନର ଅଭାବ ଯୋଗୁଁ ଅନେକ କାରିଗର ସେମାନଙ୍କର ତନ୍ତ ପରିତ୍ୟାଗ କରିଛନ୍ତି। ଏହି ପରିବର୍ତ୍ତନ କେବଳ ସାଂସ୍କୃତିକ ଐତିହ୍ୟକୁ ବିପଦରେ ପକାଇ ନାହିଁ ବରଂ ପରିବେଶଗତ ଅବକ୍ଷୟକୁ ମଧ୍ୟ ଡାକି ଆଣୁଛି।

ଚୀନ୍ ପରେ ଭାରତ ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ରେଶମ ଉତ୍ପାଦକ ଏବଂ ରେଶମର ସର୍ବବୃହତ ଗ୍ରାହକ। ଭାରତ ବିଶ୍ୱରେ କପା ଉତ୍ପାଦନର ଦ୍ୱିତୀୟ ଏବଂ ବିଶ୍ୱ କପା ଉତ୍ପାଦନର ପ୍ରାୟ ୨୪% ଯୋଗଦାନ କରୁଛି। କଞ୍ଚାମାଲ ଯଥେଷ୍ଟ ଥିବା ସତ୍ତ୍ୱେ ଭାରତ ଏବେ ବି ବିଦେଶୀ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳ। ଇଣ୍ଡିଆନ୍ ଟେକ୍ସପ୍ରେନ୍ୟୁର୍ସ ଫେଡେରେସନ୍‌ର ତଥ୍ୟାନୁଯାୟୀ, ଭାରତ ଗତବର୍ଷ ଏପ୍ରିଲ୍‌ରୁ ନଭେମ୍ବର ପର୍ଯ୍ୟନ୍ତ ୮, ୯୦୦ କୋଟି ଟଙ୍କାର ପୋଷାକ ଆମଦାନୀ କରିଛି। ହସ୍ତତନ୍ତକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ସାଧାରଣ ଲୋକଙ୍କ ଜୀବନରେ ଏହାକୁ ଏକ ଗର୍ବର ମାଧ୍ୟମ ଭାବରେ ପୁନଃ ପରିଚିତ କରିବା ପାଇଁ ନୀତିଗତ ସଂସ୍କାର ଆବଶ୍ୟକ। ଖଦି, ସମ୍ବଲପୁରୀ, ଖଣ୍ଡୁଆ, ବୋମକାଇ, କୋଟପାଡ଼, କାଞ୍ଚିପୁରମ, ବନାରସୀ, ମାହେଶ୍ୱରୀ, ଚନ୍ଦେରୀ, ଜାମଦାନୀ, ପଟୋଲାରୁ ଫୁଲକାରୀ ଓ ପଶ୍ମିନା ଆଦି ଭାରତର ଆଦିବାସୀ ପାରମ୍ପରିକ ବସ୍ତ୍ର ସମ୍ପ୍ରଦାୟର କାହାଣୀ ଏବଂ ପ୍ରକୃତି ସହିତ ସେମାନଙ୍କର ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ। ଏହି ସ୍ୱଦେଶୀ ହସ୍ତତନ୍ତ ପୁନଃ ପ୍ରଚଳନ କରିବା ଦ୍ୱାରା ଏହି ଲକ୍ଷ୍ୟ ପୂରଣ ହୋଇପାରିବ। ପ୍ରତିଦିନର ପୋଷାକ, ପର୍ବପର୍ବାଣୀ, ବିବାହ ଏବଂ ସରକାରୀ ଉତ୍ସବରେ ଏହି ପୋଷାକଗୁଡ଼ିକୁ ପ୍ରୋତ୍ସାହିତ କରି ଆମେ ସ୍ଥାନୀୟ ପୋଷାକର ଚାହିଦାକୁ ବୃଦ୍ଧି କରିପାରିବା। ଏହାକୁ ସ୍କୁଲ, କଲେଜ ଓ କାର୍ଯ୍ୟାଳୟ ପୋଷାକ କିମ୍ବା ୟୁନିଫର୍ମରେ ସାମିଲ କରିବା ଆବଶ୍ୟକ। ମହିଳା ଓ ଝିଅମାନେ ସାଧାରଣତଃ ପାରମ୍ପରିକ ପୋଷାକ ପ୍ରତି ଆକୃଷ୍ଟ ହୋଇଥା'ନ୍ତି। ଏହା ପୁରୁଷମାନଙ୍କ କ୍ଷେତ୍ରକୁ ପରିବ୍ୟାପ୍ତ କରିବା ଉଚିତ। ସପ୍ତାହରେ ଥରେ ନିୟମିତ ଭାବରେ ପାରମ୍ପରିକ ପୋଷାକ ପିନ୍ଧିବା ଦ୍ୱାରା ନିଜ ସଂସ୍କୃତି ପ୍ରତି ଦାୟିତ୍ୱ ବୃଦ୍ଧି ପାଇବ ଏବଂ ଦେଶର ସଂସ୍କୃତି ସହିତ ଜଡ଼ିତ ହେବାର ସୁଖଦ ଅନୁଭୂତି ମିଳିବ।



ସୂତା କାଟିବାଠାରୁ ରଙ୍ଗ କରିବା, ବୁଣିବା ଆଦି ହସ୍ତତନ୍ତର ପ୍ରତ୍ୟେକ ପର୍ଯ୍ୟାୟରେ ଅପାର ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ବାହ୍ୟ ଯୋଗାଣ ଶୃଙ୍ଖଳ ଉପରେ ନିର୍ଭରଶୀଳତା ହ୍ରାସ କରିପାରିବ। ହସ୍ତତନ୍ତରେ ପ୍ରାୟତଃ ପ୍ରାକୃତିକ ତନ୍ତୁ ଓ ରଙ୍ଗ ବ୍ୟବହାର କରାଯାଏ, ଯାହା ଜୈବବିଘଟନଶୀଳ ଏବଂ କମ୍ ପ୍ରଦୂଷଣକାରୀ। ତେଣୁ ପ୍ରଭାବଶାଳୀ ସରକାରୀ ନୀତି ଓ ଶିକ୍ଷାଗତ ପଦକ୍ଷେପ ଖଦିର ବ୍ୟାପକ ପ୍ରଚାର ପ୍ରସାର ଅଭିଯାନକୁ ସଫଳ କରିପାରିବ। କାରିଗର, ହସ୍ତତନ୍ତ ଗୋଷ୍ଠୀ ଓ କ୍ଷୁଦ୍ର ବ୍ୟବସାୟ ପାଇଁ ପ୍ରୋତ୍ସାହନ ଯୋଗାଇ ଏକ ନିର୍ଦ୍ଦିଷ୍ଟ ନୀତିଗତ ନିଷ୍ପତି ନେବାର ବେଳ ଆସିଛି। ପ୍ରଯୁକ୍ତିବିଦ୍ୟା, ପ୍ରୋତ୍ସାହନ, ଋଣର ସୁବିଧା, ବଜାର ଏବଂ ଇ-କମର୍ସ ପ୍ଲାଟଫର୍ମ ସହିତ ସହଯୋଗ ଯୋଗାଇ ଦିଆଯିବା ଉଚିତ, ଯାହା କାରିଗରମାନଙ୍କୁ ବ୍ୟାପକ ବଜାର ପ୍ରବେଶ ପ୍ରଦାନ ସୁନିଶ୍ଚିତ କରିପାରିବ।

ପାରମ୍ପରିକ କପଡ଼ା ପୁନଃପ୍ରବର୍ତ୍ତନ କରି ହସ୍ତତନ୍ତକୁ ପୁନରୁଦ୍ଧାର କରିବା କେବଳ ଏକ ସାଂସ୍କୃତିକ ଆନ୍ଦୋଳନ ନୁହେଁ, ଏହା ଏକ ସାମାଜିକ-ଅର୍ଥନୈତିକ ଏବଂ ପରିବେଶଗତ ଆବଶ୍ୟକତା। ଏହା ଆମକୁ ଆମର ସାଂସ୍କୃତିକ ଭିତ୍ତି ସହିତ ଯୋଡ଼ିପାରେ, ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରେ ଏବଂ ଆମକୁ ଆତ୍ମନିର୍ଭରଶୀଳ ଜୀବନଯାପନ ପାଇଁ ପ୍ରବର୍ତ୍ତାଏ। ଗ୍ରାହକ, ଡିଜାଇନର ଏବଂ ନୀତି ନିର୍ମାତା ଭାବରେ କେବଳ ଫ୍ୟାଶନ୍ ପାଇଁ ନୁହେଁ, ଭବିଷ୍ୟତ ପାଇଁ ପୋଷାକ ବାଛିବାର ସମୟ ଆସିଛି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ସୁତା/ରେଶମ ତିଆରି ହସ୍ତତନ୍ତ ଆରାମପ୍ରଦାୟୀ ଏବଂ ଆତ୍ମତୃପ୍ତିର ଏକ ମହନୀୟ ଉଦ୍ୟମ ଭାବେ ପରିଗଣିତ ହେଉ।

କରଞ୍ଜ(ବାଲେଶ୍ୱର), ମୋ: ୭୮୯୪୪୫୬୫୧।

# ହୁଦୁଡ଼ ଦୁର୍ଗା ଭାବେ ପୂଜା ପାଆନ୍ତି ମହିଷାସୁର

**ଓଜସ୍ୱିନୀ**

ଭାରତର ଶାକ୍ତ ପରମ୍ପରା ବହୁ ପ୍ରାଚୀନ। ଦେବୀଦୁର୍ଗାଙ୍କୁ ସକଳ ଶକ୍ତିର ଆଧାର ଭାବେ ଭାରତର ଅନେକ ସ୍ଥାନରେ ବିଭିନ୍ନ ସ୍ୱରୂପରେ ପୂଜାର୍ଚ୍ଚନା କରାଯାଏ। ଶକ୍ତି ଉପାସନାରେ ୫୨ ଶକ୍ତିପୀଠର ମହିମା ବିଶ୍ୱବିଖ୍ୟାତ ହୋଇଥିବା ବେଳେ ପ୍ରତିବର୍ଷ ଦଶହରାରେ ମା'ଙ୍କ ମହିଷାସୁରମର୍ଦ୍ଦିନୀ ସ୍ୱରୂପର ପୂଜାର୍ଚ୍ଚନା କରାଯାଇଥାଏ। କିନ୍ତୁ ଭାରତରେ ଏଭଳି ଏକ ମନ୍ଦିର ଅଛି, ଯେଉଁଠି ଦେବୀଦୁର୍ଗାଙ୍କ ପରିବର୍ତ୍ତେ ମହିଷାସୁର ପୂଜା ପାଉଛନ୍ତି।

**ବିଚିତ୍ର ବିଶ୍ୱାସ**

ଝାଡ଼ଖଣ୍ଡର ଅସୁର ନାମକ ଜନଜାତି ମହିଷାସୁରଙ୍କୁ ଦେବତା ଭାବେ ପୂଜାର୍ଚ୍ଚନା କରନ୍ତି। ଐତିହାସିକ ଓ ଗବେଷକଙ୍କ ମତାନୁସାରେ 'ଅସୁର' ହେଉଛି ଭାରତର ସବୁଠାରୁ ପ୍ରାଚୀନ ଜନଜାତି, ଯେଉଁମାନେ ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ଅଧିକ ସଂଖ୍ୟାରେ ବସବାସ କରିଆସୁଛନ୍ତି। ଋକ୍‌ବେଦ, ବ୍ରାହ୍ମଣ୍ୟ, ଆରଣ୍ୟକ ଉପନିଷଦ ଓ ମହାଭାରତର ଆଦି ପ୍ରାଚୀନ ଗ୍ରନ୍ଥରେ 'ଅସୁର' ନାମକ ସମ୍ପ୍ରଦାୟ ସମ୍ପର୍କରେ ଉଲ୍ଲେଖ ରହିଛି। ମୁଣ୍ଡା ଜନଜାତିର ଲୋକଗାଥା 'ସୋସୋବୋଙ୍ଗା'ରେ ମଧ୍ୟ 'ଅସୁର ଜନଜାତି' ସମ୍ପର୍କିତ ତଥ୍ୟ ଅଛି। ଏହି ଜନଜାତି ବିଶେଷ ଭାବେ ଲୁହାରେ ବିଭିନ୍ନ ହାତହତିଆର ନିର୍ମାଣ ଓ ଲୌହବସ୍ତୁ ନିର୍ମାଣ କରିଥା'ନ୍ତି। ଝାଡ଼ଖଣ୍ଡର ଗୁମଲା ଜିଲ୍ଲା ଅନ୍ତର୍ଗତ ଡୁମରି ପ୍ରଖଣ୍ଡସ୍ଥିତ ଟାଙ୍ଗୀନାଥ ଧାମକୁ ଏହି ଜନଜାତି ମହିଷାସୁରଙ୍କ ଶକ୍ତିସ୍ଥଳ ଭାବେ ମାନ୍ୟତା ପ୍ରଦାନ କରିଛନ୍ତି। ତେଣୁ ସେଠାରେ ପ୍ରତି୧୨ ବର୍ଷରେ ମହିଷାସୁରଙ୍କ ସହିତ ତାଙ୍କର ବାହନ ଭାବେ ମଇଁଷୀମାନଙ୍କୁ ବିଶେଷ ପୂଜା କରିବାର ପ୍ରଥା ପ୍ରଚଳିତ ଅଛି। ନିକଟସ୍ଥ ଗାଁଗୁଡ଼ିକରେ ମଧ୍ୟ ଏହା ପ୍ରଚଳିତ। ମଇଁଷୀମାନଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମହିଷାସୁରଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ସେମାନଙ୍କର ଦୃଢ଼ ଆସ୍ଥା ରହିଛି।



ଉକ୍ତ ଜନଜାତି ବିଶ୍ୱାସ କରନ୍ତି ଯେ, ମହିଷାସୁର ହେଉଛନ୍ତି ସମ୍ପୂର୍ଣ୍ଣ ଭୂମଣ୍ଡଳର ରାଜା ଏବଂ ତାଙ୍କର କରୁଣାରେ ସମସ୍ତେ ସୁଖ, ଶାନ୍ତି ଓ ଧନଧାନ୍ୟରେ ପରିପୂର୍ଣ୍ଣ ଜୀବନ ଅତିବାହିତ କରିପାରିବେ। ମହିଷାସୁର ସେମାନଙ୍କ ପାଇଁ ଆରାଧ୍ୟ ଦେବତୁଲ୍ୟ ପିତୃପୁରୁଷ। ଅନ୍ୟ ଏକ ମାନ୍ୟତା ଅନୁସାରେ ମହିଷାସୁର ନାରୀଙ୍କୁ ସମ୍ମାନ କରିଥା'ନ୍ତି ଏବଂ କେବେ ମଧ୍ୟ ନାରୀଙ୍କ ସହିତ ଯୁଦ୍ଧ କରନ୍ତି ନାହିଁ। ତେଣୁ ଦେବତାଙ୍କ ପକ୍ଷରୁ ତାଙ୍କୁ ଛଳନାପୂର୍ବକ ଦେବୀଙ୍କ ଦ୍ୱାରା ସଂହାର କରାଯାଇଥିଲା। ଏହି କାରଣରୁ ସେମାନେ ଦେବୀ ଦୁର୍ଗାଙ୍କ ପରିବର୍ତ୍ତେ ମହିଷାସୁରଙ୍କୁ ପୂଜା କରିଥା'ନ୍ତି ଏବଂ ନବରାତ୍ରିଠାରୁ ବିଜୟର ପବିତ୍ର ପର୍ବ ଦଶହରା ପର୍ଯ୍ୟନ୍ତ ୧୦ ଦିନ ସେମାନେ ଶୋକ ଦିବସ ଭାବେ ପାଳନ କରନ୍ତି। ଏହି ୧୦ ଦିନ ମଧ୍ୟରେ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ କିମ୍ବା କୌଣସି ନୂତନ ବସ୍ତ୍ର ଓ ଦ୍ରବ୍ୟ ମଧ୍ୟ କିଣାଯାଏ ନାହିଁ। ଝାଡ଼ଖଣ୍ଡର ଏହି ଅସୁର ଜନଜାତି ଦୀପାବଳି ରାତିରେ ମଧ୍ୟ ମହିଷାସୁରଙ୍କୁ ପୂଜା କରିଥା'ନ୍ତି। ସେମାନେ ମାଟିରେ ଗୋଟିଏ ପିଣ୍ଡ ପ୍ରସ୍ତୁତ କରି ମହିଷାସୁରଙ୍କୁ ଶ୍ରାଦ୍ଧ ତର୍ପଣ କରିବା ସହିତ ସେମାନଙ୍କର ପରମ୍ପରା ଅନୁସାରେ ପୂଜାବିଧି ସମ୍ପନ୍ନ କରନ୍ତି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସୁଭଦ୍ରାରୁ ବାଦ୍ ପଡ଼ିବେ ୯୩୭୯୨

## ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରାରେ ସାମିଲ କର: ବିଜେଡି



ଭୁବନେଶ୍ୱର,୧୮।୯(ସମିସ): ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କ ମଧ୍ୟରୁ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ବାଦ୍ ପଡ଼ିବେ। ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନସନ ପାଇଁ ଆବେଦନ କରିପାରିବେ ବୋଲି ସରକାର ମନ୍ତବ୍ୟ ଦେଇଛନ୍ତି। ବାସ୍ତବରେ ଏହା କଟା ଘା'ରେ ଚୂନ ଲଗାଇବା ଭଳି କଥା ବୋଲି ବିଜୁ ଜନତା ଦଳ କହିଛି। ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ.ଲେନିନ ମହାନ୍ତି କହିଛନ୍ତି, ସୁଭଦ୍ରା ଯୋଜନାରୁ ବାଦ ଦେବାକୁ ସରକାର କହୁଛନ୍ତି। ଏମାନେ ଏବେ ସୁଦ୍ଧା ମାତ୍ର ଦୁଇଟି କିସ୍ତି ପାଇଛନ୍ତି। ପ୍ରଶ୍ନ ଉଠୁଛି ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି ବୋଲି ସରକାର ଦାବି କରୁଥିବା ବେଳେ ବାଦ୍ ପଡ଼ିବାକୁ ଯାଉଥିବା ମହିଳାମାନେ କ'ଣ ସ୍ୱାବଲମ୍ବୀ ହୋଇ ସାରିଲେଣି କି? ଏହାଛଡ଼ା ବାଦ ପଡ଼ିଥିବା ମହିଳାମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନସନ ପାଇଁ ଆବେଦନ କରିପାରିବେ ବୋଲି ଯାହା କୁହାଯାଇଛି, ତାହା ଗ୍ରହଣୀୟ ନୁହେଁ। ସାମାଜିକ ସୁରକ୍ଷା ଯୋଜନାରେ ପୂର୍ବରୁ ପ୍ରାୟ ୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ପେନ୍‌ସନ୍ ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି। ତେଣୁ ସୁଭଦ୍ରାରୁ ବାଦ୍ ପଡୁଥିବା ହିତାଧିକାରୀଙ୍କୁ କେବେ ମିଳିବ, ସେନେଇ କିଛି ସ୍ପଷ୍ଟତା ନାହିଁ। କେବଳ ଧର୍ମକୁ ଆଖିଠାର ସଦୃଶ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ମହିଳାମାନଙ୍କୁ ବାର୍ଦ୍ଧକ୍ୟ ପେନସନ ପାଇଁ ଆବେଦନ କରିବାକୁ କୁହାଯାଇଛି। ଯାହା ବାସ୍ତବରେ ସେମାନଙ୍କ କଟା ଘା'ରେ ଚୂନ ଲଗାଇବା ସଦୃଶ୍ୟ ହୋଇଛି ବୋଲି ଡ.ମହାନ୍ତି କହିଛନ୍ତି।

- ୬୦ ଛୁଇଁଥିବା ମହିଳାଙ୍କୁ ସୁଭଦ୍ରା ଯୋଜନାରୁ ବାଦ ଦେବା ନିନ୍ଦନୀୟ
- କଟା ଘା'ରେ ଚୂନ ପରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ ପରାମର୍ଶ
- ବାର୍ଦ୍ଧକ୍ୟ ଭତ୍ତା ଅପେକ୍ଷାରେ ଅଛନ୍ତି ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ

ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ବିଜେପି କ୍ଷମତାକୁ ଆସିବା ପରେ କେବଳ ୨୧ରୁ ୬୦ ବର୍ଷର ଆର୍ଥିକ ଅନଗ୍ରସର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ଓ ୨ ବର୍ଷ ପରିବର୍ତ୍ତେ ପାଞ୍ଚବର୍ଷରେ ୫୦ ହଜାର ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ଏବେ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା

# ଦାଦାବଟିକୁ ପାଇଁ କର୍ପୋରେଟର୍‌ଙ୍କ ଘରକୁ ବୋମାମାଡ଼

ବ୍ରହ୍ମପୁର,୧୮।୯(ସମିସ): ପାର୍ବଣ ପୂର୍ବରୁ ଅଶାନ୍ତ ହେଉଛି ବ୍ରହ୍ମପୁର। ଗୁରୁବାର ରାତି ୧୧ଟା ୧୦ରେ ସ୍ଥାନୀୟ ଲକ୍ଷ୍ମୀନୃସିଂହସାହି ସ୍ଥିତ ୯ନଂ. ୱାର୍ଡ କର୍ପୋରେଟରଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ୩ ଜଣ ଦୁର୍ବୃତ୍ତ ଆସି ଏହି ବୋମାମାଡ଼ କରିଛନ୍ତି। ଖବର ପାଇ ବଡ଼ବଜାର ଥାନା ଅଧିକାରୀ ବାବା ଶଙ୍କର ସରଫ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଛନ୍ତି। ଦାଦାବଟିକୁ ନେଇ ଏହି ବୋମାମାଡ଼ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ୩ ଦିନ ତଳେ କେତେକ ଦୁର୍ବୃତ୍ତ କର୍ପୋରେଟର୍‌ଙ୍କ ଭାଇଙ୍କୁ ଦାଦାବଟି ମାଗିଥିଲେ। ନ ଦେବାରୁ ଏହି ବୋମାମାଡ଼ କରିଥିବା ଜଣାପଡ଼ିଛି। ବୋମାଟି ତାଙ୍କ ଦାଣ୍ଡପଟ ଘର କାନ୍ଥରେ ବାଜିଥିଲା। ସିସିଟିଭି ଫୁଟେଜରୁ ଦୁର୍ବୃତ୍ତଙ୍କୁ ପୁଲିସ ଚିହ୍ନଟ କରିଥିବାବେଳେ ସେମାନଙ୍କୁ ଧରିବାକୁ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଆତ୍ମରକ୍ଷା କୌଶଳ ଶିଖିବେ ଏସ୍‌ଏଚ୍‌ଜି ସଦସ୍ୟା

ଭୁବନେଶ୍ୱର,୧୮।୯(ସମିସ): ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହନ ଯୋଗାଇବା ସହ ଓଡ଼ିଶା ଆଦିବାସୀଙ୍କର ନିଆରା ପାରମ୍ପରିକ କଳା ଓ କୌଶଳ ଉପରେ ଗୁରୁତ୍ୱ ଦେବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଓଡ଼ିଶାରେ ଲକ୍ଷପତି ଦିଦିଙ୍କ ସଂଖ୍ୟା ବୃଦ୍ଧି କରାଯିବା ଲକ୍ଷ୍ୟରେ ମିଶନ ଶକ୍ତି ବିଭାଗ ଗୁରୁବାର ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏଥିସହିତ ଆଜି ୧ଲକ୍ଷ ୬୩ ହଜାର ୭୫୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆକାଉଣ୍ଟକୁ ବ୍ୟାଙ୍କ୍ ଋଣ ସୁଧ ଫେରସ୍ତ ବାବଦକୁ ୧୧୦ କୋଟି ୯୭ ଲକ୍ଷ ୫୮ ହଜାର ୮୬୦ଟଙ୍କା ଆର୍ଥିକ ଅନୁଦାନ ପ୍ରେରଣ କରାଯାଇଛି।

- ଫଳରସ ପ୍ରକ୍ରିୟାକରଣ ସାଙ୍ଗକୁ ତାରକସି ନିର୍ମାଣ ପ୍ରଶିକ୍ଷଣ ଦିଆଯିବ
- ମିଶନ ଶକ୍ତି ବିଭାଗ ସହ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ
- ବ୍ୟାଙ୍କ ସୁଧ ଫେରସ୍ତ ବାବଦକୁ ୧୧୦ କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ

ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ମିଶନ ଶକ୍ତି ବିଭାଗ ଫୁଡ୍ ଇଣ୍ଡଷ୍ଟ୍ରି କାପାସିଟି ଆଣ୍ଡ ସ୍କିଲ୍ ଇନିସିଏଟିଭ୍ (ଏଫ୍‌ଆଇସିଏସଆଇ) ସହିତ ବୁଝାମଣା ସ୍ୱାକ୍ଷରିତ କରିଛି। ଏହା ମାଧ୍ୟମରେ ୧୦ ହଜାର ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଫଳରସ ପ୍ରକ୍ରିୟାକରଣ(ଫ୍ରୁଟ ପଲପ୍ ପ୍ରୋସେସିଂ), ମସଲା ପ୍ରକ୍ରିୟାକରଣ(ସ୍ପାଇସି ପ୍ରୋସେସିଂ), ତୈଳ ପ୍ରସ୍ତୁତିକରଣ(ଅଏଲ ଏକ୍ସଟ୍ରାକସନ୍), ବହୁବିଧ କୌଶଳ କାରିଗରୀ(ମଲ୍‌ଟି ସ୍କିଲ୍ ଟେକ୍‌ନିସିଆନ୍), ଫଳ ଓ ପନିପରିବା ନିର୍ଜଳୀକରଣ(ଫ୍ରୁଟ ଆଣ୍ଡ ଭେଜିଟେବଲ ଡିହାଇଡ୍ରେସନ୍)ର ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେହିପରି ଜେମ୍ ଆଣ୍ଡ ଜୁଏଲାରୀ ସ୍କିଲ କାଉନସିଲ ଅଫ୍ ଇଣ୍ଡିଆ(ଜିଜେଏସ୍‌ସିଆଇ) ସହ ବୁଝାମଣା ମାଧ୍ୟମରେ ୧୪୪୦ ଏସଏଚଜି ସଦସ୍ୟାଙ୍କୁ ତାରକସି ନିର୍ମାଣ କଳାରେ ପ୍ରଶିକ୍ଷଣ ସହ ଇ-କମର୍ସ ସାଇଟ୍ ଓ ବଜାରର ସଂଯୋଗ କରାଯିବ। ଜାତୀୟ ମହିଳା ଆୟୋଗଙ୍କ ସହିତ ଆତ୍ମରକ୍ଷା କୌଶଳ (ସେଲଫ୍ ଡିଫେନ୍ସ) ପ୍ରଶିକ୍ଷଣ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ଅନୁସାରେ, ରାଜ୍ୟର ୫ଟି ଜିଲ୍ଲାରେ ୧୮ରୁ ୪୦ ବର୍ଷ ବୟସର ସମସ୍ତ ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ମହିଳା ସୁରକ୍ଷା ପ୍ରତି ସଚେତନତା ଓ ଗୋଷ୍ଠୀ ଏକତାକୁ ପ୍ରୋତ୍ସାହନ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନ କୋକାକୋଲା ବେଭେରେଜେସ୍ ପ୍ରାଇଭେଟ ଲିମିଟେଡ (ଏଚସିସିବି) ନିଜର ସିଏସଆର ଜରିଆରେ ସୁଭଦ୍ରା ଶକ୍ତି କାଫେକୁ ଟ୍ରାନ୍ସପାରେଣ୍ଟ ଡୋର ଥିବା ଫ୍ରିଜ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମିଶନଶକ୍ତି ବିଭାଗ କମିଶନର ଶାଲିନୀ ପଣ୍ଡିତ, ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶନୀ, ଜାତୀୟ ମହିଳା ଆୟୋଗଙ୍କ ଉପସଚିବ ଶିବାନୀ ଦେ, କୋକାକୋଲା କମ୍ପାନୀର ସୁଶ୍ରୀ ଶ୍ୱେତା ପୁନେଥା ପ୍ରମୁଖ ଉପସ୍ଥିତ ଥିଲେ।

**ଅଙ୍ଗନବାଡ଼ି କର୍ମୀଙ୍କ ବେପରୁଆ କାର୍ଯ୍ୟ**

# ୪ ବର୍ଷର ଶିଶୁକୁ ତାଲା ପକାଇ ପଳାଇଲେ

ଟାଙ୍ଗୀ,୧୮।୯(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନ ପାରିଓରଡ ପଞ୍ଚାୟତ ୪ନଂ ୱାର୍ଡର ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀ ସୁରଜିତା ପାତ୍ର ଓ ହେଲ୍‌ପର ବସନ୍ତ ମଞ୍ଜରି ସାହୁଙ୍କ ବେପରୁଆ କାର୍ଯ୍ୟକଳାପ ପଦାରେ ପଡ଼ିଛି। ୪ ବର୍ଷର ଏକ ଶିଶୁ ଅଙ୍ଗନବାଡ଼ି ଗୃହ ଭିତରେ ଥିବା ବେଳେ ତାକୁ ବାହାରପଟୁ ତାଲା ପକାଇ ପଳାଇଥିଲେ। ୨ଘଣ୍ଟା ପରେ ତାକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ପଞ୍ଚାୟତ କାର୍ଯ୍ୟାଳୟର ଉପର ମହଲାରେ ଏହି ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଗୁରୁବାର ଜଣେ ଶିଶୁ କେନ୍ଦ୍ର ଭିତରେ ଥିବାବେଳେ ତାକୁ ଚାବି ପକାଇ ଅନ୍ୟତ୍ର ଚାଲିଯାଇଥିଲେ। ଶିଶୁର କାନ୍ଦ ଶୁଣି ଲୋକେ ସେଠାକୁ ଯାଇ ଏପରି ଅଭାବନୀୟ ଘଟଣା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସମ୍ପୃକ୍ତ କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ସେ ପହଞ୍ଚି ଚାବି ଫିଟାଇ ଶିଶୁକୁ ଉଦ୍ଧାର କରାଯାଇଥିଲା। ସେ ଦୁଇଟି କେନ୍ଦ୍ରର ଦାୟିତ୍ୱରେ ଥିବାରୁ ତରବର ହୋଇ ସେଠାକୁ ଚାଲି ଯାଇଥିଲେ ବୋଲି ସଫେଇ ଦେଇଛନ୍ତି। ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କୁ ପଚାରିବାରେ ଅଙ୍ଗନବାଡ଼ି କେନ୍ଦ୍ର ଦିନ ୧୨ଟାରେ ବନ୍ଦ ହେବା ପରେ ଏକ ୪ବର୍ଷର ଶିଶୁପୁତ୍ର ଭିତରେ ରହି ଯାଇଥିଲା। ଅଭିଯୋଗ ମିଳିବା ପରେ ସେ ଓ ସୁପରଭାଇଜର ସମ୍ପୃକ୍ତ ଶିଶୁ ପରିବାରକୁ ଦିନ ୨ଟାରେ ସାକ୍ଷାତ୍ କରିଥିଲେ। ଉଭୟ କର୍ମୀ ଓ ହେଲ୍‌ପରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ଓ ଘଟଣା ସମ୍ପର୍କରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ (ଡିଏସ୍‌ଡବ୍ଲୁଓ), ଉପଜିଲ୍ଲାପାଳଙ୍କୁ ଅବଗତ କରିଥିବା ସୂଚନା ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗାଁ ଧୋଇନେଲା...

ବର୍ଷା ସାମାନ୍ୟଠାରୁ ୮ ପ୍ରତିଶତ ଅଧିକ ରହିଛି। ପଶ୍ଚିମ ରାଜସ୍ଥାନ, ପଞ୍ଜାବ ଓ ହରିୟାଣାରୁ ମୌସୁମୀ ବିଦାୟ ନେଇସାରିଛି। ମୌସୁମୀ ସମ୍ପୂର୍ଣ୍ଣ ଭାବେ ଫେରିଯିବା ପୂର୍ବରୁ ୭ଟି ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଚଳିତ ମାସ ଶେଷ ଆଡକୁ ଓ ଅକ୍ଟୋବର ପ୍ରାରମ୍ଭରେ ବର୍ଷା ହେବ ବୋଲି ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ (ଜିଏଫ୍‌ଏସ୍) ତରଫରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨୫ ଓ ୨୬ରେ ବଙ୍ଗୋପ ସାଗରରେ ଏକ ବିଶାଳ ମୌସୁମୀ ପ୍ରଣାଳୀ ସୃଷ୍ଟି ହେବ। ଫଳରେ ଏହାର ପ୍ରଭାବରେ ପଶ୍ଚିମ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡଖଣ୍ଡ, ଛତିଶଗଡ଼, ବିହାର ଓ ପୂର୍ବ ଉତ୍ତରପ୍ରଦେଶରେ ୨-୩ ଧରି ଜବରଦସ୍ତ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

## ପ୍ରଥମ ଦିନରୁ...

ଚାମ୍ବରରେ ଅନାସ୍ଥା ପ୍ରସ୍ତାବ ପାଇଁ ସହଯୋଗ ଲୋଡ଼ିବାକୁ ପ୍ରସ୍ତାବ ଦେବାକୁ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ ଓ ଅନ୍ୟ ବିଜେଡି ବିଧାୟକଙ୍କ ସହ ଆଲୋଚନା କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଅପରପକ୍ଷେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ନେଇ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କଟାକ୍ଷ କରିଛନ୍ତି। ଅନାସ୍ଥାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ଯେ ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନ ଥାଇ ଅନାସ୍ଥା ଆଣିବା କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ କଂଗ୍ରେସର ଏକ ଷ୍ଟଣ୍ଟ ବୋଲି ସେ କହିଛନ୍ତି। କଂଗ୍ରେସ ଅନାସ୍ଥା ଆଣିବା ଘଟଣାକୁ ନେଇ ସେ କହିଛନ୍ତି 'ଜଗତେ କେବଳ ଜନେ ହସିବେ'।

ଆଜି ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହକାର୍ଯ୍ୟ ପ୍ରାରମ୍ଭରୁ ଦିବଂଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହର ଦିବଂଗତ ଆସୀନ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ଉପବାଚସ୍ପତି ଓ ରାଷ୍ଟ୍ରମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ସଦସ୍ୟ ପ୍ରସନ୍ନ କୁମାର ପଟ୍ଟନାୟକ, କରେନ୍ଦ୍ର ମାଝୀ, ନିରଞ୍ଜନ ହେମ୍ବ୍ରମ, ପ୍ରଫୁଲ୍ଲ କୁମାର ଭଞ୍ଜ, ମହମ୍ମଦ ରଫିକ, ପୂର୍ବତନ ଓଏପିଏଫ ଲୋକନାଥ ଶବର, ପୂର୍ବତନ କନେଷ୍ଟବଳ ଲକ୍ଷ୍ମଣ ମାଝୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ସହ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଗୃହକୁ ଶୁକ୍ରବାର ୧୦ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖାଯାଇଛି।

## କ'ଣ ରହିଛି...

ସଦସ୍ୟଙ୍କ ମତ ଲୋଡ଼ିବେ। ଯଦି ଓଡ଼ିଶା ବିଧାନସଭାରେ ୧୪ ଜଣ ସଦସ୍ୟ ଏହା ସପକ୍ଷରେ ମତ ଦିଅନ୍ତି, ତାହେଲେ ପ୍ରସ୍ତାବକୁ ବିଜନେସ ଆଡଭାଇଜରୀ କମିଟି ନିକଟକୁ ପଠାଇ ଦିଆଯିବ। ଅନାସ୍ଥା ପ୍ରସ୍ତାବ କେବେ, କେଉଁଦିନ ଏବଂ କେତେ ସମୟ ପାଇଁ ଆଲୋଚନା ହେବ, ସେନେଇ କମିଟି ନିଷ୍ପତ୍ତି ନେବ। ଯଦି ଚଳିତ ଅଧିବେଶନରେ ଅଧିକ ସରକାରୀ କାର୍ଯ୍ୟ ରହିଥାଏ, ତାହେଲେ କମିଟି ଏହି ପ୍ରସ୍ତାବକୁ ଆଲୋଚନାକୁ ନ ନେବାର କ୍ଷମତା ମଧ୍ୟ ବାଚସ୍ପତିଙ୍କର ରହିଛି। ସେହିପରି ବାଚସ୍ପତି ଏହାକୁ ଅଗ୍ରାହ୍ୟ କରିବାର କ୍ଷମତା ମଧ୍ୟ ରଖୁଛନ୍ତି। ଯଦି କଂଗ୍ରେସ ପକ୍ଷରୁ ଏହି ପ୍ରସ୍ତାବରେ କୌଣସି ତ୍ରୁଟିଯୁକ୍ତ ଶବ୍ଦର ପ୍ରୟୋଗ ହୋଇଥିବ, ତାହେଲେ ସେହି ଆଳରେ ମଧ୍ୟ ବାଚସ୍ପତି ପ୍ରସ୍ତାବକୁ ଅଗ୍ରାହ୍ୟ କରିପାରିବେ। ଏହାସହ ଅଧିବେଶନରେ ଗୃହକାର୍ଯ୍ୟ ଅଧିକ ଥିଲେ, ଆବଶ୍ୟକ ସମୟ ନ ଥିଲେ ମଧ୍ୟ ବାଚସ୍ପତି ପ୍ରସ୍ତାବକୁ ଅଗ୍ରାହ୍ୟ କରିପାରିବେ।

## ଭାରତ ଉପରୁ...

ଚୁକ୍ତି ପାଇଁ ଭାରତ ଆସିଛନ୍ତି, ଯାହା ୫୦% ଶୁଳ୍କ ଲାଗୁ କରିବା ପରେ ପ୍ରଥମ ଥର ପାଇଁ ହୋଇଛି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଆଲୋଚନା ସମ୍ପର୍କରେ ନିଜେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏକ ସକାରାତ୍ମକ ନିଷ୍କର୍ଷର ଇଙ୍ଗିତ ଦେଇଛନ୍ତି। ୱାଶିଂଟନ ଏବଂ ଦିଲ୍ଲୀ ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଖୁବ୍ ଶୀଘ୍ର ଏକ ସକାରାତ୍ମକ ନିଷ୍କର୍ଷରେ ପହଞ୍ଚିବ ଓ ଆଗାମୀ ସପ୍ତାହଗୁଡ଼ିକରେ ସମସ୍ତ ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସେ କଥା ହେବେ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି ଯେ ମୁଁ ଏହା ଜଣାଇ ଖୁସି ଯେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ଆଲୋଚନା ଚାଲିଛି। ମୁଁ ଆଗାମୀ ସପ୍ତାହଗୁଡ଼ିକରେ ମୋର ବହୁତ ଭଲ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହେବାକୁ ଅପେକ୍ଷା କରିଛି।

## ୩୩ ମାମଲାର...

ଗତ କିଛି ମାସ ହେବ ଏଭଳି ବହୁ ମାମଲା ସାମ୍ନାକୁ ଆସିବା ପରେ ଇନ୍ସ୍ୟୁରାନ୍ସ ସଂସ୍ଥାର ସନ୍ଦେହ ବଢ଼ିବାରୁ କମ୍ପାନୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏବେ ୩୦ଟି ଥାନାରେ ହୋଇଥିବା ୩୩ଟି ଏମ୍‌ଏସିଟି(ମୋଟର ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ) ମାମଲାର ସିବିଆଇ ତଦନ୍ତ କରିବ। ଥାନାରେ ହୋଇଥିବା ମାମଲାର ଯାଞ୍ଚ ସହ ସିବିଆଇ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିର ମୃତ୍ୟୁ ସାର୍ଟିଫିକେଟ ଯାଞ୍ଚ ଏବଂ ପରିବାର ଲୋକଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

## ନିଶ୍ଚେତକ ଦେବା...

ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡାକ୍ତର କୁବେର ମହନ୍ତ ସେଠାରେ ପହଞ୍ଚିଥିଲେ। ତେବେ ସନ୍ଧ୍ୟା ପ୍ରାୟ ୭ଟା ବେଳେ ଅନ୍ୟ ଏକ ମେସିନ୍ ଆସିବା ପରେ ମହିଳାମାନଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ସେ ପର୍ଯ୍ୟନ୍ତ ସେମାନେ ସେମିତି ଅଚେତ ହୋଇପଡ଼ିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ମହିଳାମାନଙ୍କର ଯଦି କିଛି ଅଘଟଣ ଘଟିଥା'ନ୍ତା, ସେଥିପାଇଁ କିଏ ଦାୟୀ ରହିଥା'ନ୍ତା। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳାଙ୍କ ମଧ୍ୟରେ ବରପାଲି ବ୍ଲକ୍ କାଏଁସିରରୁ ୫ଜଣ, ବାରଙ୍ଗ ପାଳିରୁ ୩ଜଣ, ରାବଣଗୁଡ଼ାରୁ ୩ଜଣ, ବାଗବାଡ଼ିରୁ ୩ଜଣ, ବରଗଡ଼ ବ୍ଲକ୍ ଧମନାଁମୁଣ୍ଡାରୁ ଜଣେ, ମହଦାରୁ ଜଣେ ଓ ଭଟଲି ବ୍ଲକ କୁଶନପୁରୀରୁ ଜଣେ ରହିଥିଲେ।

ଉଲ୍ଲେଖଯୋଗ୍ୟ, ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିବାଦ ପିଛା ଛାଡୁନି। ଗୋଟିଏ ପରେ ଗୋଟିଏ ଅବ୍ୟବସ୍ଥା ସାମ୍ନାକୁ ଆସୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଅନେକଥର ଏଠାକୁ ଆସି ନିଜ ଆଖିରେ ଅବ୍ୟବସ୍ଥା ଦେଖିଯାଇଛନ୍ତି। ଖୁବ୍‌ଶୀଘ୍ର ସବୁକିଛି ଠିକ୍ ହେବ ବୋଲି ବାରମ୍ବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି।

## ସିପି ଅଫିସରେ...

ଭାବେ ଚାକିରି ଆରମ୍ଭ କରିଥିଲେ। ୨୦୨୨ ମାର୍ଚ୍ଚ ୧୭ ତାରିଖ ଦିନ ଦୀପକ ତା'ର ଗର୍ଭବତୀ ପତ୍ନୀ ଅପର୍ଣ୍ଣାଙ୍କୁ ସାଙ୍ଗରେ ଧରି କାର୍ ଯୋଗେ ଭୁବନେଶ୍ୱର ଆସୁଥିଲା। ଖୁଣ୍ଟୁଣୀ ଥାନା ରାଧାଦାମୋଦରପୁରଠାରେ ପରିସ୍ରା କରିବା ପାଇଁ ଗାଡ଼ି ରଖିଥିଲା। ଅପର୍ଣ୍ଣା ଚାଲିଚାଲି ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା ବୋଲି ଦୀପକ ଅଭିଯୋଗରେ ଦର୍ଶାଇଥିଲା। ସେଠାରୁ ନିଜ କାରରେ କଟକର ଏକ ବେସରକାରୀ ଡାକ୍ତରଖାନାରେ ଅପର୍ଣ୍ଣାଙ୍କୁ ଭର୍ତ୍ତି କରିଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୀପକର ଅଭିଯୋଗ ଆଧାରରେ ଖୁଣ୍ଟୁଣି ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ହେଲେ, ପରବର୍ତ୍ତୀ ସମୟରେ ପ୍ରମାଣ ଅଭାବ ଦର୍ଶାଇ ମାମଲାଟିକୁ ବନ୍ଦ କରି ଦେଇଥିଲା।

ଏବେ ଅପର୍ଣ୍ଣାଙ୍କ ପରିବାରଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ପୁଣି ପୁରୁଣା ଘଟଣାକୁ ଫେରିଛି ପୁଲିସ। କଟକ ଗ୍ରାମାଞ୍ଚଳ ଏସପି ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀ ଓ ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ଡକାଇଛନ୍ତି। କେସ୍ ଫାଇଲ୍ ତଦାରଖ କରିବା ସହ ଘଟଣା ବିଷୟରେ ଦୁଇ ଅଧିକାରୀଙ୍କୁ ପଚରାଉଚରା କରିଛନ୍ତି। ସେପଟେ ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦକୁ ପ୍ରାୟ କୋଟିଏ ଟଙ୍କା ପାଇଥିଲା ଦୀପକ। ଏମିତିକି, ତାଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଉପରେ ନଜର ପକାଇଥିଲା ଦୀପକ। ସରକାରୀ ସ୍ତରରେ କାଗଜପତ୍ର କାମ ତୁରନ୍ତ କରାଇବା ପାଇଁ ବିଭିନ୍ନ ମହଲରୁ ଚାପ ପକାଉଥିଲା। ହେଲେ ଅତ୍ୟଧିକ ଚାପ ଓ ସର୍ଭିସବୁକ୍‌ରେ ଅନିୟମିତତା ଯୋଗୁଁ ଓଡ଼ାପଡ଼ା ତହସିଲଦାର ଫାଇଲଟିକୁ ଅଟକାଇଥିଲେ।

ସେପଟେ ଶୁଭମିତ୍ରା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଦୀପକ କୁମାର ରାଉତ, ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ୍ ପପୁ ଓ ତା'ର ସାଙ୍ଗ ଶମ୍ଭୁ ମହାନ୍ତ ଓରଫ୍ ଜଟିଆକୁ ଆଜି କୋର୍ଟ ଚାଲାଣ କରିଛି ପୁଲିସ। ଦୀପକ ଗିରଫ ହେବା ତାକୁ ଚାକିରିରୁ ନିଲମ୍ବିତ କରାଯାଇଥିବା ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

**AFFIDAVIT**

I, **Smruti Sagar Swain,** aged about 35 years S/o- Shyam Sundar Swain, resident of DDL-361, Phase-I, Housing Board Colony, P.S Khandagiri, Bhubaneswar-751019, Dist- Khordha, Odisha declare by this affidavit No. C F No-19, Dtd-17/09/2025 that my father's actual name is **Shyam Sundar Swain,** which is reflected in my Aadhaar Card and also in his Aadhaar Card. But in my +2 Sc. Certificate in father's column, my father's name has been wrongly recorded as **Shyam Sundar Swian** instead of **Shyam Sundar Swain.** That, **Shyam Sundar Swian** & **Shyam Sundar Swain** is one and same person, who is my father.

**OFFICE OF THE REGULATED MARKET COMMITTEE, BARGARH**
**AT/PO- BARGARH, DIST- BARGARH, ODISHA** H-26

NO:1103 **TENDER CALL NOTICE** DATE: 17.09.2025

Sealed tender are invited from the intending Dealers / Firms / Agencies / Companies for purchase of Package Elevator Conveyor Machine and the bidders shall submit their quotation for the said machine. The detailed Tender Document may be downloaded from the https://bargarh.odisha.gov.in The tender should be reached to this RMC, Bargarh by Regd. Post/ speed post only on or before 14.10.2025 by 1.00 P.M. and will be opened on Date . 14.10.2025 at 4.30 P.M. at the Office of the R.M.C. Bargarh in presence of tenderer or their authorized representative. The firms have to mention material name in the seal cover of tender. The intending firms must submit the valid documents as asked in the tender along with the paper cost worth of Rs. 4000.00 (non-refundable) and E.M.D worth of Rs.150,000.00 only of any Nationalized Bank in shape of Demand Draft in favour of R.M.C. Bargarh drawn on Bargarh.

The Chairman, RMC, Bargarh will have the right to reject all or any of the tender without assigning any reason thereof. The detail information is available in the office of the RMC, Bargarh.

Sd/- **ADM-cum-Chairman**
**R.M.C., Bargarh**

OIPR-07041/11/0003/2526

UNITY Small Finance Bank

**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍**
ପଞ୍ଜିକୃତ କାର୍ଯ୍ୟାଳୟ: ବସନ୍ତ ଲୋକ, ବସନ୍ତ ବିହାର, ନୂଆଦିଲ୍ଲୀ-110057
କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କଳିନା, ସାନ୍ତାକ୍ରୁଜ (E), ମୁମ୍ବାଇ – 400 098

**ଡିମାଣ୍ଡ ନୋଟିସ୍**
ଧାରା 13 (2) ଅନୁସାରେ

ଆର୍ଥିକ ସଂସ୍ଥାନର ସୁରକ୍ଷା ଏବଂ ପୁନର୍ଗଠନ ଏବଂ ସୁରକ୍ଷା ସଂସ୍ଥାନର କାର୍ଯ୍ୟାନ୍ୱୟନ ଅଧିନିୟମ ୨୦୦୨ ("ଅଧିନିୟମ") ଏବଂ ସୁରକ୍ଷା ସଂସ୍ଥାନର (କାର୍ଯ୍ୟାନ୍ୱୟନ) ନିୟମାବଳୀ, ୨୦୦୨ ("ନିୟମାବଳୀ")

ଏହି ଅଧିନିୟମ ଅନୁଯାୟୀ ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ("ବ୍ୟାଙ୍କ")ର ପ୍ରାଧିକୃତ ଅଧିକାରୀ ଭାବେ ସ୍ୱାକ୍ଷର କରିଥିବା ଅଧସ୍ତନ ଅଧିକାରୀ ଏବଂ ଆଇନର ଧାରା 13 (12) ଅନୁଯାୟୀ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିୟମ 3 ସହିତ ପଢ଼ିବା ପରେ, ଆଇନର ଧାରା 13 (2) ଅନୁଯାୟୀ ଡିମାଣ୍ଡ ନୋଟିସ (ଗୁଡ଼ିକ) ଜାରି କରିଛନ୍ତି, ଯେଉଁଥିରେ ନିମ୍ନଲିଖିତ ଋଣଗ୍ରହୀତା (ମାନଙ୍କୁ) ଉକ୍ତ ନୋଟିସ ପ୍ରାପ୍ତ ହେବାର 60 ଦିନ ମଧ୍ୟରେ ସମ୍ପୃକ୍ତ ନୋଟିସ (ଗୁଡ଼ିକ) ରେ ଉଲ୍ଲିଖିତ ରାଶି ପରିଶୋଧ କରିବାକୁ ଆହ୍ୱାନ କରିଛନ୍ତି। ଯେହେତୁ କେତେକ ବିଜ୍ଞପ୍ତି (ଗୁଡ଼ିକ) ଡାକ ଟିପ୍ପଣୀ ଅନୁଯାୟୀ ପ୍ରଦାନ କରାଯାଇ ନ ଥାଏ, ତେଣୁ ଉକ୍ତ ବିଜ୍ଞପ୍ତି (ଗୁଡ଼ିକ) ଋଣଗ୍ରହୀତା (ମାନ) ଙ୍କୁ ବିକଳ୍ପ ସେବା ମାଧ୍ୟମ ଅର୍ଥାତ୍ ଖବରକାଗଜରେ ପ୍ରକାଶନ ମାଧ୍ୟମରେ।

| କ୍ର.ନଂ | ଋଣ ବିବରଣୀ | ସୁରକ୍ଷିତ ସମ୍ପତ୍ତି |
|---|---|---|
| ୧ | ଋଣଗ୍ରହୀତା(ଙ୍କ) ନାମ/ଠିକଣା- ୧) ଲକ୍ଷ୍ମୀ ନାରାୟଣ ଫ୍ଲାଶ ବ୍ରିକ୍ସ (ଋଣଗ୍ରହୀତା) ୨) କୃଷ୍ଣ ଚନ୍ଦ୍ର ବିଶ୍ୱାଳ (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା) ୩) ସୁକାନ୍ତି ବିଶ୍ୱାଳ (ସହ ଋଣଗ୍ରହୀତା) ମଞ୍ଜୁରୀ ତାରିଖ: ୨୧/୦୩/୨୦୨୪ ଋଣ ଆକାଉଣ୍ଟ ନମ୍ବର USFBBHULOAN000005017598 ଋଣ ରାଶି: ଟ. ୨୫,୭୫,୦୦୦.୦୦/- ଏନ୍ ପି ଏ ତାରିଖ: ୦୨/୦୯/୨୦୨୫ ଡିମାଣ୍ଡ ନୋଟିସ୍ ତାରିଖ: ୦୫/୦୯/୨୦୨୫ (୧୨/୦୯/୨୦୨୫ରେ ପଠାଯାଇଛି) ଡିମାଣ୍ଡ ନୋଟିସ୍ ରାଶି: ୦୫/୦୯/୨୦୨୫ ସୁଦ୍ଧା ଟ. ୨୬,୨୪,୪୯୭.୭୮/- ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଋଣଗ୍ରହୀତାଙ୍କ ନାମରେ ଥିବା ସମସ୍ତ ସ୍ଥାବର ସମ୍ପତ୍ତିର ଅଂଶବିଶେଷ, ଯାହାର ଖାତା ନଂ ୭୩୭/୧୦୨୧, ପ୍ଲଟ୍ ନଂ. ୨୫୭୬/୩୯୭୯, କ୍ଷେତ୍ର: ଏକର ୦.୦୯୫ ଡିସିମିଲ, ମୌଜା: ଗଞ୍ଜାମ, ତହସିଲ: ହିଞ୍ଜିଳିକାଟୁ, ମୌଜା: ଶାସନଆମଗାଁ, କିସମ-ଘରବାରି, ଯାହା ଖାତା ନଂ. ୭୩୭/୨୩୬ ସମ୍ପର୍କିତ ଅଟେ। ଚତୁର୍ପାର୍ଶ୍ୱରେ (ବନ୍ଧକ ଏବଂ ବିକ୍ରି ନଥି ଆଧାରିତ): ପୂର୍ବ- ପାହାଡ଼ ପଶ୍ଚିମ- ତ୍ରିନାଥଦାସ ଉତ୍ତର- ତ୍ରିନାଥଦାସ ଦକ୍ଷିଣ- ପାହାଡ଼ |

ଷାଠିଏ (୬୦) ଦିନ ମଧ୍ୟରେ ଉପରୋକ୍ତ ବକେୟା ପରିଶୋଧ କରିବାରେ ବିଫଳ ହେଲେ, ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ସ୍ୱାକ୍ଷରକାରୀ ବାଧ୍ୟ ହେବେ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଆଇନର ଧାରା 13 (13) ଅନୁଯାୟୀ, ଆପଣଙ୍କୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ଉପାୟରେ, ଏହା ସହିତ ସୂଚିତ କୌଣସି ସୁରକ୍ଷିତ ସମ୍ପତ୍ତି ସହିତ କାରବାର କିମ୍ବା ହସ୍ତାନ୍ତର କରିବାକୁ ବାରଣ କରାଯାଇଛି। ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ ଏକ ଅପରାଧ ଏବଂ ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ। ଡିମାଣ୍ଡ ନୋଟିସ୍‌ର ନକଲ ସ୍ୱାକ୍ଷରିତ ବ୍ୟକ୍ତିଙ୍କ ପାଖରେ ଉପଲବ୍ଧ ଏବଂ ଋଣଗ୍ରହୀତା (ମାନେ) ଯଦି ଚାହିଁବେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ ଯେକୌଣସି କାର୍ଯ୍ୟ ଦିବସରେ ତାହା ସଂଗ୍ରହ କରିପାରିବେ।

ସ୍ଥାନ: ଓଡ଼ିଶା, ତାରିଖ: ୧୯-୦୯-୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ

**AFFIDAVIT**

I Sangram Keshri Palai, S/o- Basudev Palai, At-Nuagada, Po.- Badakul, Ps.- Balugaon, Dist.- Khordha, Pin- 752030 Odisha declare by this affidavit no.- 3455, dtd.- 10/09/2025 that, now onwards I shall be known as **Sangram Keshari Palai** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 03/09/2025 I, Sri Balu Palam, S/o- Sadhu Palam, Vill.- Kulab, Po.- Subai, Ps.- Nandapur, Dist.- Koraput, declare that I have changed my son's name from **Dambaru Palam** to **Dambarudhar Palam**. Henceforth my son shall be known as **Dambarudhar Palam** for all purposes.

Sd/- **Balu Palam**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 28.07.2025, I DURGA MAJHI, W/o- Purna Chandra Majhi, Vill.- Bhandimal, Po.- Medana, Ps.- Dabugam, Dist.- Nabarangpur, Odisha, Pin - 764072 declare that, I have changed my name from **URMILA MAJHI** to **DURGA MAJHI**. Henceforth I shall be known as **DURGA MAJHI** for all purposes.

Sd/- **DURGA MAJHI**

**AFFIDAVIT**

I Akula Vishaal S/o A Viswa Mohan Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-117, dated 12.09.2025. That now onwards I shall be known as **A. VISHAAL** for all future purposes.

**AFFIDAVIT**

I, Dasamanta Badengi, S/o- Padu Badengi, resident of Vill.- Adra, Po.- Kasandi, Ps.- Nandapur, Dist.- Koraput, Pin- 764037, Odisha declare by this affidavit dtd.- 16/09/2025 that, I have changed my minor son's name from **Susant Khara** to **Susanta Badengi**. Henceforth he shall be known as **Susanta Badengi** for all future purposes.

Sd/- Dasamanta Badengi

**NOTICE**

By virtue of an affidavit sworn before the Executive Magistrate, Astarang, CF. No. 2067, on dated 15/09/2025, I **SEBATI MOHARANA**, resident of Village At- Manduki, Po- Namaro, Ps - Astarang, Dist- Puri, State- Odisha, declare that I have changed my name from **REBATI MAHARANA** to **SEBATI MOHARANA.** Henceforth, I shall be known as **SEBATI MOHARANA** for all future purposes.

(Sd- **SEBATI MOHARANA**)

**AFFIDAVIT**

I Sulata Panigrahi D/o Lakshmi Narayan Panigrahi, W/o Rajanikanta Mantry, Resident of At 1 Subashnagar, K Nuagan, Ghikitigada, Chikitibit- 2, Dist- Ganjam, Odisha, PIN- 761010, declare by this affidavit No 38152 dtd 17.09.2025 that now onwards I shall be known as **SULATA KUMARI PANIGRAHI** for all future purposes.

**AFFIDAVIT**

I Kuni Hantal, D/o- Jayaram Hantal, W/o- Ramababu Dora resident of Vill.- Kasandi, Po.- Kasandi, Ps.- Nandapur, Dist.- Koraput, Pin- 764037, Odisha declare by this affidavit no.- 85, dtd.- 18/09/2025 that, I have changed my name from **Kuni Gemeal** to **Kuni Hantal**. Henceforth I shall be known as **Kuni Hantal** for all future purposes.

Sd/- **Kuni Hantal**

**AFFIDAVIT**

I A Viswa Mohan Rao S/o Late A. Jagannadh Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-110, dated 15.09.2025. That now onwards my father's name shall be known as **LATE A JAGANNATH RAO** for all future purposes.

**AFFIDAVIT**

I Akula Trupti W/o A Viswa Mohan Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-112, dated 15.09.2025. That now onwards I shall be known as **A TRUPTI RAO** for all future purposes.

**AFFIDAVIT**

I Akula Viswa Mohan Rao S/o Late A Jagannath Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-111, dated 15.09.2025. That now onwards I shall be known as **A VISWA MOHAN RAO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.No- 4 on dated 17-09-2025 I, **JAGABANDHU SAHU,** S/o Tripura Sahu permanent resident of Saila Nibash, Gali No-10, Bijunagar, PO- Industrial Estate, PS/Dist- Jharsuguda, State- Odisha, Pin- 768203, declare that I have changed my son's name from **ADITYA ANSHUMAN SAHU** (Old name) to **ADYANSH SAHU** (New name), Henceforth, he shall be known as **ADYANSH SAHU** for all purposes.

Sd-( **JAGABANDHU SAHU**)

**AFFIDAVIT**

By virtue of an affidavit (CF No. 02) sworn before the Executive Magistrate, Padampur on dated- 18/09/2025. I, **Tularam Kyachir,** S/o- Madan Kyachir, permanent & currently resident of At- Goudmal, PO- Goudmal, Dist- Bargarh, PIN- 768042, Odisha declare that I have changed my minor son's name from **Purandar Kyachir** (old name) to **Purnadhar Kyachir** (new name). Henceforth, he shall be known as **Purnadhar Kyachir** (new name) for all purposes.

**Tularam Kyachir**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 16/09/2025. I, **Pooja Pradhani** (new name), formerly called as Jamuna Pradhani (old name), D/o- Bhim Pradhani, permanent resident of At- Pipalpadar, PO- Manigaon, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Jamuna Pradhani** (old name) to **Pooja Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Pooja Pradhani** (new name).

**Pooja Pradhani**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 17/09/2025. I, **Biswamitra Hati** (Applicant name), S/O- Bhagabana Hati, Permanent resident of At- Marlad, PO- Marlad, PS- Titilagarh, Dist- Balangir, (Odisha), PIN- 767066, now residing at the same place affirm that I have changed my minor daughter's name from **Haseni Hatee** (old name) to **Hastini Hati** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Hastini Hati** (new name).

**Biswamitra Hati**

**AFFIDAVIT**

By virtue of an affidavit (CF No. 05) sworn before the Executive Magistrate, Padampur on dated- 18/09/2025. I, **Anupama Sahu,** W/o Jayakrushna Sahu, permanent & current resident of At- Goibahali, PO- Palsada, PS- Paikmal, Dist- Bargarh, PIN- 768039, Odisha declare that I have changed my name from **Anupama Naik** (old name) to **Anupama Sahu** (new name). Henceforth, I shall be known as **Anupama Sahu** (new name) for all purposes.

**Anupama Sahu**

**AFFIDAVIT**

By virtue of an affidavit (CF No. 01) sworn before the Executive Magistrate, Padampur on dated- 18/09/2025. I, **Anjali Pradhan,** W/o- Rajat Kumar Padhan, permanent resident of At- Kuchipali, PO- Kuchipali, PS- Melchhamunda, Dist- Bargarh, PIN- 768034, Odisha declare that I have changed my name from **Anjali Padhan** (old name) to **Anjali Pradhan** (new name). Henceforth, I shall be known as **Anjali Pradhan** (new name) for all purposes.

**Anjali Pradhan**

# ମହିଳା ବିଜେଡି ପକ୍ଷରୁ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

ନୟାଗଡ଼,୧୮।୯(ସମିସ)





ନୟାଗଡ଼ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ହିଂସା ଓ ନିର୍ଯାତନା ପ୍ରତିବାଦରେ ଗୁରୁବାର ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେଡି ମହିଳା ସଭାପତି ବିରଜା ଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ବହୁ ମହିଳା ଜନପ୍ରତିନିଧି ସାମିଲ ହୋଇଥିଲେ। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କ ଜରିଆରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି, ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର, ଆକ୍ରମଣ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାର ହିଂସା ବଢ଼ି ଚାଲିଛି। ବାଲେଶ୍ୱରର ଜଣେ କଲେଜ ଛାତ୍ରୀ ଆତ୍ମାହୁତି ଦେଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନସ୍ଥଳ ଗୋପାଳପୁର ବେଳାଭୂମିରେ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଲଜ୍ଜା ଆଣିଥିଲା। ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏହି ଘଟଣା ଚର୍ଚ୍ଚାକୁ ଆସିଥିଲା। ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ବଢ଼ି ଚାଲିଥିବା ଅତ୍ୟାଚାର ଯୋଗୁଁ ଅନେକ ମହିଳା ମାନସିକ ଚାପର ଶିକାର ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ନ୍ୟାୟ ନ ମିଳିବା, କଠୋର କାର୍ଯ୍ୟାନୁଷ୍ଠାନ ଅଭାବରୁ ଅନେକ ମହିଳା, ପରିବାର ଭାଙ୍ଗିପଡ଼ି ଜୀବନ ହାରିବାକୁ ମଧ୍ୟ ପଛାଉ ନାହାନ୍ତି। ଗତ ୧୫ ମାସ ମଧ୍ୟରେ ସ୍କୁଲ ଓ ହଷ୍ଟେଲରେ ଯୌନ ନିର୍ଯାତନାର ଅନେକ ମାମଲା ସାମ୍ନାକୁ ଆସିଛି। ଝାରସୁଗୁଡ଼ାର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଏବଂ ମାଲକାନଗିରିରେ ଜଣେ ଆଦିବାସୀ ଝିଅ ପ୍ରସବ କରିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ସୂଚାଉଛି। କେନ୍ଦୁଝର ଜିଲ୍ଲାର ପଣ୍ଡାପଡ଼ା ପୁଲିସ ସୀମା ଅନ୍ତର୍ଗତ ତୋଲ୍ଲାପାଣି ଗ୍ରାମରେ ଜଣେ ୧୭ ବର୍ଷୀୟ ଆଦିବାସୀ ଝିଅଙ୍କୁ ଯୌନ ନିର୍ଯାତନା ପରେ ଗଛରେ ରଶି ଲଗାଇ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଓଡ଼ିଶାରେ ପ୍ରତିଦିନ ପ୍ରାୟ ୧୫ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହେଉଛି। ଏଭଳି ଅନେକ ସମ୍ବେଦନଶୀଳ ପ୍ରସଙ୍ଗରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ନୟାଗଡ଼ ଜିଲ୍ଲା ବିଜୁ ମହିଳା ଜନତା ଦଳ।

## ଗଡ଼ିଆସାହିକୁ 'ଲକ୍ଷ୍ମୀ' ବସ୍ ଚଳାଚଳ ବନ୍ଦ; ଲୋକେ ହନ୍ତସନ୍ତ

ଖଣ୍ଡପଡ଼ା,୧୮।୯(ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗଡ଼ିଆସାହି ପଞ୍ଚାୟତର ଏକାଧିକ ଗ୍ରାମକୁ ଲକ୍ଷ୍ମୀ ବସ୍ ଚଳାଚଳ ମାସ କେଇଟା ଚାଲିବା ପରେ ବନ୍ଦ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ଅନେକ ହଇରାଣ ହରକତ ହେଉଛନ୍ତି।

ମିଳିଥିବା ଅଭିଯୋଗ ଅନୁଯାୟୀ, ପୂର୍ବ ରାଜ୍ୟ ସରକାରଙ୍କ ଦ୍ୱାରା ଆଦିବାସୀ ଅଧ୍ୟୁଷିତ ତଥା ଅପହଞ୍ଚ ଅଞ୍ଚଳକୁ ଲକ୍ଷ୍ମୀ ବସ୍ ଚଳାଚଳ ବ୍ୟବସ୍ଥା କରାଯାଇଥିଲା। ତଦନୁଯାୟୀ ଖଣ୍ଡପଡ଼ାରୁ ଭାୟା ଖଲିସାହି ହୋଇ ଗୋଟିଏ ବସ୍ କୋସ୍କା ପଞ୍ଚାୟତ ପର୍ଯ୍ୟନ୍ତ ଚଳାଚଳ କରୁଛି। ତେବେ ସିଙ୍ଘାପଡ଼ା ପରେ ଉକ୍ତ ବସ୍‌ଟି ସିଧା ଗଡ଼ିଆସାହି ବଜାର ହୋଇ କିଆଝର ଚାଲିଯାଉଥିଲା। ଏହାଦ୍ୱାରା ପଥରଗଣ୍ଡ, ନଟବରପୁର ଶାସନ, ପିତାମହଲ, ମେଡିକାଲ ସାହିର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ହାତପାଆନ୍ତାରେ ଲକ୍ଷ୍ମୀ ବସ୍ ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ବାରମ୍ବାର ଅଭିଯୋଗ ପରେ ଗତବର୍ଷ ଡିସେମ୍ବର ମାସରେ ବସ୍ ସେବା ଆରମ୍ଭ ହୋଇଥିଲା। କିନ୍ତୁ ଗତ ୨ ମାସ ହେବ ବସ୍ ସେବା ବନ୍ଦ ହୋଇଥିବା ନେଇ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତେବେ ଗଡ଼ିଆସାହି ବଜାରରେ ଗଛ ଥିବା ଯୋଗୁଁ ବସ୍ ଯାଉ ନ ଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ଗତ ୪ ତାରିଖରେ ପଞ୍ଚାୟତ ସମିତି ବୈଠକରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ବିଡିଓଙ୍କୁ ଦାବି ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସୁଫଳ ମିଳିପାରି ନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ପଞ୍ଚାୟତବାସୀ ଦାବି କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଭ୍ରମଣ ଶୁଭାରମ୍ଭ

ନୟାଗଡ଼,୧୮।୯(ସମିସ): ଗୁରୁବାର ଅପରାହ୍ଣ ୪ଟାରେ ସରକାରଙ୍କ ତୀର୍ଥଯାତ୍ରା ଭ୍ରମଣ ଯୋଜନାରେ ନୟାଗଡ଼ ଜିଲ୍ଲାର ୧୧୯ ଜଣ ବରିଷ୍ଠ ନାଗରିକ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରା ପରିଭ୍ରମଣରେ ବାହାରିଛନ୍ତି। ଏହି ଅବସରରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପୂର୍ବାହ୍ଣରେ ସମସ୍ତ ଯାତ୍ରୀଙ୍କର



ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତ ଯାତ୍ରୀ ୪ଜଣ ଏସ୍କର୍ଟ ଅଧିକାରୀଙ୍କ ସହିତ ୩ଟି ବସ୍ ଯୋଗେ ବ୍ରହ୍ମପୁର ଯାତ୍ରା କରିଛନ୍ତି। ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବେ। ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ପାଇଁ ସେମାନଙ୍କ ସମସ୍ତ ଖର୍ଚ୍ଚ ସହ ଯାତ୍ରା ସମୟରେ ତୀର୍ଥସ୍ଥାନରେ ରହିବା, ଯିବାଆସିବା ଓ ଚିକିତ୍ସା ସୁବିଧା ଏବଂ ଖାଦ୍ୟପେୟ ଇତ୍ୟାଦିର ସମସ୍ତ ସୁବନ୍ଦୋବସ୍ତ ସରକାରଙ୍କ ଦ୍ୱାରା କରାଯାଇଛି। ଆସନ୍ତା ୨୪ ତାରିଖରେ ତୀର୍ଥ ଭ୍ରମଣ ସାରି ସମସ୍ତ ତୀର୍ଥଯାତ୍ରୀ ଫେରିବାର କାର୍ଯ୍ୟକ୍ରମ ରହିଛି।

## ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଦଶପଲ୍ଲା,୧୮।୯(ସମିସ): ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନସେବାବାହିନୀଫ୍ରେଣ୍ଡସକ୍ଲବ୍‌ଆନୁକୂଲ୍ୟରେବ୍ୟାପକବୃକ୍ଷରୋପଣକାର୍ଯ୍ୟକ୍ରମଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରଜାତିର ଆମ୍ବ, ପଣସ, ଜାମୁକୋଳି, ଅମୃତଭଣ୍ଡା ଆଦି ଫଳ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ଲବ୍‌ର ଉପସଭାପତି ଯୁଗଳ ବେହେରା, ସମ୍ପାଦକ ଚିନ୍ମୟ ପ୍ରଧାନ, କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଗ୍ରାମରେ ଚାରା ବଣ୍ଟନ କରିବା ସହ ଶତାଧିକ ମହିଳା ଏବଂ କ୍ଲବ୍‌ର ସଦସ୍ୟମାନେ ପରିବେଶ ସୁରକ୍ଷା ସଚେତନତା ପାଇଁ ଏକ ଶୋଭାଯାତ୍ରା କରିଥିଲେ। ପରିଶେଷରେ ଆୟୋଜିତ ସଭାରେ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା, ବୃକ୍ଷ ମାହାତ୍ମ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସମସ୍ତେ ଗୋଟିଏ ଗୋଟିଏ ଚାରା ରୋପଣ କରିବା ସହ ଜଙ୍ଗଲ ସୁରକ୍ଷା କରିବା ପାଇଁ ଶପଥ ନେଇଥିଲେ। ପରିଶେଷରେ ମହିଳାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ସମୀକ୍ଷା ବୈଠକ

ନୟାଗଡ଼,୧୮।୯(ସମିସ): କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ (ସୃଜନ)ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ, ଡିପିଏମ୍‌ୟୁ ନିର୍ଦ୍ଦେଶକ ବିଦ୍ୟାଧର ନାୟକ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାପାଳ ସାଂସଦ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ହସ୍ତତନ୍ତ, ପ୍ରାଣୀ ଚିକିତ୍ସା ସମ୍ବନ୍ଧୀୟ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବିଷୟରେ ସାଂସଦ ଶ୍ରୀ ପାଣିଗ୍ରାହୀ ସଭାଖଣ୍ଡ ଦଶପଲ୍ଲା ଉପରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦଶପଲ୍ଲା ବିଧାନସଭା ଖଣ୍ଡ ମଧ୍ୟରେ ଆସୁଥିବା ୩ଟି ବ୍ଲକ୍ (ଗଣିଆ, ନୂଆଗାଁ, ଦଶପଲ୍ଲା)ରେ ଅତିକମ୍‌ରେ ୨୦ଜଣ (ବ୍ଲକ୍ ପିଛା) ଯୁବ ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏହା ସମ୍ଭବ ହୋଇପାରିଲେ ପ୍ରଧାନମନ୍ତ୍ରୀଙ୍କ "ଭୋକାଲ୍ ଫର୍ ଲୋକାଲ' ଉଦ୍ଦେଶ୍ୟ ସାକାର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ସରକାରଙ୍କ ସମସ୍ତ ଯୋଜନାକୁ ଲୋକାଭିମୁଖୀ କରିବା ଓ ନୂତନ ରୋଜଗାର ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପରିଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆକ୍ରମଣ ଘଟଣାରେ ୩ ଜଣଙ୍କୁ ୮ ମାସ ଜେଲ୍‌ଦଣ୍ଡ

ଭାପୁର,୧୮।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଗୁରୁବାର ଏକ ମାମଲା ଶୁଣାଣି କରି ୩ ଅଭିଯୁକ୍ତଙ୍କୁ ୮ ମାସ ଲେଖାଏଁ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୨୦୦୭ ରେ ଫତେଗଡ଼ ଥାନା ବାସୁଦେବପୁର ଗ୍ରାମର କବିରାଜ ନାୟକଙ୍କୁ ସେହି ଗ୍ରାମର ପ୍ରହ୍ଲାଦ ନାୟକ, ପରବାସୀ ନାୟକ ଓ ଯମୁନା ନାୟକ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ଭାପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦୀପ୍ତିମୟୀ ସାହୁ ଯମୁନା, ପରବାସୀ ଓ ପ୍ରହ୍ଲାଦଙ୍କୁ ଦୋଷୀ ସାବ୍ୟସ୍ତ କରି ୮ ମାସ ଲେଖାଏଁ ଜେଲ୍ ଦଣ୍ଡାଦେଶ ଓ ୧୫୦୦ ଟଙ୍କା ଅର୍ଥ ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ଅର୍ଥ ଆଦାୟ ନ ହେଲେ ଅଧିକ ଦେଢ଼ ମାସ ଲେଖାଏଁ ଜେଲ୍ ଭୋଗିବେ। ଏହି ମାମଲାକୁ ସରକାରୀ କ୍ୟାଡର ଏପିପି ଅନୁରଞ୍ଜନା ବେହେରା, ଏପିପି କେଦାର ନାଥ ସାହୁ ଓ କୈଳାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟସ୍ତରରେ ନୟାଗଡ଼ ଏକାଡେମୀର ସୁନାମ



ନୟାଗଡ଼,୧୮।୯(ସମିସ): ଗତ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ହାଇଦରାବାଦର ଗୋଛିୱାଲି ନିକଟସ୍ଥ ଜିଏମ୍‌ସି ବାଲା ଯୋଗି ଷ୍ଟାଡିୟମ୍‌ରେ ପ୍ରଥମ ଏସିଆନ ଓପନ୍ ଇଣ୍ଟରନ୍ୟାସନାଲ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତ ସମେତ ବାହାରୁ ୬ଟି ଦେଶରୁ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୪ଟି ଇଭେଣ୍ଟ ରଖାଯାଇଥିଲା। ଏହି ଇଭେଣ୍ଟ ମଧ୍ୟରୁ ଟାଏକ୍ୱୋଣ୍ଡୋ ସ୍କୁଲ ଅଫ୍ ନୟାଗଡ଼ ଏକାଡେମୀ ପକ୍ଷରୁ ଶ୍ୟାମସୁନ୍ଦର୍ ସିଂ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଶ୍ୟାମସୁନ୍ଦର୍ ସିଂ ସିନିଅର କି-କିରୋଗୀ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରି ନୟାଗଡ଼, ଓଡ଼ିଶା ତଥା ଆମ ଦେଶ ଭାରତ ପାଇଁ ଏକ ଗୌରବ ଅର୍ଜନ କରିଛନ୍ତି। ଏହି ସଫଳତା ପଛରେ କ୍ରୀଡ଼ାବିତ୍‌ଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ଅଭିଭାବକଙ୍କ ସହଯୋଗ ଓ ଆଶୀର୍ବାଦ ଅଛି ବୋଲି ଏକାଡେମୀ ମୁଖ୍ୟ ପ୍ରଶିକ୍ଷକ ଏମ୍. ରୀତିକ୍ ରଞ୍ଜନ ମହାପାତ୍ର ମତବ୍ୟକ୍ତ କରିଛନ୍ତି।

## ଓଡ଼ଗାଁ ସମବାୟ ସମିତିକୁ ଆସୁନି ସାର
## ତହସିଲଦାରଙ୍କୁ ଅଭିଯୋଗକଲେ ଚାଷୀ

ଓଡ଼ଗାଁ,୧୮।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ କୃଷି ସେବା ସମବାୟ ସମିତିକୁ ସାର ଆସୁ ନ ଥିବା ନେଇ ଚାଷୀମାନେ ଗୁରୁବାର ସ୍ଥାନୀୟ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ସମବାୟ ସମିତି ସମ୍ପାଦକଙ୍କୁ ସାର ସମ୍ପର୍କରେ ପଚାରିଲେ ସେ ଚାଷୀଙ୍କୁ ବିଭିନ୍ନ କଥା କହି ଏଡ଼ାଇ ଚାଲିଥିବା ଅଭିଯୋଗ କରିଛନ୍ତି। ବାହାରେ ସାର ଦର ଆକାଶଛୁଆଁ ହୋଇଥିବାବେଳେ ୩ଶହ ଟଙ୍କାର ସାର ୯ଶହ ଟଙ୍କାରେ କିଣିବା ପାଇଁ ଚାଷୀଙ୍କ ପକ୍ଷରେ ସମ୍ଭବପର ନୁହେଁ। ଆଗାମୀ ୨ ଦିନ ମଧ୍ୟରେ ଚାଷୀମାନଙ୍କୁ ସାର ଯୋଗାଇ ଦିଆ ନ ଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ପାଇ ତହସିଲ୍‌ଦାର ପ୍ରଥମେ ଓଡ଼ଗାଁ ସମବାୟ ସମିତି ସମ୍ପାଦକଙ୍କ ସହିତ କଥା ହେବା ପରେ ଓଡ଼ଗାଁ ବ୍ଲକ୍ କୃଷି ଅଧିକାରୀ ପ୍ରତିଭା ପ୍ରଧାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ଅଧିକାରୀ ସୂଚନା ପାଇବା ପରେ ସମବାୟ ସମିତିରେ ପହଞ୍ଚି ସଂଗ୍ରହ କରିଥିବା ତଥ୍ୟ ପ୍ରକାରେ ଓଡ଼ଗାଁ ସମବାୟ ସମିତି ଲାଇସେନ୍ସ ଅବଧି ଅଗଷ୍ଟ ମାସରେ ସରିଯାଇଛି। ଲାଇସେନ୍ସ ନବୀକରଣ ପାଇଁ ସମିତି ପକ୍ଷରୁ ଆବେଦନ କରାଯାଇଛି। କିନ୍ତୁ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କୃଷି ଅଧିକାରୀଙ୍କ ୱେବ୍‌ସାଇଟ୍‌ରେ ସୋ' କରିନାହିଁ। ଏଣୁ ପରବର୍ତ୍ତୀ ପ୍ରକ୍ରିୟା ବିଳମ୍ବ ହେଉଛି। ଲାଇସେନ୍ସ ନବୀକରଣ ସରିବା ପରେ ସମସ୍ତ ପ୍ରକାର ପ୍ରୋଫାଇଲ୍ ଅପ୍‌ଡେଟେସନ କାର୍ଯ୍ୟ ପରେ ସାର ମିଳିବ। ଏହି ପ୍ରକ୍ରିୟା ଶେଷ ହେବାକୁ ନିହାତି ଭାବେ ଅଳ୍ପ କିଛିଦିନ ଲାଗିବ ବୋଲି ଜଣାପଡ଼ିଛି। ଅନ୍ୟ ପକ୍ଷରେ ସାର ରଖିବା ପାଇଁ ସମିତିର ଗୋଦାମ ଗୃହ ନ ଥିବା ବେଳେ ନୂତନ ଗୋଦାମ ଗୃହ ନିର୍ମାଣାଧୀନ ରହିଛି। ଏଣୁ ସାର ପହଞ୍ଚିବା ପରେ ରଖିବା ନେଇ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି।

### ■ ପଦାରେ ପଡ଼ିଲାଣି ବିଜେପିର ଗୋଷ୍ଠୀ କନ୍ଦଳ
## କ୍ଷମତାକୁ ନେଇ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ

ଓଡ଼ଗାଁ,୧୮।୯(ସମିସ): ନୟାଗଡ଼ ଜିଲ୍ଲାରେ କ୍ଷମତାକୁ ନେଇ ବିଜେପିର ଗୋଷ୍ଠୀ କନ୍ଦଳ ଏବେ ପଦାରେ ପଡ଼ିଲାଣି। ଏହାର ଜ୍ୱଳନ୍ତ ଚିତ୍ର ଗୁରୁବାର ଓଡ଼ଗାଁ ବ୍ଲକ୍ କୁରାଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଛି। ଖୋଦ୍ ସାଂସଦ ଓ ବିଧାୟିକା ପ୍ରାର୍ଥୀଙ୍କ ଉପସ୍ଥିତିରେ ବିଜେପିର ଦୁଇ ଗୋଷ୍ଠୀ ଠେଲାପେଲା ହେବା ସହ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନ ଅବସରରେ ଗତ ୧୭ ତାରିଖରେ ସାରା ଦେଶର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାଧ୍ୟମରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଚାଲିଥିଲା। ଏହାକୁ ନେଇ ଗୁରୁବାର ଅପରାହ୍ଣରେ ସେବା ସପ୍ତାହ ଅବସରରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ନୟାଗଡ଼ ବିଧାୟିକା ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କୁରାଳ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟକୁ ପ୍ରବେଶ କରିଥିଲେ। ଏହି ସମୟରେ ବିଜେପିର ଜଣେ ମଣ୍ଡଳ ସଦସ୍ୟ ଗହଳି ନିୟନ୍ତ୍ରଣ ଦାୟିତ୍ୱ ତୁଲାଉଥିଲେ।

### ଖୋଦ୍ ସାଂସଦଙ୍କ ସମ୍ମୁଖରେ ହେଲେ ଠେଲାପେଲା

ତେବେ ନିମନ୍ତ୍ରଣ କ୍ରମେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦାୟିତ୍ୱରେ ଥିବା ଜଣେ ସ୍ଥାନୀୟ କର୍ମକର୍ତ୍ତା ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟକୁ ପ୍ରବେଶ କରୁଥିବାବେଳେ ତାଙ୍କୁ ସେ ଅଟକାଇଥିଲେ। ଏହାକୁ ନେଇ ଉଭୟ କର୍ମକର୍ତ୍ତାଙ୍କ ମଧ୍ୟରେ ଉଚ୍ଚବାଚ ବଢ଼ିଥିବା ସହିତ ଠେଲାପେଲା ହୋଇଥିଲା। ଘଟଣାକୁ ପ୍ରସମିତ କରିବା ଉଦ୍ଦେଶ୍ୟରେ ସେଠାରେ ଜିଲ୍ଲା କର୍ମକର୍ତ୍ତା ସନ୍ତୋଷ ପ୍ରଧାନ ପହଞ୍ଚି ବୁଝାସୁଝା କରିବାବେଳେ ତାଙ୍କ ସହିତ ଯୁକ୍ତିତର୍କ ଓ ଠେଲାପେଲା ମଧ୍ୟ ହୋଇଥିଲା। ପରେ ସାଂସଦଙ୍କ ପିଏସ୍‌ଓ ଏବଂ ଅନ୍ୟ କେତେକ କର୍ମକର୍ତ୍ତାଙ୍କ ହସ୍ତକ୍ଷେପ ପରେ ଘଟଣା ଶାନ୍ତ ପଡ଼ିଥିଲା। ତେବେ ରାଜ୍ୟରେ ଗୋଟିଏ ବର୍ଷ ଅତିକ୍ରମ କରିଥିବା ବିଜେପିର ସରକାର ଶାସନ କରୁଥିବାବେଳେ କ୍ଷମତାକୁ ନେଇ ତଳସ୍ତରରେ ଦଳୀୟ କର୍ମକର୍ତ୍ତା ନିଜ ନିଜ ମଧ୍ୟରେ ଲଢ଼େଇ କରୁଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେବେ ଏମାନେ ନିଜ ନିଜ ଭିତରେ ଗୋଡ଼ ଟଣାଟଣି ହେଉଥିବାବେଳେ ସାଧାରଣ ଜନତାଙ୍କର କେଉଁ ପ୍ରକାରର ସେବା କରିବେ ତାକୁ ନେଇ ସାଧାରଣରେ ଆଲୋଚନା ଜୋର୍ ଧରିଛି।

## ୨୨ରେ ଓଡ଼ଗାଁରେ ମେଗା ସ୍ୱାସ୍ଥ୍ୟମେଳା

ଓଡ଼ଗାଁ,୧୮।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମର ଶୁଭାରମ୍ଭ ପରିପ୍ରେକ୍ଷୀରେ ଆସନ୍ତା ୨୨ ତାରିଖରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଶିବିରରେ ସମ୍ ଅଲ୍‌ଟିମେଟ୍ ହସ୍ପିଟାଲ ଭୁବନେଶ୍ୱରର ଶଲ୍ୟ ବିଭାଗ ଡା. ସୋନାଲୀ ମହାନ୍ତି ଏବଂ ଗ୍ୟାଷ୍ଟ୍ରୋ ସାଇନ୍ସ ଓ ହେପାଟୋଲୋଜି ବିଭାଗର ବରିଷ୍ଠ ଡାକ୍ତର ଦେବକାନ୍ତ ମିଶ୍ର ଉପସ୍ଥିତ ରହିବାକୁ ସମ୍ମତି ଜମାଇଛନ୍ତି। ଏଥିସହିତ ମେଡିସିନ, ପ୍ରସୂତି, ଚକ୍ଷୁ, ଦନ୍ତ ଏବଂ ଅନ୍ୟାନ୍ୟ ବିଭାଗର ଡାକ୍ତରମାନେ ଏଥିରେ ଯୋଗଦେଇ ବାଳିକାଙ୍କ ସହିତ ସବୁ ବର୍ଗର ମହିଳାମାନଙ୍କ ବିସ୍ତୃତ ଭାବେ ସ୍ୱାସ୍ଥ୍ୟ ଯାଞ୍ଚ କରି ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ନାମ ପଞ୍ଜୀକରଣ ପାଇଁ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ସେଲକୁ ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ ଆନୁଷ୍ଠାନିକ ଭାବେ ୧୭ ତାରିଖରେ ଲୋକାର୍ପଣ କରିଥିଲେ। ତେବେ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମେଗା ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଆସିବାକୁ ଥିବା ମହିଳାମାନେ ଓଡ଼ଗାଁ ଡାକ୍ତରଖାନାକୁ ଆସି ଏବେଠାରୁ ଖୁବ୍‌ଶୀଘ୍ର ସେମାନଙ୍କ ନାମ ପଞ୍ଜୀକରଣ କରିବାକୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିଲାନ୍ ଦାସ କହିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଭାପୁର,୧୮।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ପଞ୍ଚାୟତ ବିଜୟନଗର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଉଦୟନାଥ ମହାନ୍ତିଙ୍କ ଧର୍ମପତ୍ନୀ ପ୍ରେମଲତା ମହାନ୍ତି(୮୬)ଙ୍କ ବୁଧବାର ଦିନ ୧୦ଟାରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିବା ପାଇଁ ଘରକୁ ଆସିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ବିପିନ ବିହାରୀ ମହାନ୍ତି ଗୋଳାପୋଖରୀ ଆର୍‌ଆଇ ଅଫିସରେ ଅମିନ ଅଛନ୍ତି। ସାନପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ। ତାଙ୍କର ଚାରିପୁଅ ଓ ଗୋଟିଏ ଝିଅ ଅଛନ୍ତି। ଜ୍ୱାଇଁ ଦୈନିକ 'ସକାଳ' ଖବରକାଗଜର ଭାପୁର ବ୍ଲକ୍ ପ୍ରତିନିଧି ଅଛନ୍ତି।

## ବ୍ଲକ୍‌ସ୍ତରୀୟ 'ଉଲ୍ଲାସ' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭାପୁର,୧୮।୯(ସମିସ): ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନା ସରକାର ଆରମ୍ଭ କରିଛନ୍ତି। ଶିକ୍ଷାରୁ ବଞ୍ଚିତ ହୋଇଥିବା ୧୫ ବର୍ଷରୁ ଊର୍ଦ୍ଧ୍ୱ ଯୁବକ ଯେଉଁମାନେ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଶିକ୍ଷାଦାନ କରି ସାକ୍ଷର କରିବା ପାଇଁ ସରକାର 'ଉଲ୍ଲାସ' ଯୋଜନା ଆରମ୍ଭ କରିଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବାଲୁଙ୍କେଶ୍ୱରଦେବ ହାଇସ୍କୁଲରେ ଏକଦିବସୀୟ ଉଲ୍ଲାସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବ୍ଲକ୍ ଶିକ୍ଷା ଅଧିକାରୀ ମୋନାଲିସା ରଥ ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ର ୧୦୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣ ନେଇଥିଲେ। ୧୦ ସାଧନ କର୍ମୀ ଓ ୬ ଜଣ ଟ୍ରେନରଙ୍କୁ ନେଇ ନୋଡାଲ ଅଫିସର ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର କର ଏହାକୁ ପରିଚାଳନା କରିଥିଲେ।

## ଜଳସେଚନ ପାଇଁ କେନାଲ ସଫାକଲେ ଚାଷୀ



ଶରଣକୁଳ,୧୮।୯(ସମିସ): ଶରଣକୁଳ ନିକଟସ୍ଥ ବରସାହି ଗ୍ରାମ ପଞ୍ଚାୟତର ଚାଷୀମାନେ ନିଜ ନିଜର ଧାନ ଜମିକୁ ଜଳସେଚନ କରି ଫସଲ ବଞ୍ଚାଇବା ନିମନ୍ତେ ଉଚ୍ଛେଇ ନାଗଝର କେନାଲକୁ ସଫା କରିବା ପାଇଁ ଲାଗିପଡ଼ିଛନ୍ତି। ଯେଉଁ କାର୍ଯ୍ୟ ଜଳସେଚନ ବିଭାଗ କରିବା କଥା ତାହାକୁ ବରସାହି ଗ୍ରାମ ପଞ୍ଚାୟତର ଚାଷୀ ଭାଇମାନେ କରି ନିଜର ବର୍ଷସାରା ଖାଦ୍ୟ ପାଇଁ ଲାଗିପଡ଼ିଛନ୍ତି। ଜଳସେଚନ ବିଭାଗ ଅଧିକାରୀମାନେ ଏଥିରେ ମନଜ୍ଞାନ ଦେଉନାହାନ୍ତି କି କେନାଲ ସଫେଇ କାର୍ଯ୍ୟକ୍ରମ କରୁନାହାନ୍ତି। ସେଥିପାଇଁ ଆସୁଥିବା ଅର୍ଥକୁ ହରିଲୁଟ୍ କରିଚାଲିଥିବା ଚାଷୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ହୋଇପାରିଲା ନାହିଁ।

## 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ

ଗଣିଆ,୧୮।୯(ସମିସ): ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ରେ ଅଧିକାରୀ ମଧୁସୂଦନ ଦାସ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ ଦିନ ୨୦୦ ଜଣ ମହିଳାଙ୍କର ସମସ୍ତ ରୋଗର ଚିକିତ୍ସା ସହିତ ସଚେତନତା ଅନୁଷ୍ଠିତ ହେବ। ୨୧ ତାରିଖରେ ସ୍ୱତନ୍ତ୍ର ଭାବେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସ୍ତ୍ରୀ ରୋଗ ବିଶେଷଜ୍ଞଠାରୁ ଆରମ୍ଭ କରି ଆଖି, ଦନ୍ତ ରୋଗ ଡାକ୍ତରମାନେ ଏହି ଶିବିରରେ ଉପସ୍ଥିତ ରହି ସେବା ଯୋଗାଇବେ। ଉତ୍ତମ ଚିକିତ୍ସା ସହିତ କିଭଳି ଖାଦ୍ୟ ଖାଇଲେ ନିରୋଗ ରହିପାରିବେ ସେ ସମ୍ପର୍କରେ ଶିବିରରେ ଥିବା ଡାକ୍ତର ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ।

## ପଦ୍ମାବତୀ ତଳମାରଡ଼ା ଗାଁ ସୀମା ବିବାଦ
## ସମାଧାନ ପାଇଁ ପ୍ରଶାସନିକ ଉଦ୍ୟମ ବିଫଳ

ଭାପୁର,୧୮।୯(ସମିସ)



ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପଦ୍ମାବତୀ ପଞ୍ଚାୟତ ପଦ୍ମାବତୀ ଗ୍ରାମ ଓ ତଳମାରଡ଼ା ଗ୍ରାମ ମଧ୍ୟରେ ସୀମା ସରହଦକୁ ନେଇ ଲାଗିରହିଥିବା ବିବାଦର ଆପୋଷ ସମାଧାନ ପାଇଁ ପ୍ରଶାସନିକ ଉଦ୍ୟମ ବିଫଳ ହୋଇଛି। ତିନି ଦିନରେ ଦୁଇ ଦୁଇ ଥର ପ୍ରଶାସନିକ ଅଧିକାରୀମାନେ ଦୁଇ ଗ୍ରାମବାସୀମାନଙ୍କୁ ନେଇ ସମାଧାନ ପାଇଁ କରିଥିବା ଉଦ୍ୟମ ବିଫଳ ହୋଇଛି।

ଭାପୁର ବ୍ଲକ୍ ପଦ୍ମାବତୀ ପଞ୍ଚାୟତ ପଦ୍ମାବତୀ ଗ୍ରାମ ଓ ତଳମାରଡ଼ା ଗ୍ରାମ ମଧ୍ୟରେ ସୀମା ସରହଦକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗତ ମଙ୍ଗଳବାର ଦୁଇ ଗାଁର ମୁଖ୍ୟ ବ୍ୟକ୍ତିମାନଙ୍କୁ ନେଇ ଭାପୁର ତହସିଲ୍ କାର୍ଯ୍ୟାଳୟରେ ତହସିଲ୍‌ଦାର, ଏସ୍‌ଡିପିଓ, ଫତେଗଡ଼ ଥାନା ଅଧିକାରୀଙ୍କୁ ନେଇ ସମାସ୍ୟା ସମାଧାନ ପାଇଁ ଏକ ବୈଠକ ଆୟୋଜିତ ହୋଇଥିଲା। ଏହା ବିଫଳ ହେବା ପରେ ମଙ୍ଗଳବାର ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ନେତୃତ୍ୱରେ ଭାପୁର ବ୍ଲକ୍ ସଭାଗୃହରେ ଦୁଇ ଗାଁର ୩୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀଙ୍କୁ ନେଇ ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଭାପୁର ତହସିଲ୍‌ଦାର ଅର୍ଜୁନ ପ୍ରଧାନ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ଓ ସ୍ଥାନୀୟ ଆର୍‌ଆଇ ଉପସ୍ଥିତ ରହି ସମାସ୍ୟା ସମାଧାନ ପାଇଁ ଉଦ୍ୟମ କରିଥିଲେ। ଉଭୟ ଗ୍ରାମବାସୀ ସେମାନଙ୍କ ପକ୍ଷ ରଖିଥିଲେ। ତଳମାରଡ଼ା ଗ୍ରାମର ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ ବାରଣ କରିବା ଓ ପଦ୍ମାବତୀ ଗ୍ରାମର ଦୋକାନୀମାନେ ତଳମାରଡ଼ା ଗ୍ରାମବାସୀଙ୍କୁ କିରାନା ସାମଗ୍ରୀ ନ ଦେବା କଥାକୁ ଦୁଇ ଗ୍ରାମର ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀମାନେ ନାପସନ୍ଦ କରିଥିଲେ। ତଳମାରଡ଼ା ଗ୍ରାମବାସୀଙ୍କ ବିଭିନ୍ନ ଦାବି ଉପରେ ମୁଖ୍ୟତଃ ସମାଧାନ ନିର୍ଭର କରୁଥିବାରୁ ସେହିଗୁଡ଼ିକ ଆଲୋଚନା ହୋଇଥିଲା। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ସୀମା ସରହଦ ଚିହ୍ନଟ ପାଇଁ ଡିମାର୍‌କେସନ ଓ ଦୁଇଟି ସରକାରୀ ଅନୁଷ୍ଠାନରେ ସେମାନଙ୍କ ଗ୍ରାମର ନାମ ଉଲ୍ଲେଖ କରିବା। ପଦ୍ମାବତୀ ଗ୍ରାମକୁ ଲାଗି ରହିଥିବା ଉଚ୍ଚ ବିଦ୍ୟାଳୟ ଓ ଏହାର ଖେଳପଡ଼ିଆ, ପଞ୍ଚାୟତ କାର୍ଯ୍ୟାଳୟ ଓ ଡାକ୍ତରଖାନା ସମସ୍ତ ଅନୁଷ୍ଠାନ ତଳମାରଡ଼ା ସରହଦ ମଧ୍ୟରେ ନିର୍ମାଣ ହୋଇଥିବା ବୈଠକରେ ଉପସ୍ଥିତ ଆର୍‌ଆଇ ତଥ୍ୟ ରଖିଥିଲେ। ତେଣୁ ଆଉ ସୀମା ସରହଦ ପାଇଁ ମାପଚୁପ ଆବଶ୍ୟକ ନାହିଁ ବୋଲି ସମସ୍ତେ ହୃଦ୍‌ବୋଧ କରିଥିଲେ। ପଦ୍ମାବତୀ ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟ ଓ ଡାକ୍ତରଖାନାରେ ପଦ୍ମାବତୀ ଗ୍ରାମ ସହ ତଳମାରଡ଼ା ଗ୍ରାମର ନାମ ଉଲ୍ଲେଖ କରିବା ପାଇଁ ଦୁଇ ଗ୍ରାମବାସୀ ଓ ପ୍ରଶାସନ ରାଜି ହୋଇଥିଲେ। ଉଭୟ ଗ୍ରାମବାସୀ ଏ ନେଇ ସହମତି ପତ୍ର ପ୍ରଦାନ କରି ଆବେଦନ କଲେ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ପଦକ୍ଷେପ ନେବାକୁ ପ୍ରସ୍ତାବ ରଖିବେ। ଯେଉଁ ହାଇସ୍କୁଲ ଖେଳପଡ଼ିଆକୁ ନେଇ ବିବାଦ ସୃଷ୍ଟି ହୋଇଛି ସେଠାରେ ଦୁଇ ଗ୍ରାମର କେହି ବି କୌଣସି ବ୍ୟକ୍ତିଗତ କାର୍ଯ୍ୟ କରିବେ ନାହିଁ। ଖେଳପଡ଼ିଆଟିରେ ବିଦ୍ୟାଳୟର ସମସ୍ତ କାର୍ଯ୍ୟ, ସରକାରୀ କାର୍ଯ୍ୟ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ଉଭୟ ପକ୍ଷ ରାଜି ହୋଇଥିଲେ ହେଁ ଏଠାରେ ପଦ୍ମାବତୀ ଗ୍ରାମର ଦଶହରା ଭସାଣି କାର୍ଯ୍ୟକ୍ରମକୁ ତଳମାରଡ଼ା ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବାରୁ ଓ ସହମତି ହୋଇ ନ ପାରିବାରୁ ପ୍ରଶାସନିକ ସମାଧାନ ଉଦ୍ୟମ ବିଫଳ ହୋଇଥିଲା। ଏହି ବୈଠକ ବିଫଳ ହୋଇଥିଲେ ହେଁ ପ୍ରଶାସନିକ ଅଧିକାରୀମାନେ ତଳମାରଡ଼ା ଗ୍ରାମବାସୀଙ୍କୁ ସକାରାତ୍ମକ ଭାବେ ପୁନର୍ବାର ବିଚାର କରି ଅଞ୍ଚଳର ଶାନ୍ତି ସ୍ଥିରତା ପାଇଁ ପରବର୍ତ୍ତୀ ସମୟରେ ପୁନର୍ବାର ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ନଡ଼ିଆ ତୋଳିବା ମହଙ୍ଗା ପଡ଼ିଲା

# ୩୩ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ





- ୩ ଘଣ୍ଟା ରାସ୍ତା ଅବରୋଧ
- ଉଦ୍ଧାରବେଳେ ତଳକୁ ଖସିପଡ଼ିଲା ଶବ, ଅଗ୍ନିଶମ ବାହିନୀଙ୍କୁ ପିଟିଲେ ଲୋକେ
- ମୃତଦେହକୁ ମିଳିଲାନି ଆମ୍ବୁଲାନ୍ସ, ସ୍କୁଟିରେ ବୋହି ଆଣିଲେ ସାମ୍ବାଦିକ

ଖୋର୍ଦ୍ଧା, ୧୮।୯ (ସମିସ)

ଗଛରେ ଛଡ଼ି ନଡ଼ିଆ ତୋଳିବା ମହଙ୍ଗା ପଡ଼ିଛି ଜଣେ ଯୁବକଙ୍କୁ। ଗଛ ଉପରେ ଚଢ଼ିଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଲିଗଲା ଯୁବକଙ୍କ ଜୀବନ। ମୃତକ ହେଲେ ଖଙ୍ଗୁରିଆ ଗ୍ରାମର ପଞ୍ଚାନନ ସାହିର ଆଲୋକ ପରିଡ଼ା ଓରଫ ଜଗୁ (୩୦)। ଘଟଣାକୁ କେନ୍ଦ୍ରକରି ଦୀର୍ଘ ୩ ଘଣ୍ଟା ଧରି ଜାତୀୟରାଜପଥ ଉପରେ ଶବ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକ କରାଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଥିଲା। କିନ୍ତୁ ଉଦ୍ଧାରବେଳେ ମୃତଦେହ ତଳେ ପଡ଼ିଯିବାରୁ ଉତ୍ୟକ୍ତ ଲୋକେ ଅଗ୍ନିଶମ କର୍ମଚାରୀଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିବା ଦେଖାଯାଇଛି।

ପ୍ରକାଶ ଥାଉକି, ବୋଲଗଡ଼ ନେଳିଆ ପୋଖରୀ ନିକଟ ତୃତୀୟପଡ଼ା-୧ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଥିବା ନଡ଼ିଆ ଗଛରୁ ନଡ଼ିଆ ତୋଳିବା ପାଇଁ ଯାଇଥିଲେ ଜଗୁ। କିନ୍ତୁ ଗୋଟିଏ ନଡ଼ିଆ ବାହୁଙ୍ଗା ଗଛ କଡ଼ରେ ଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଗଛ ଉପରେ ଜଗୁଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। କିନ୍ତୁ ମୃତଦେହ ଗଛ ଉପରେ ଲଟକି ରହିଥିଲା। ବୋଲଗଡ଼ ଅଗ୍ନିଶମ ବିଭାଗ ଜରୁରୀ ଫୋନ୍ କଲ୍ ପାଇ ଦୁଇଟି ଗାଡ଼ିରେ ୬ଜଣ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ୨ରୁ ୩ ଘଣ୍ଟା ପରିଶ୍ରମ କରି ମୃତଦେହକୁ ଉଦ୍ଧାର କରିବା ସମୟରେ ଅସାବଧାନତା କାରଣରୁ ଶବଟି ତଳେ ପଡ଼ିଯାଇଥିଲା। ଫଳରେ ଗଛତଳେ ରୁଣ୍ଡ ହୋଇଥିବା ସ୍ଥାନୀୟ ଗ୍ରାମବାସୀ ଉତ୍ୟକ୍ତ ହୋଇ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀମାନଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲେ। ମୃତଦେହକୁମେଡିକାଲକୁ ଆଣିବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ହେଁ ନ ଆସିବାରୁ ଶେଷରେ ସ୍କୁଟି ଯୋଗେ ଜଣେ ସାମ୍ବାଦିକ ବୋହିଆଣିଥିଲେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ। କିନ୍ତୁ ସେତେବେଳକୁ ଜଗୁଙ୍କର ମୃତ୍ୟୁ ହୋଇଯାଇଥିବାର ଡାକ୍ତର ଘୋଷଣା କରିଥିଲେ। ପରେ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ମୃତଦେହକୁ ନେଇ ବୋଲଗଡ଼ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖ ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେପଟେ ରାସ୍ତାରୋକ କାରଣରୁ ରାସ୍ତାର ଉଭୟ ପଟେ ଶହ ଶହ ଗାଡ଼ିମୋଟର ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ସେହି ସମୟରେ ପୁରୀ ସାଂସଦଙ୍କ ଗାଡ଼ିକୁ ଆନ୍ଦୋଳନକାରୀ ଛାଡ଼ି ନ ଥିବାରୁ ସାଂସଦ ଗାଡ଼ି ବୁଲାଇ ଚାଲିଯାଇଥିଲେ। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ଅନାଦୀ ସେଠୀ, ବିଡିଓ ସୁମନ ସୁଧା କୁଣ୍ଡୁ, ତହସିଲ୍‌ଦାର ବିଜୟ ସେଠୀ, ଅତିରିକ୍ତ ତହସିଲ୍‌ଦାର ଦୀପ୍ତିମୟୀ ଶର୍ମା, ବୋଲଗଡ଼ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ, ଜିଲ୍ଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ଶୁଭେନ୍ଦ୍ର କୁମାର ସାହୁ, ସରପଞ୍ଚ ଜଳଧର ମହାନ୍ତି, ପ୍ରଦୀପ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ କୌଣସି ସମାଧାନ ବାହାରିପାରି ନ ଥିଲା। ପରେ ଥାନା ପରିସରରେ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ପ୍ରତିନିଧି ଦଳ ମିଳିତ ଭାବେ ଆଲୋଚନା ପରେ ତହସିଲ୍‌ଦାର ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରଙ୍କୁ ୨୦ ହଜାର ନଗଦ ଅର୍ଥ ରାଶି ପ୍ରଦାନ ସହ ବିଦ୍ୟୁତ୍ ବିଭାଗର ସହାୟତା ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା। ମୃତକଙ୍କ ଭାଇ ଦୀପକଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଅନ୍ୟପକ୍ଷରେ ସେପଟେ ଅଙ୍ଗନବାଡ଼ି କେନ୍ଦ୍ର ପରିସରରୁ କିଏ କାହିଁକି ନଡ଼ିଆ ତୋଳିବାକୁ କହିଥିଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ତାହାର ତଦନ୍ତ ଜାରି ରଖିଛି। ସେହିପରି ଅଙ୍ଗନବାଡ଼ି କେନ୍ଦ୍ର ଉପରେ ବିପଦପୂର୍ଣ୍ଣ ଭାବେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାରକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଯାଇଥିବା ହାଇଭୋଲ୍‌ଟେଜ୍ ବିଦ୍ୟୁତ୍ ତାରକୁ ଅପସାରଣ କରିବା ସହ କେବୁଲ ତାର କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

## ସ୍କନ୍ଦମାତା ବେଶରେ ମା' ବନଦୁର୍ଗା



**ନିରାକାରପୁର, ୧୮।୯ (ସମିସ):** ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାରଦୀୟ ଷୋଳପୂଜାର ପଞ୍ଚମ ଦିବସରେ ସ୍କନ୍ଦମାତା ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ସହସ୍ର କୁମ୍ଭାଭିଷେକ କରାଯାଇଛି। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ଶ୍ରୀମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି।

## ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା



**ନିରାକାରପୁର, ୧୮।୯ (ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ତା'ର ପାଖାପାଖି ଅଞ୍ଚଳରେ ବିଶ୍ୱକର୍ମା ପୂଜା ଧୂମ୍‌ଧାମରେ ପାଳିତ ହୋଇଯାଇଛି। ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଶ୍ୱକର୍ମା ପୂଜାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାରେ କନିଷ୍ଠ ଯନ୍ତ୍ରୀ ରିତେଶ ସିଂ, କନିଷ୍ଠ ଯନ୍ତ୍ରୀ ଅନ୍ୱେଶ ମହାପାତ୍ର, ବିଭୂତିଭୂଷଣ ସାମନ୍ତରାୟ, ସତ୍ୟଜିତ୍ ପ୍ରଧାନ, ନବ କିଶୋର ବରାଡ଼, ଗୋପାଳକୃଷ୍ଣ ପ୍ରଧାନ, ସନ୍ତୋଷ ବିଶ୍ୱାଳ, ବିଜୟ ରାଉତ, ନିରଞ୍ଜନ ନାୟକ, ସନ୍ତୋଷ ମହାପାତ୍ର, ମନୋରଞ୍ଜନ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଝରିଆ ଗ୍ରାମର ଶତାୟୁ କୃଷକଙ୍କ ଦେହାନ୍ତ

**ଟାଙ୍ଗୀ, ୧୮।୯ (ସମିସ):** ଟାଙ୍ଗୀ ବ୍ଲକ ଅଧୀନସ୍ଥ ରାମଚନ୍ଦ୍ରପୁର (ଝରିଆ) ଗ୍ରାମର ଶତାୟୁ କୃଷକ ଉଦୟନାଥ ପ୍ରଧାନଙ୍କର ୧୦୬ ବର୍ଷ ବୟସରେ ଦେହାନ୍ତ ହୋଇଥିବା ଖବର ମିଳିଛି। ପୂର୍ବରୁ ତାଙ୍କ ଧର୍ମପତ୍ନୀ ଓ ବଡ଼ ପୁଅଙ୍କର ମୃତ୍ୟୁ ହୋଇଥିଲା। ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା। ସାନ ପୁଅ ଅଶ୍ୱନୀ ମୁଖାଗ୍ନି ଦେଇଥିଲେ। ସାରା ଗ୍ରାମରେ ତାଙ୍କ ବିୟୋଗରେ ଶୋକର ପରିବେଶ ସୃଷ୍ଟି ହୋଇଛି। ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଲେଇ, ବବୃବାହନ ପଲେଇ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବ୍ରାଉନ୍‌ସୁଗର ଜବତ, ଦୁଇ ଗିରଫ

**ବେଗୁନିଆ, ୧୮।୯ (ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣିତିର ଗ୍ରାମରେ ଗୁରୁବାର ପୂର୍ବାହ୍ଣରେ ପୁଲିସ ଖବର ପାଇ ଅତର୍କିତ ଚଢ଼ଉ କରି ୮.୬୫ ମିଲିଗ୍ରାମ୍ ବ୍ରାଉନ୍‌ସୁଗର ଓ ବ୍ୟବହୃତ ବୁଲେଟ୍ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସୂଚନା ଅନୁଯାୟୀ, ରଣପୁର ଥାନା ଅନ୍ତର୍ଗତ କୋଟଗଡ଼ ଗ୍ରାମର ଦିନେଶ ଶାହା ଓ କାମ୍ପୋ ଦୋରାଙ୍କଠାରୁ ବ୍ରାଉନ୍‌ସୁଗର ଜବତ କରିଛି। ଏହି ବ୍ରାଉନ୍‌ସୁଗରର ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।

### କୁହୁଡ଼ି ମାଛ ମାର୍କେଟ୍‌ରେ ଜମି ରହିଛି ଆବର୍ଜନା ପାଣି

## ଡେଙ୍ଗୁ ଓ ମେଲେରିଆ ବ୍ୟାପିବା ଆଶଙ୍କା

**ଟାଙ୍ଗୀ, ୧୮।୯ (ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡ଼ି ଗ୍ରାମ ପଞ୍ଚାୟତରେ ଥିବା କୁହୁଡ଼ି ବଜାର ମାଛ ମାର୍କେଟ୍‌ର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। କୁହୁଡ଼ି ମାଛ ମାର୍କେଟ୍‌ରେ ମାଛ ବିକି ସାରିବା ପରେ ମାଛ ପାଣିକୁ ସେଠାରେ ପକାଇବା ଫଳରେ ଦୁର୍ଗନ୍ଧ ବାହାରୁଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ବର୍ଷାପାଣି ସେଠାରେ ନିଷ୍କାସନ ହୋଇ ନ ପାରି ବଜାର ମଧ୍ୟରେ ଦୁର୍ଗନ୍ଧ ପାଣି ଯିବା ଫଳରେ ଲୋକଙ୍କ ଯିବାଆସିବାରେ ଅସୁବିଧା ଦେଖାଦେଇଛି। ସେଠାରେ ପଚା ଦୁର୍ଗନ୍ଧ ପାଣି ଜମି ରହି କେତେବେଳେ ଡେଙ୍ଗୁ ଓ ମେଲେରିଆରେ ଲୋକମାନେ ଆକ୍ରାନ୍ତ ହେବେ ତାହା ସ୍ପଷ୍ଟ ଜଣାପଡୁଛି। ସ୍ଥାନୀୟ ଜନପ୍ରତିନିଧି ତଥା ସ୍ଥାନୀୟ ଜନସାଧାରଣ ଏହି ମାଛ ବିକାଳିଙ୍କୁ ମାଛ ପାଣିକୁ ସେଠାରେ ନ ପକାଇବା ପାଇଁ ବାରମ୍ବାର ବାରଣ ସତ୍ତ୍ୱେ ସେମାନେ ବେଖାତିର୍ ମନୋଭାବ ଦେଖାଉଛନ୍ତି। କୁହୁଡ଼ି ବଜାରକୁ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ଆସନ୍ତି। ସେହି ରାସ୍ତାରେ ମହାବିଦ୍ୟାଳୟ, ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯିବାଆସିବା କରୁଛନ୍ତି। ବ୍ୟାଙ୍କ, ପୋଷ୍ଟ ଅଫିସ, ଡାକ୍ତରଖାନାକୁ ଲୋକେ ଯିବାଆସିବା କରନ୍ତି। ଯାହା ଫଳରେ ସେଠାରେ ଡେଙ୍ଗୁ ଓ ମେଲେରିଆ ବ୍ୟାପିବା ଆଶଙ୍କାରେ ଲୋକମାନେ ଭୟଭୀତ ଅଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି।



## ଶିକ୍ଷକ ଶିକ୍ଷାର ଘରୋଇକରଣକୁ ଏଆଇଡିଏସ୍‌ଓର ବିରୋଧ

**ଖୋର୍ଦ୍ଧା, ୧୮।୯ (ସମିସ):** ରାଜ୍ୟ ସରକାରଙ୍କ ଶିକ୍ଷକ ଶିକ୍ଷାର ଘରୋଇକରଣକୁ ବିରୋଧ କରି ଏଆଇଡିଏସ୍‌ଓ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ଗତ ୧୩ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟମାନଙ୍କୁ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକ ୪ବର୍ଷିଆ ଆଇଟିଇପି (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ପାଇଁ ଆବେଦନ କରୁଛନ୍ତି ସେମାନେ ଚୁକ୍ତିଭିତିକ ଅତିଥି ଅଧ୍ୟାପକ ନିଯୁକ୍ତି କରିବେ ଓ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହେଉଥିବା କୋର୍ସ ଫି'ରୁ ହିଁ ସେମାନେ ଦରମା ଦେବେ। ସେଥିପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କଠାରୁ ବାର୍ଷିକ ମୁଣ୍ଡପିଛା ୪୫ହଜାର ଟଙ୍କା ଆଦାୟ କରାଯିବ। ଯାହା ଫଳରେ ଛାତ୍ରଛାତ୍ରୀମାନେ ତୀବ୍ର ଆର୍ଥିକ ଶୋଷଣର ଶିକାର ହେବେ। ଏଆଇଡିଏସ୍‌ଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ଏହାକୁ ତିବ୍ର ବିରୋଧ କରାଯାଇଛି। ତୁରନ୍ତ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କୋର୍ସ ଫି' ଆଦାୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଓ ଶିକ୍ଷକ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଜରିଆରେ ଏକ ଦାବିପତ୍ର ଦିଆଯାଇଛି। ସମ୍ପାଦକ ଅବିନାଶ ପ୍ରଧାନଙ୍କ ସମେତ ସଭାପତି ଶ୍ରୀକାନ୍ତ ନାୟକ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡି, ସୂର୍ଯ୍ୟକାନ୍ତ ଜେନା, ଶ୍ରୀଦେବୀ ନାୟକ ପ୍ରମୁଖ ସାମିଲ ଥିଲେ।

## ୧୩ ବୁଲେଟ୍ ଜବତ, ୪ ଜଣଙ୍କ ନାଁରେ ମାମଲା

**ବାଲୁଗାଁ, ୧୮।୯ (ସମିସ):** ବାଲୁଗାଁ ଥାନା ଅଞ୍ଚଳରେ ମୋଟର ଯାନ ଆଇନ ଉଲ୍ଲଙ୍ଘନ କରିବା ଅଭିଯୋଗରେ ପୁଲିସ ୧୩ଟି ବୁଲେଟ୍ ଗାଡ଼ି ଜବତ କରିବା ସହ ୪ ବାଇକ୍ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରିଛି। ବାଲୁଗାଁ ଅଞ୍ଚଳରେ ବିକଟାଳ ଶବ୍ଦ ପ୍ରଦୂଷଣ କରି ବେପରୁଆ ଭାବେ ଗାଡ଼ି ଚଳାଚଳକୁ ରୋକିବାକୁ ଅଞ୍ଚଳର ବରିଷ୍ଠ ନାଗରିକମାନେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କୁ ଅନୁରୋଧ କରିଥିଲେ। ଏପରିସ୍ଥଳେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି ରାତ୍ର ସମୟରେ ବାଲୁଗାଁର ଗାନ୍ଧୀ ଛକରେ ଗାଡ଼ି ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବୁଲେଟ୍ ଗାଡ଼ିର ସାଇଲେନ୍ସର ବଦଳାଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ଲଗାଇ ଚଳାଉଥିବା ୧୩ଟି ବୁଲେଟ୍ ଜବତ କରିଥିବା ସହ ବିନା ହେଲ୍‌ମେଟ, ବାଇକ୍‌ରେ ୩ଜଣ ବସି, ମଦ୍ୟପାନ କରି ଗାଡ଼ି ଚଳାଇବା ଓ ଗାଡ଼ିର ଆବଶ୍ୟକ କାଗଜପତ୍ର ନ ଥିବା ଅଭିଯୋଗରେ ୪ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଆଗକୁ ଅଞ୍ଚଳରେ ଏପରି ଧରପଗଡ଼ କରାଯାଇ ମୋଟର ଯାନ ଆଇନ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ

**ବାଣପୁର, ୧୮।୯ (ସମିସ):** ରାଜ୍ୟ ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅନୁଯାୟୀ ସମସ୍ତ ପିଲାଙ୍କ ପାଠ ପଢ଼ିବାର ଅଧିକାର ରହିଛି। ଏହାର ସଫଳ ରୂପାୟଣ ନିମନ୍ତେ ଓସେପାର ନିର୍ଦ୍ଦେଶ କ୍ରମେ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସଚେତନତା ପଦଯାତ୍ରା ଓ ପଥପ୍ରାନ୍ତ ନାଟକ ସହ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ ଓ ବିଇଓ ସନାତନ ଜାଲି ଯୋଗଦେଇ ଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ଝରଣା ରାଣୀ ଓଝାଙ୍କ ସମେତ ସିଆର୍‌ସିସି, ବହୁ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇ ବିଭିନ୍ନ ସଚେତନତା ବାର୍ତ୍ତାର ପ୍ଲାକାର୍ଡ ଧରି ବିଦ୍ୟାଳୟରୁ ପଦଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ ଓ ଜମା ପାଠପଢ଼ି ନ ଥିବା ପିଲାଙ୍କୁ ସ୍କୁଲକୁ ଆଣି ନାମଲେଖାଇ ପାଠ ପଢ଼ାଇବା ପାଇଁ ଲୋକଙ୍କୁ ସଚେତନ କରାଇଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଜଟଣୀ, ୧୮।୯ (ସମିସ):** ଜଟଣୀ ପଞ୍ଚାୟତ ସମିତି ପରିସରରେ ଏକ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ, ଅଧ୍ୟକ୍ଷ ଜୟନ୍ତୀ ଛୋଟରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ଜଟଣୀ ପଞ୍ଚାୟତ ସମିତି ଓ ଜଟଣୀ ପୌର ପରିଷଦ ଅଧୀନରେ ଥିବା ୧୫ଟି ଗ୍ରାମ ପଞ୍ଚାୟତ ଏବଂ ୨୩ଟି ୱାର୍ଡର ଦିବ୍ୟାଙ୍ଗ ବ୍ୟକ୍ତିମାନେ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥିଲା। ଶିବିରରେ ମୋଟ୍ ୨୮୪ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜୀକରଣ କରିଥିଲେ। ସେଥିରୁ ଶାରୀରିକ ଅକ୍ଷମ ପାଇଁ ୧୨୪ ଜଣ, ଦୃଷ୍ଟିହୀନ ପାଇଁ ୩୯ ଜଣ, ଶ୍ରବଣ ଓ ବାକ୍‌ଶକ୍ତି ବାଧିତରେ ୫୩ ଜଣ ଏବଂ ମାନସିକ ଅନଗ୍ରସର ପାଇଁ ୬୮ ଜଣ ପଞ୍ଜୀକରଣ କରିଥିଲେ। ଏହି ଶିବିରରେ ଡାକ୍ତରୀ ପରୀକ୍ଷଣ ପରେ ୧୭୨ଜଣ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଇତିଶ୍ରୀ ସାମଲ, ଜୁନିୟର ଆସିଷ୍ଟାଣ୍ଟ ସୁମନ କୁମାର ମଲ୍ଲିକ, ଦିଲ୍ଲୀପ ମହାପାତ୍ର, ବାସୁଦେବ ମହାରଣାଙ୍କ ସମେତ ବ୍ଲକ କର୍ମଚାରୀମାନେ ପରିଚାଳନା କରିଥିଲେ।

## ସମିତିକୁ ଆସୁନି ପର୍ଯ୍ୟାପ୍ତ ସାର; ଚିନ୍ତାରେ ଚାଷୀ



**ନିରାକାରପୁର, ୧୮।୯ (ସମିସ):** ବର୍ତ୍ତମାନ ସମୟରେ ସାର ପାଇଁ ଚାଷୀ ହଟହଟା। ଏପଟେ ସରକାର କହୁଛନ୍ତି ସାର ପର୍ଯ୍ୟାପ୍ତ ପରିମାଣର ଅଛି, ସେପଟେ ୧୦ ଦିନରେ ଥରେ ସାର ଆସୁଛି। ପୁଣି ଆବଶ୍ୟକତାର ଏକଚତୁର୍ଥାଂଶ ଆସୁଛି। ସମିତି ପକ୍ଷରୁ କିପରି ସାର ବଣ୍ଟାଯିବ ତାହା ଏକ ପ୍ରଶ୍ନବାଚୀ ପାଲଟିଛି। ଜିଲ୍ଲାର ସମସ୍ତ ସମିତିର ଲାଇସେନ୍ସ ମଧ୍ୟ ଆଜିଯାଏଁ ନାହିଁ। ସେମାନେ କେବେ ଲାଇସେନ୍ସ କରିବେ, ପୁଣି ଲୋକଙ୍କୁ ସାର ଦେବେ। ଏଠି ଜିଲ୍ଲା ପ୍ରଶାସନ ମଧ୍ୟ ହାତ ଟେକିଦେଇ କହୁଛନ୍ତି ସାର ମହଜୁଦ ନାହିଁ। ରାକ୍ ଲାଗିଲେ ସମିତିକୁ ବଣ୍ଟାଯାଉଛି। ଏପଟେ ବଜାରରେ ମଧ୍ୟ ୟୁରିଆ ବସ୍ତାଏ ଦେଖିବା ସ୍ୱପ୍ନ ପାଲଟିଲାଣି। ଯଦି ସମିତିରେ ପଞ୍ଜିକୃତ ଚାଷୀଙ୍କ ପାଇଁ ସାର ନାହିଁ ତା'ହେଲେ କେମିତି ଓ କିପରି ସମିତି ବାହାର ଚାଷୀଙ୍କୁ ସାର ବଣ୍ଟାଯିବ? ସାର ଆସିବ ଆସିବ ଶୁଣି ଶୁଣି ୧୦ ଦିନ ବିତିଗଲା ପରେ ମଧ୍ୟ ସାର ସମିତିକୁ ଆସୁନି। ସରକାରଙ୍କ ଅପାରଗତା ଯୋଗୁଁ ସାରା ରାଜ୍ୟରେ ଏପରି ସାର ସଙ୍କଟ ଦେଖାଦେଇଛି ବୋଲି ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ସାର କିପରି ସଠିକ୍ ରୂପରେ ସମାନ ଭାଗରେ ବଣ୍ଟାଯାଇପାରିବ ସେଥିପାଇଁ ନିବନ୍ଧକ, ଓଡ଼ିଶା ସମବାୟ ସମିତି ସମୂହ ଜିଲ୍ଲା ଉପନିବନ୍ଧକମାନଙ୍କୁ କଠୋର ଆଦେଶ ଦେଇଛନ୍ତି। ସାର ଅଭାବ ଯୋଗୁଁ ଫସଲର କ୍ଷତିପୂରଣ ଦେବା ପାଇଁ ମଧ୍ୟ କେତେକ ବୁଦ୍ଧିଜୀବୀ ପ୍ରସ୍ତାବ ଦେଇଛନ୍ତି। ଯଥାଶୀଘ୍ର କିପରି ଅଧିକରୁ ଅଧିକ ସାର ଆଣି ସମିତି ଜରିଆରେ କମ୍ ଦରରେ ଚାଷୀମାନଙ୍କୁ ଦିଆଯାଇପାରିବ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚାଷୀମାନେ ଅନୁରୋଧ କରିଛନ୍ତି।

### ଦଳେଇସାହି ସରପଞ୍ଚଙ୍କ ଅନସ୍ଥା ପ୍ରସ୍ତାବ ପ୍ରସଙ୍ଗ

## ଜିଲ୍ଲାପାଳଙ୍କୁ ଭେଟିଲେ ୱାର୍ଡ ମେମ୍ବର



**ଖୋର୍ଦ୍ଧା, ୧୮।୯ (ସମିସ):** ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ୧୨ଟି ୱାର୍ଡ ମେମ୍ବର ଅନସ୍ଥା ପ୍ରସ୍ତାବ ଆଣି ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୩ରେ ଅନାସ୍ଥା ବିରୋଧରେ ଭୋଟିଂ ହୋଇଥିଲା। ଏହାକୁ ବିରୋଧ କରି ସରପଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୬ ତାରିଖରେ ଏହାର ଗଣତି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ଉକ୍ତ ତାରିଖରେ ଗଣତି ହୋଇ ନ ଥିଲା। ଗୁରୁବାର ୧୪ ଜଣ ୱାର୍ଡମେମ୍ବର ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଗଣତି ଦାବିରେ ଦାବିପତ୍ର ଦେଇଛନ୍ତି। ଆସନ୍ତା ୨୪ ତାରିଖ ସୁଦ୍ଧା ଭୋଟ୍ ଗଣତି କରା ନ ଗଲେ ସମସ୍ତ ୱାର୍ଡ ମେମ୍ବର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଏନେଇ ୩ ନମ୍ବର ୱାର୍ଡ ମେମ୍ବର ଜ୍ୟୋସ୍ନାରାଣୀ ନାୟକ ଏବଂ ଶରତ କୁମାର ଦଳାଇ କୁହନ୍ତି, ଜିଲ୍ଲାପାଳଙ୍କ ନିକଟରେ ଏ ସଂକ୍ରାନ୍ତରେ ଦାବିପତ୍ର ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ କୁହନ୍ତି, ଅନାସ୍ଥା ବିରୋଧରେ ଭୋଟିଂ ସରିଛି। ଗଣତି ପୂର୍ବରୁ ଏ ସଂକ୍ରାନ୍ତରେ ହାଇକୋର୍ଟରେ ରିଟ୍ ପିଟିସନ କରାଯାଇଛି। ଫଳରେ ଗଣତି ସ୍ଥଗିତ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ କାଗଜପତ୍ର ଦିଆଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ।

### ଆକାଶରୁ ଖସୁଛି ମୃତ୍ୟୁ

# ୧୧ ବର୍ଷରେ ବଜ୍ରପାତ ନେଲାଣି ୧୧୭ ଜୀବନ

ଖୋର୍ଦ୍ଧା, ୧୮।୯ (ସମିସ)



ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସତ୍ତ୍ୱେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅନେକ ମଣିଷ ଓ ପଶୁପକ୍ଷୀଙ୍କ ମୃତ୍ୟୁ ହେଉଛି। ସେଥିମଧ୍ୟରୁ ବଜ୍ରପାତ ପ୍ରମୁଖ କାରଣ ପାଲଟିଛି। ପ୍ରକୃତିର ତାଣ୍ଡବ କେତେବେଳେ ଆସିବ ତାହା କହିବା ମୁସ୍କିଲ। କେତେବେଳେ ବଜ୍ରପାତ କାହା ଉପରେ ପଡ଼ିବ ତାକୁ ମଧ୍ୟ ଜାଣିବା କଷ୍ଟକର। ପ୍ରତିଶେଧକ ପାଇଁ କେବଳ ସଚେତନତାକୁ ବାଦ୍ ଦେଲେ ଆଉ କିଛି ଉପାୟ ମଧ୍ୟ ବୈଜ୍ଞାନିକମାନେ ଖୋଜି ପାଇ ନ ଥିବା କୁହାଯାଉଛି। କିନ୍ତୁ ସଚେତନତା ଅଭାବରୁ ୧୧ବର୍ଷ ମଧ୍ୟରେ ବଜ୍ରପାତରେ ୧୧୭ଟି ମୁଣ୍ଡ ଗଡ଼ିଲାଣି। କିଏ ପରିବାର ମୁଖିଆଙ୍କୁ ହରାଇ ବେସାହାରା ହୋଇପଡ଼ିଛି ତ ଆଉ କିଛି ପରିବାରର ଦୁଃଖ ନ କହିଲେ ଭଲ। ବଜ୍ରପାତ ମା' କୋଳରୁ ଛୁଆକୁ ସବୁଦିନ ପାଇଁ ଛଡ଼ାଇ ନେଇଥିବାବେଳେ ବାପା, ମା'ଙ୍କୁ ହରାଇ ବହୁ ଶିଶୁ ଏବେ ଅସହାୟ ପ୍ରକାଶ କରୁଛନ୍ତି। ବଜ୍ରପାତରୁ ରକ୍ଷା ପାଇବାକୁ ସଚେତନତା ଏକମାତ୍ର ମାଧ୍ୟମ ପାଲଟିଥିବାବେଳେ ପ୍ରଶାସନିକ ଆନ୍ତରିକତା ଅଭାବରୁ ୨୦୧୫ରୁ ୨୦୨୫ ସେପ୍ଟେମ୍ବର ସୁଦ୍ଧା ୧୧୭ ଜୀବନ ବଜ୍ରପାତ ନେଇଥିବା ସରକାରୀ ତଥ୍ୟରୁ ଜଣାଯାଇଛି।

ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ବିଭାଗ ତଥ୍ୟ ମୁତାବକ, ଚଳିତ ବର୍ଷ ଆଜି ସୁଦ୍ଧା ବଜ୍ରପାତରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ୨୦୨୪ରେ ୮ଜଣଙ୍କ ଜବୀନ ବଜ୍ରପାତ ନେଇଥିବାବେଳେ ୨୦୨୩ରେ ୧୪ ଜଣ, ୨୦୨୨ରେ ୬ଜଣ, ୨୦୨୧ରେ ୯ଜଣ, ୨୦୨୦ରେ ୬ଜଣ, ୨୦୧୯ରେ ୭ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୧୮ରେ ୧୫ଜଣ, ୨୦୧୭ରେ ୧୮ ଜଣ, ୨୦୧୬ରେ ୨୦ ଜଣ, ୨୦୧୫ରେ ବଜ୍ରପାତରେ ୧୪ ଜଣଙ୍କ ମୂଲ୍ୟବାନ ଜୀବନ ଯାଇଛି। ବିଗତ ୧୧ବର୍ଷରେ ସମୁଦାୟ ୧୧୭ ଜଣଙ୍କ ଜୀବନ ବଜ୍ରପାତରେ ଯାଇଥିବାବେଳେ ବହୁ ଆହତ ହୋଇଥିବା ମଧ୍ୟ ଜଣାଯାଇଛି। ସେହିପରି ବହୁ ଗୃହପାଳିତ ପଶୁଙ୍କର ମଧ୍ୟ

### ସଚେତନତା ଅଭାବ

ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ବଜ୍ରପାତରୁ ରକ୍ଷା ନିମନ୍ତେ ଏଯାବତ୍ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଥିବା ପରିବେଶବତ୍‌ମାନେ ମତପ୍ରକାଶ କରିଛନ୍ତି। ପ୍ରଶାସନ ତରଫରୁ ସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଉଛି। ମାତ୍ର କେତେଦୂର ଠିକଣାଭାବେ ତଳସ୍ତରରେ ଅଧିକାରୀମାନେ ସଚେତନତା ସୃଷ୍ଟି କରୁଛନ୍ତି ତାହା ବଜ୍ରପାତ ମୃତ୍ୟୁ ସଂଖ୍ୟାକୁ ଦେଖିଲେ ସ୍ପଷ୍ଟ ବାରି ହେଉଛି। ପ୍ରଶାସନ ତରଫରୁ ବଜ୍ରପାତରୁ ଘରକୁ ରକ୍ଷା କରିବାକୁ ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ଅଧିକାଂଶ ଘର ମାଲିକ ବଜ୍ରପାତ ପ୍ରତିଶେଧକ କଣ୍ଡକ୍ଟର କ'ଣ ଜାଣି ନ ଥିବା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ବଜ୍ରପାତରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଅର୍ଥ ଦେଇ ପ୍ରଶାସନ ନିରବ ସାଜିଥିବାବେଳେ ବଜ୍ରପାତଜନିତ ଅଘଟଣ ବେଳକୁ ବେଳ ବଢ଼ିବାରେ ଲାଗିଛି। ତେଣୁ ଏ ଦିଗରେ ପ୍ରଶାସନ ବ୍ୟାପକ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଥିବା ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ତାଳଗଛ ବଜ୍ରପାତଜନିତ ମୃତ୍ୟୁକୁ ରୋକିବାରେ ଅନେକାଂଶରେ ସହାୟକ ହେବ। ତେଣୁ ଏହାର ରୋପଣକୁ ଗୁରୁତ୍ୱ ଦେବାକୁ ପରିବେଶବିତ୍‌ମାନେ ମତ ଦେଉଛନ୍ତି।

## ଔଦ୍ଧତ୍ୟର ସୀମା ଟପିଲେ 'ଆମବସ୍' କର୍ମଚାରୀ

# ତାରବାଡ଼ରେ ପକାଇ ଯାତ୍ରୀଙ୍କୁ ପିଟିଲେ

ଭୁବନେଶ୍ୱର,୧୮।୯(ସମିସ): ଆମ ବସ୍ କର୍ମଚାରୀ ଆଉ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ପୂରା ଲଗାମହୀନ ହୋଇପଡ଼ିଛନ୍ତି। ଯାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିବାକୁ ବି ପଛାଉନାହାନ୍ତି। ଭୁବେନଶ୍ୱର ୟୁନିଟ୍-୮ ସ୍ଥିତ କଲ୍ୟାଣୀ ମାର୍କେଟ୍ ବସ୍‌ଷ୍ଟପ୍‌ରେ ନିକଟରେ ଆଜି ଏଭଳି ଏକ ଘଟଣା ଘଟିଛି। ଦିନ ଦି'ପହରେ ସର୍ବସାଧାରଣରେ 'ଆମ ବସ୍'ର କର୍ମଚାରୀ ଜଣେ ଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

### ଭିଡିଓ ଭାଇରାଲ୍ ପରେ ଥାନାରେ ମାମଲା

କରିଛନ୍ତି। ତାଙ୍କୁ ଗୋଡ଼େଇ ମାଡ଼ ମାରିବା ସହ ନିକଟରେ ଥିବା ଏକ ପାଚେରି ଖୁଣ୍ଟରେ ତାଙ୍କ ମୁହଁକୁ ପିଟି ଦେଉଛନ୍ତି। ଏହାର ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି।

ଉକ୍ତ ଭିଡିଓରେ ଦେଖାଯାଉଛି ଯେ 'ଆମ ବସ୍'ର ଜଣେ କର୍ମଚାରୀ ରାଗ ତମତମ ହୋଇ ବସ୍‌ରୁ ଡେଇଁ ତଳେ ଠିଆ ହୋଇଥିବା ଜଣେ ଯାତ୍ରୀଙ୍କୁ ପିଟୁଛନ୍ତି। ତାଙ୍କ ବେକକୁ ଚିପିବା ସହ ମୁହଁକୁ ଚାପୁଡ଼ା ମାରୁଛନ୍ତି। ଏହାସହ ତାଙ୍କୁ ଧକ୍କା ମାରି ଏକ କଣ୍ଟା ତାରବାଡ଼ ଆଡ଼କୁ ଠେଲି ଦେଉଛନ୍ତି। ପରେ ତାରବାଡ଼ରେ ତାଙ୍କ ମୁହଁକୁ ଚାପି ଧରୁଛନ୍ତି। ସେତିକିବେଳେ ଅନ୍ୟ ଜଣେ ବ୍ୟକ୍ତି ଆସି 'ଆମ ବସ' କର୍ମଚାରୀଙ୍କୁ ବାରଣ କରୁଛନ୍ତି। ଏହାର ଭିଡିଓ ଭାଇରାଲ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ତେବେ କ୍ରୁଟ୍ ପକ୍ଷରୁ ଏ ସଂପର୍କରେ କୁହାଯାଇଛି ଯେ ବସ୍‌ରେ ଯାତ୍ରା କରୁଥିବା ଜଣେ ଯାତ୍ରୀ ପାଇବାକୁ ଥିବା ଅବଶିଷ୍ଟ ଟିକେଟ୍ ମୂଲ୍ୟକୁ ନେଇ ଗାଇଡ୍ ସହିତ ବଚସା ଆରମ୍ଭ ହୋଇଥିଲା। ପରେ ଏହା ମାରପିଟ୍ ଆଡ଼କୁ ଗତି କରିଥିଲା। ତେବେ ଉକ୍ତ ଗାଇଡ୍‌ଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରାଯାଇଛି। ଏନେଇ ରେଭିନ୍ୟୁ କଲେକ୍ସନ୍ ଏଜେନ୍ସି (ଆର୍‌ସିଏ) ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ କ୍ରୁଟ୍ ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହ କ୍ରୁଟ୍‌ର ଏକ ସ୍ୱତନ୍ତ୍ର ଟିମ୍ ଏହା ଉପରେ ଅଧିକ ତଦନ୍ତ କରୁଛି ବୋଲି କୁହାଯାଉଛି।

ତେବେ ଏହି ଗୋଟିଏ ଘଟଣା ନୁହେଁ, ଅତୀତରେ ଏମିତି ଅନେକ ଘଟଣା ପଦାକୁ ଆସିଛି। ବେଶୀ ଦୂର ନୁହେଁ, ଗତ ଜୁଲାଇରେ ମଧ୍ୟ ଏଭଳି ଜଣେ 'ଆମ ବସ୍' କର୍ମଚାରୀ ଜଣେ ଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଗତ ଦୁଇମାସରେ ଯାତ୍ରୀଙ୍କ ଉପରେ ଏହା ଦ୍ୱିତୀୟ ଆକ୍ରମଣ ଘଟଣା।



## ମଦ୍ୟପାନ କରି ୧୪ ଚାଳକ ବହିଷ୍କୃତ

କଟକ, ୧୮।୯(ସମିସ): 'ଆମ ବସ୍' ଚାଳକମାନଙ୍କ ବେପରୁଆ ଗାଡ଼ିଚାଳନା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି। ବେପରୁଆ ଗାଡ଼ି ଚାଳନା ପାଇଁ ଅନେକ ସମୟରେ 'ଆମ ବସ' ଦୁର୍ଘଟଣାରେ ସାଧାରଣ ଲୋକଙ୍କ ଜୀବନ ଯାଉଛି। ଗତ ୯ ମାସରେ ୫ଜଣଙ୍କ ପ୍ରାଣହାନୀ ଘଟିଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ପୂର୍ବକ ଏହି ପ୍ରସଙ୍ଗରେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) କର୍ତ୍ତୃପକ୍ଷ ଆଜି ଏକ ସତ୍ୟପାଠ ଦାଖଲ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କ ଖଣ୍ଡପୀଠରେ ମାମଲା ଶୁଣାଣି

### ହାଇକୋର୍ଟରେ କ୍ରୁଟ୍ କର୍ତ୍ତୃପକ୍ଷଙ୍କ ସତ୍ୟପାଠ

ବେଳେ ଭର୍ଚୁଆଲ ମାଧ୍ୟମରେ କ୍ରୁଟ୍‌ର ମହାପ୍ରବନ୍ଧକ ସଂଜୟ କୁମାର ବିଶ୍ୱାଳ ଉପସ୍ଥିତ ରହି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ। ଗତ ୯ମାସ ମଧ୍ୟରେ, ୨୦୨୪ ନଭେମ୍ବର୧ରୁ ୨୦୨୫ ଜୁଲାଇ ୩୧ ମଧ୍ୟରେ ୧୪ଜଣ 'ଆମ ବସ' ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା। ସେମାନଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ନେଇ ଅଦାଲତଙ୍କୁ ଅବଗତ କରାଇଥିଲେ। କ୍ରୁଟ୍ ପକ୍ଷରୁ ଏହି ସମୟ ମଧ୍ୟରେ ୨୨ ହଜାରରୁ ଅଧିକ ଅଚାନକ ଯାଞ୍ଚ କରାଯାଇଛି। ପ୍ରତିଦିନ ବସ୍‌ଗୁଡ଼ିକ ଡିପୋରୁ ବାହାରିବା ପରେ ବ୍ରେଥ ଆନାଲାଇଜର ଟେଷ୍ଟ କରାଯାଇଥିବା କୁହାଯାଇଛି। କ୍ରୁଟ୍ ପକ୍ଷରୁ ମୋଟ ୬୭୦ବସ ଚଳାଚଳ କରୁଥିବା ବେଳେ ୧୨୬୩ଜଣ ଚାଳକଙ୍କୁ ଦୈନିକ ୬୧୨ଟଙ୍କା ମଜୁରିରେ ନିୟୋଜିତ କରାଯାଇଛି। ସେହିଭଳି ବସଗୁଡ଼ିକର ଗତି ନିୟନ୍ତ୍ରଣ କରିବା ପାଇଁ ସମସ୍ତ ବସ୍‌ରେ ସ୍ପିଡ୍ ଗଭର୍ଣ୍ଣର ଲଗାଯାଇଥିବା କୁହାଯାଇଛି। କଟକ ସହରରେ ୧୫୩ଟି ବସ୍‌ଷ୍ଟପ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇ ଟେଣ୍ଡର୍ ଆହ୍ୱାନ କରାଯାଇଛି। ହେଲେ ଏହି ସ୍ଥାନ ଚିହ୍ନଟ ଦାୟିତ୍ୱ ସିଏମସି କର୍ତ୍ତୃପକ୍ଷଙ୍କ ବୋଲି କ୍ରୁଟ୍ କର୍ତ୍ତୃପକ୍ଷ ଅଦାଲତଙ୍କୁ ଜଣାଇଥିଲେ। କେଉଁ ସମୟସୀମା ମଧ୍ୟରେ ଉକ୍ତ ବସ୍‌ଷ୍ଟପ ବା ଯାତ୍ରୀ ପ୍ରତୀକ୍ଷାଳୟଗୁଡ଼ିକ ପାଇଁ ସ୍ଥାନ ଚିହ୍ନଟ ସରିବ, ତାହା ପରବର୍ତ୍ତୀ ଶୁଣାଣି ବେଳେ ଜଣାଇବାକୁ ସିଏମସି କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୧୬କୁ ଧାର୍ଯ୍ୟ କରାଯାଇଛି।

## ଅଧା ବାଟରେ 'ଆମ ବସ୍'ରୁ ତେଲ ସରିଗଲା

ଜଟଣୀ, ୧୮।୯ (ସମିସ): ଅଧା ବାଟରେ ତେଲ ସରିଗଲା, ଅଟକିଗଲା 'ଆମ ବସ୍'। ଆଜି ଅପରାହ୍ଣରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ଏକ 'ଆମ ବସ୍'ରେ ଏପରି ଅବ୍ୟବସ୍ଥା ଯୋଗୁଁ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସ୍ଥାନୀୟ ମେଡିକାଲ ଛକ ନିକଟରେ ବସ୍‌ଟି ଅଟକି ରହିବାରୁ ବସ୍‌ରେ ଥିବା ମହିଳା, ଛୋଟ ଛୁଆ ଏବଂ ବରିଷ୍ଠ ନାଗରିକମାନେ ହନ୍ତସନ୍ତ ହୋଇଥିଲେ। କିଛି ଯାତ୍ରୀ ଚାଲିଚାଲି ଗନ୍ତବ୍ୟବସ୍ଥଳକୁ ଯାଇଥିବା ବେଳେ ଆଉ କିଛି ଯାତ୍ରୀ ଅନ୍ୟମାନଙ୍କ ସହାୟତା ନେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ଯଦି ବସ୍‌ଟି ଦୈନନ୍ଦିନ ଯାତାୟାତ କରିବାକୁ



ରୁଟ୍ ସିଦ୍ଧାନ୍ତ ହୋଇଛି, ତେବେ ବସ୍‌ରୁ ଅଧା ବାଟରେ ତେଲ ସରିଲା କିପରି। ବସ୍ କମର୍ଚାରୀ କିମ୍ବା କ୍ରୁଟ୍ ପାଖରେ ଏହାର ଉତ୍ତର ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ 'ମୋ ବସ୍' ଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଭଲ ପରିଚାଳନା ଯୋଗୁଁ ଏହା ଲୋକମାନଙ୍କର ବିଶ୍ୱାସ ଜିଣିଥିଲା। ନୂଆ ସରକାର ଆସିବା ପରେ ଏହାର ନାମ ବଦଳାଇ 'ଆମ ବସ୍' କରିଦେଲେ। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁଁ ଦିନକୁ ଦିନ ଏହା ଲୋକଙ୍କ ଆସ୍ଥା ହରାଉଥିବା ଦେଖିବାକୁ ମିଳୁଛି ବୋଲି ବୁଦ୍ଧିଜୀବୀମହଲରେ ଆଲୋଚନା ହେଉଛି।

## ■ ୨୦ ଲକ୍ଷର ଚାଉଳ ହଡ଼ପ ମାମଲା

## ପୂର୍ବତନ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମେତ ଦୁଇଜଣଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

ବାଲେଶ୍ୱର,୧୮।୯(ସମିସ): ୨୦୦୯ ମସିହାରେ ଜିଲ୍ଲାରେ ୨୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଚାଉଳ ହଡ଼ପ ମାମଲାର ରାୟ ଆଜି ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାସ ୯ଜଣ ସାକ୍ଷୀ ଏବଂ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଉକ୍ତ ମାମଲାରେ ସମ୍ପୃକ୍ତ ବାଲେଶ୍ୱର ଜିଲ୍ଲାର ପୂର୍ବତନ ଅତିରିକ୍ତ ଯୋଗାଣ ଅଧିକାରୀ ଯଶକେତନ ପ୍ରଧାନଙ୍କ ସହ ପୂର୍ବତନ ଆରଆରସି ଗୋଦାମ ଆସିଷ୍ଟାଣ୍ଟ ବିଜୟକୁମାର ନାୟକଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

୨୦୦୮-୨୦୦୯ରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଭାବେ ଯଶକେତନ କାର୍ଯ୍ୟ କରୁଥିଲେ। ସେ ଡିଲରମାନଙ୍କଠାରୁ ଚାଉଳ କିଣି ସେଗୁଡ଼ିକୁ ଆରଆରସି ଗୋଦାମରେ ମହଜୁଦ ରଖିବା ସହ ରେଜିଷ୍ଟର ତଦାରଖ କରୁଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଆରଆରସି ଗୋଦାମ ଆସିଷ୍ଟାଣ୍ଟ ବିଜୟ ଗୋଦାମରେ ଚାଉଳ ରଖି ଅନ୍ୟ ଡିଲରମାନଙ୍କୁ ବିକ୍ରି କରୁଥିଲେ। ଗୋଦାମରେ ଚାଉଳ ସଠିକ ଭାବେ ରହୁନଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଷ୍ଟକ୍ ରେଜିଷ୍ଟର୍ ଓ ଗୋଦାମରେ ଗଚ୍ଛିତ ଥିବା ଚାଉଳର ମେଳ ଖାଇନଥିଲା। ଗୋଦାମରେ ୧୨୬୬.୨୬ କ୍ୱିଣ୍ଟାଲ ଚାଉଳ କମ୍ ରହିଥିଲା, ଯାହାର ମୂଲ୍ୟ ୨୦ଲକ୍ଷ ୩୮ ହଜାର ୭ ଟଙ୍କା ହେବ ବୋଲି ଜଣାପଡ଼ିଥିଲା। ଉପରୋକ୍ତ ଦୁଇ ଅଭିଯୁକ୍ତ ସମସ୍ତ ଟଙ୍କା ଆତ୍ମସାତ୍ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏଣୁ ମାମଲାକୁ ବିଚାରପତି ଦୀର୍ଘବର୍ଷ ପରେ ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ରାଧାକାନ୍ତ ମହାପାତ୍ର ପରିଚାଳନା କରୁଥିଲେ।

## ହୀରାକୁଦ ଜଳସ୍ତର ୬୨୯.୪୫ ଫୁଟ୍

ସମ୍ବଲପୁର, ୧୮।୯(ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ଫୁଟ୍ ଥିବା ବେଳେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୯.୪୫ ଫୁଟ୍‌ରେ ପହଞ୍ଚିଛି। ବର୍ତ୍ତମାନ ନଦୀବନ୍ଧର ବାମପାର୍ଶ୍ୱର ୩ଟି ଓ ଡାହାଣପାର୍ଶ୍ୱର ଗୋଟିଏ; ଏହିଭଳି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୭,୩୯୭ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୧,୯୮୩ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୫,୫୭୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୮୮୦ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୨୮୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୨୮.୮୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ ପାର୍ବଣ ପ୍ରସ୍ତୁତି

କଟକ, ୧୮।୯ (ସମିସ): କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ଅଧୀନ ଜିଲ୍ଲାଗୁଡ଼ିକର ପୁଲିସ ଅଧୀକ୍ଷକ(ଏସ୍‌ପି)ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକ କେନ୍ଦ୍ରାଞ୍ଚଳ ରେଞ୍ଜର୍ ପୁଲିସ ଉପ-ନିରୀକ୍ଷକ (ଡିଆଇଜି)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡିଆଇଜି ଡକ୍ଟର ସତ୍ୟଜିତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ଦୁର୍ଗାପୂଜା ଏବଂ ଲକ୍ଷ୍ମୀପୂଜା ଉତ୍ସବ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅପରାଧ ଏବଂ ଆପରାଧିକ କାର୍ଯ୍ୟକଳାପ, ଆଇନଶୃଙ୍ଖଳା ଏବଂ ପୁଲିସ-ଜନସାଧାରଣ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାଗୁଡ଼ିକ ମଧ୍ୟରେ କିଭଳି ସମନ୍ୱୟ ରକ୍ଷା କରାଯିବ, ସେଥିପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ଯାଜପୁର ଏବଂ ଜଗତସିଂହପୁର ଆଦି ଜିଲ୍ଲାର ଏସ୍‌ପିମାନେ ଯୋଗ ଦେଇଥିଲେ।

## ■ ପୁଣି ଜିଏସ୍‌ଟି ଠକେଇ

## ଖଇନି ବୋଝେଇ ଗାଡ଼ିରୁ ୭ ଲକ୍ଷ ୭୬ ହଜାର ଜରିମାନା

ରାଉରକେଲା, ୧୮।୯(ସମିସ): ରାଉରକେଲା ସିଟି ଜିଏସ୍‌ଟି ଆଣ୍ଡ ଏନ୍‌ଫୋର୍ସିମେଣ୍ଟ ୟୁନିଟ୍ ଏକ ଖଇନି ବୋଝେଇ ଗାଡ଼ି ଜବତ କରିବା ସହ ଜିଏସ୍‌ଟି ଠକେଇ ଅଭିଯୋଗରେ ଗାଡ଼ିରୁ ୭ ଲକ୍ଷ ୭୬ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୮ ପ୍ରତିଶତ ଜିଏସଟି ଓ ୫୬ ପ୍ରତିଶତ ସେସ୍ ଲାଗୁଥିବାରୁ ବିଭିନ୍ନ ଗଳା ବାଟରେ ଖସି ଯିବାକୁ ସେମାନେ ଯୋଜନା କରି ଖଇନି ନିର୍ମାତା କମ୍ପାନୀ ଓ ଖଇନି ବିକ୍ରେତା ଜିଏସ୍ ଠକୁଛନ୍ତି। କେବେବେଳ ବିନା ୱେ ବିଲ ତ ଆଉ କେତେ ବେଳେ ଜାଲ ବିଲ୍ ଓ ଚାଲାଣ ଜରିଆରେ ଖଇନି ବିକ୍ରି କରି ରାଜସ୍ୱ ଲୁଟିବାରେ ଲାଗିଛନ୍ତି। ଏସବୁ ଖବର ଜଣାପଡ଼ିଲା ପରେ ଉଭୟ ସେଣ୍ଟ୍ରାଲ ଓ ଷ୍ଟେଟ୍ ଜିଏସଟି ଧରପଗଡ଼ ଆରମ୍ଭ କରି ଦେଇଛନ୍ତି। ଦୁଇ ଦିନ ତଳେ ରାଉରକେଲାରୁ ଏକ ଟ୍ରକରେ ଖଇନି କଟକ ଚାଲାଣ ହେଉଥିଲା। ମାତ୍ର ସେଥିରେ ୱେ-ବିଲ୍ ନଥିଲା। ସିଟି ଜିଏସ୍‌ଟି ବିଭାଗ ଖବର ପାଇ ବଣେଇଁ ନରେନ୍ଦ୍ର ନିକଟରେ ଗାଡ଼ିଟିକୁ ଜବତ କରିଥିଲେ। କାଗଜପତ୍ର ଯାଞ୍ଚ ପରେ ସଂପୃକ୍ତ ଗାଡ଼ିରୁ ୭ ଲକ୍ଷ ୭୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଶଶୁର ଘର ଗାଁରେ ଜ୍ୱାଇଁର ଝୁଲନ୍ତା ମୃତଦେହ ଉଦ୍ଧାର

କଣ୍ଟାବାଞ୍ଜି,୧୮।୯(ସମିସ): ଶଶୁରଘର ଗାଁରେ ଜ୍ୱାଇଁର ମୃତଦେହ। ଏକ ଆମ୍ବଗଛରୁ ଝୁଲନ୍ତା ଅବସ୍ଥାରେ ପୁଲିସ ମୃତଦେହ ଜବତ କରିଛି। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଖୁଟୁଲୁମୁଣ୍ଡା ଗାଁରେ ଏହି ଘଟଣା ଘଟିଛି। ଗାଁ ଖେଳପଡ଼ିଆରେ ଥିବା ଏକ ଆମ୍ବଗଛରୁ କଣ୍ଟାବାଞ୍ଜି ଥାନା ସାଲେପଡା ଗାଁର ଲମ୍ବୋଦର ବାଗଙ୍କ ମୃତଦେହ ମିଳିଛି। ୩ ଦିନ ତଳେ ସେ ତାଙ୍କ ସ୍ତ୍ରୀଙ୍କ ସହ ଶଶୁରଘର ଖୁଟୁଲୁମୁଣ୍ଡା ଆସିଥିଲେ। ତେବେ ମଙ୍ଗଳବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ବୁଧବାର ସକାଳେ, ଖେଳପଡ଼ିଆର ଆମ୍ବଗଛରେ ଗାମୁଛାରେ ତାଙ୍କ ଶବ ଝୁଲୁଥିଲା। ପୁଲିସ ଶବକୁ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାରରେ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

# ଖୋର୍ଦ୍ଧା ଜିଲ୍ଲାରେ ମାଲମାଲ ବେଆଇନ ପାଥୋଲାବ୍

ଭୁବନେଶ୍ୱର, ୧୮।୯ (ସମିସ): ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଭାବେ ମାଲାମଲ ପାଥୋଲାବ୍ ଓ ପରୀକ୍ଷାଗାର ଖୋଲିଛି। ଏହି ଲାବ୍‌ଗୁଡ଼ିକର ଭୁଲ୍ ରିପୋର୍ଟ ରୋଗୀମାନଙ୍କୁ ମୃତ୍ୟୁମୁଖରେ ପକାଉଛି। କେତେକାଂଶରେ ସୁସ୍ଥ ରୋଗୀ ଭୁଲ୍ ଚିକିତ୍ସା ଓ ଔଷଧ ସେବନ କରି ପାର୍ଶ୍ୱପ୍ରତିକ୍ରିୟାର ଶିକାର ହେଉଛନ୍ତି। ସାଧାରଣଲୋକ ଏହା ବିରୋଧରେ କେଉଁଠି ଅଭିଯୋଗ କରିବେ, ଜାଣି ନପାରି ଚୁପ୍ ବସୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ବି ସବୁ ଜାଣି ନ ଜାଣିବା ଭଳି ଅଭିନୟ କରୁଛି। ବେଆଇନ ପାଥୋଲାବ୍‌ର ଯାଞ୍ଚ ହେଉନି କି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଏମିତିକି, ଅଧିକାଂଶ ପଞ୍ଜିକୃତ ପାଥୋଲାବ୍‌ରେ ଅନଭିଜ୍ଞ ଲୋକମାନେ ପରୀକ୍ଷାନିରୀକ୍ଷା କରୁଛନ୍ତି। ଫଳସ୍ୱରୂପ ଭୁଲ୍ ରିପୋର୍ଟ ବାହାରୁଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟାନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ମୋଟ ଉପରେ ୪୪ଟି ପାଥୋଲାବ୍ ସରକାରଙ୍କ ପାଖରେ ପଞ୍ଜୀକରଣ କରିଛନ୍ତି। ଏଥିରୁ କେବଳ ଭୁବନେଶ୍ୱରରେ ୩୯ଟି ଥିବା ବେଳେ ଖୋର୍ଦ୍ଧାରେ ୩ଟି, ଜଟଣୀରେ ଗୋଟିଏ, ବାଲିଅନ୍ତା ବ୍ଲକ୍‌ର ବାଲକାଟିରେ ଗୋଟିଏ ଲାବ୍ ରହିଛି। ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ବାଣପୁର ବାଲୁଗାଁ, ଚିଲିକା, ବାଲିପାଟଣା ଅଞ୍ଚଳରେ ଚାଲୁଥିବା ଶତାଧିକ ଘରୋଇ ପାଥୋଲାବ୍ ବେଆଇନ ଭାବେ ଚାଲିଛି। ଏଥିସହ ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧାରେ ଗଳିକନ୍ଦିରେ ଖୋଲିଥିବା ଅନେକ ପାଥୋଲାବ୍ ବିନା ପଞ୍ଜୀକରଣରେ

- ■ ୪୪କୁ ମିଳିଛି ଅନୁମତି, ଖୋଲିଛି ଶତାଧିକ
- ■ ମୃତ୍ୟୁ ମୁଖରେ ରୋଗୀ, ରାଜସ୍ୱ ହରାଉଛନ୍ତି ସରକାର

ଚାଲିଛି। ବର୍ଷତମାମ ବେଆଇନ ଭାବେ ଚାଲିଥିବା ଏହି ପାଥୋଲାବଗୁଡ଼ିକ ପ୍ରତି ସ୍ୱାସ୍ଥ୍ୟ ବିଭାଗ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ, ସରକାର ରାଜସ୍ୱ ହରାଉଥିବା ବେଳେ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ପୁଣି ଅଧିକାଂଶ ରୋଗୀଙ୍କର ରିପୋର୍ଟ ତ୍ରୁଟିପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତ ବଢ଼ିଚାଲିଛି।

ଅଭିଯୋଗ ଅନୁସାରେ, ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକ୍ନିସିଆନ ସାର୍ଟିଫିକେଟ୍ ମିଳିଯାଉଛି। ସାର୍ଟିଫିକେଟ ହାସଲ ପରେ ପାଥୋଲାବ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯାଉଛି। ବ୍ୟାବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହେଉଛନ୍ତି। ଅନ୍ୟପକ୍ଷେ, ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁ ବ୍ଲଡ୍ ଗ୍ରୁପ୍ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ୍ ଗ୍ରୁପ୍ ମଧ୍ୟ ଭିନ୍ନ ହୋଇଯାଉଛି। ପୁଣି ବିଭିନ୍ନ ପରୀକ୍ଷଣ ରିପୋର୍ଟରେ ତ୍ରୁଟି ରହୁଛି। ଫଳରେ କେତେକ କ୍ଷେତ୍ରରେ ରୋଗୀ ଗୁରୁତର ଓ ପ୍ରାଣ ହରାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗକୁ ଚାପିଦିଆଯାଉଥିବା ଅଭିଯୋଗ ହେଉଛି। ପାଥୋଲାବ୍ ପରୀକ୍ଷାଗାର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କ ନିକଟରେ ନିର୍ଦ୍ଧାରିତ ଟଙ୍କା ଜମା କରି ପଞ୍ଜୀକୃତ କରାଯାଇପାରିବ। ହେଲେ ବିନା ପଞ୍ଜୀକରଣରେ ପାଥୋଲାବ୍ ଚାଲିଥିବାରୁ ସରକାରଙ୍କ ନିୟମକୁ ଅଣଦେଖା କରାଯାଉଛି।

ଏ ସମ୍ପର୍କରେ ରୋଗୀ ସମ୍ପର୍କୀୟ ବିଶିକେଶନ ବରାଳ କହିଛନ୍ତି, କେଉଁ ପାଥୋଲାବ ବେଆଇନ ଓ କିଏ ପଞ୍ଜିକୃତ ରୋଗୀମାନେ କିପରି ଜାଣିବେ। ରୋଗୀ ପରୀକ୍ଷା କରି ଶୀଘ୍ର ଡାକ୍ତର ପାଖକୁ ଯିବାକୁ ତରବର ହୋଇଥାଏ। ସବୁ ପାଥୋଲାବ ଲୋକଙ୍କୁ ପରୀକ୍ଷଣ କରୁଛନ୍ତି। କିଏ ଅସଲି କିଏ ନକଲି ରୋଗୀ ଜାଣିନପାରି ଟଙ୍କା ଖର୍ଚ୍ଚ କରି ବିପଦକୁ ଆମନ୍ତ୍ରଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତଦନ୍ତ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ ରୋଗୀଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏନେଇ ଆମେ ତଦନ୍ତ କରିବୁ। ଯେଉଁମାନେ ପଞ୍ଜୀକୃତ ନ କରି ପାଥୋଲାବ୍ ପରୀକ୍ଷାଗାର କରିଛନ୍ତି, ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଟ୍ରେନ୍‌ରୁ ୧୬ଟି ଜୀବନ୍ତ କଇଁଛ ଉଦ୍ଧାର, ଦୁଇ ଅଟକ

ବାଲେଶ୍ୱର,୧୮।୯(ସମିସ): ଗୁରୁବାର ଖଡଗପୁର ଡିଭିଜନର ଆରପିଏଫ ସିଆଇବି ପକ୍ଷରୁ ଚଳନ୍ତା ଟ୍ରେନରେ ଚଢ଼ାଉ କରାଯାଇ ଚୋରା ଚାଲାଣ ହେଉଥିବା ୧୬ଟି ଜୀବନ୍ତ କଇଁଛକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ଦୁଇଜଣ ବେପାରୀକୁ ବାଲେଶ୍ୱର ଆରପିଏଫ କାବୁ କରିଛି।



ଆରପିଏଫ ବନ ବିଭାଗକୁ ଡାକି ଜୀବନ୍ତ କଇଁଛ ସହ ଦୁଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଅଟକ ଦୁଇ ବେପାରୀ ହେଲେ ସଦର ଥାନା ଅର୍ନ୍ତଗତ ବସନ୍ତପୁର ଅଞ୍ଚଳର ଯଦୁଆ ସିଂ ଏବଂ ରେମୁଣା ବ୍ଲକ ଟିଣା ଗ୍ରାମର ଶାମ ଦଲେଇ। ବାଲେଶ୍ୱର ଜିଲ୍ଲାରୁ ଜୀବନ୍ତ କଇଁଛ ଚାଲାଣ ହେଉଥିବା ନେଇ ଖବର ପାଇ ଖଡଗପୁର ଡିଭିଜନର ସିଆଇବି ଡିଆଇ ୱାଇ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଏକ ତିନି ଜଣିଆ ଟିମ୍ ଭଦ୍ରକ-ଖଡଗପୁର ଲୋକାଲ ଟ୍ରେନରେ ଆଜି ଅପରାହ୍ନରେ ଚଢ଼ଉ କରିଥିଲା। ଖନ୍ତାପଡା-ନୀଳଗିରି ମଧ୍ୟରେ ଆରପିଏଫ ସିଆଇବି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରି ବାଲେଶ୍ୱର ଆରପିଏଫ ଥାନାକୁ ଆଣିଥିଲା।

### ବନ ବିଭାଗକୁ ହସ୍ତାନ୍ତର କଲା ଆର୍‌ପିଏଫ୍

ଯଦୁଆଠୁ ୭ଟି ଜୀବନ୍ତ କଇଁଛ ଉଦ୍ଧାର ହୋଇଥିବା ବେଳେ ଶାମଠାରୁ ୯ଟି କଇଁଛ ଉଦ୍ଧାର ହୋଇଛି। ଖବର ପାଇ ବନ ବିଭାଗ ପହଞ୍ଚି ଉଦ୍ଧାର ହୋଇଥିବା ୧୬ଟି କଇଁଛ ସମେତ ଦୁଇ ଅଭିଯୁକ୍ତଙ୍କୁ ନେଇଯାଇଛି। ଏହି ଚଢ଼ଉରେ ସିଆଇବି ଖଡଗପୁରର ଏଏସଆଇ ଏସକେ ସିଂ ଏବଂ କନେଷ୍ଟବଲ ଏସକେ ସିଂ ପ୍ରମୁଖ ସାମିଲ ଥିଲେ।

# ବାଲିଗୁଡ଼ା: ବସ୍ତାନୀ ପାଇଁ ଜୀବନ ବାଜି

### ଡଙ୍ଗାରେ ଭରାନଈ ପାର ହେଉଛନ୍ତି ଛାତ୍ରଛାତ୍ରୀ

ବାଲିଗୁଡ଼ା,୧୮।୯(ସମିସ): ଉଭୟ ପାର୍ଶ୍ୱରେ ଘେରି ରହିଛି ନଦୀ। ଶିକ୍ଷା ଓ ଜରୁରୀକାଳୀନ ସେବା ନିମନ୍ତେ ଭରା ନଈରେ ବିପଦସଂକୁଳ ଅବସ୍ଥାରେ ଦେଶୀ ଡଙ୍ଗା ହିଁ ଏକମାତ୍ର ସାହା ଭରସା। ବ୍ଲକ୍ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ହେଲେ, ଏହି ଦେଶୀଡଙ୍ଗାରେ ନଈ ପାର୍ ହେବାକୁ ପଡ଼ିଥାଏ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ସେଦ୍ରିଗାଁ ପଞ୍ଚାୟତର ଗଞ୍ଜୁରିପଡ଼ି ଗାଁ ଲୋକେ ଏଭଳି ଅଭିଶପ୍ତ ଜୀବନ ଜିଉଁଛନ୍ତି।

ବାଲିଗୁଡ଼ାଠାରୁ ମାତ୍ର ୪କିମି ଦୂରରେ ଅବସ୍ଥିତ ଏହି ଗାଁ। ହେଲେ ବିକାଶ ଏଠିକୁ ବାଟ ଭୁଲିଯାଇଛି। ଅଞ୍ଚଳରେ ପାଖାପାଖି ୨ ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗାଁକୁ ଉଭୟପାର୍ଶ୍ୱରୁ ଘେରି ରହିଛି ଚିରସ୍ରୋତା ଖଡ଼ଗ ଓ ବାଘ ନଦୀ। ସ୍କୁଲ, କଲେଜ ପିଲାଙ୍କ ପାଠଠାରୁ ଆରମ୍ଭ କରି ଜରୁରୀକାଳୀନ ପରିସ୍ଥିତି କିମ୍ବା ଛୋଟବଡ଼ ଯେକୌଣସି କାର୍ଯ୍ୟ ପାଇଁ ବାଲିଗୁଡ଼ା ବଜାର ଉପରେ ନିର୍ଭର କରିଥାନ୍ତି ଗ୍ରାମବାସୀ। ଏଭଳି ସ୍ଥିତିରେ ବର୍ଷା ୪ ମାସ ବହୁ କଷ୍ଟରେ ଜୀବନଯାପନ କରିଥା'ନ୍ତି। ନଦୀରେ ପାଣି ଆସିଲେ ଯାତାୟାତ ଏକପ୍ରକାର ବନ୍ଦ ହୋଇଯାଉଛି। ଅଞ୍ଚଳବାସୀ ଏଥିରେ ବିଶେଷ ପ୍ରଭାବିତ ହେଉଛନ୍ତି। ପିଲାଙ୍କ ପାଠପଢ଼ା ସହ ଅଧିକାଂଶ ଗାଁ ଲୋକ ବନ୍ଦୀ ଅବସ୍ଥାରେ ଜୀବନ ବିତାଇଥା'ନ୍ତି। ନିଜ ଚେଷ୍ଟାରେ ସେମାନେ ଏକ ଛୋଟ ଡଙ୍ଗା ତିଆରି କରିଛନ୍ତି। ଉକ୍ତ ଡଙ୍ଗାରେ ମାତ୍ର ଦୁଇରୁ ତିନିଜଣ ଏକକାଳୀନ ଯିବା ଆସିବା କରିପାରନ୍ତି। ତେବେ ଯାତାୟାତର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀମାନେ ବାରମ୍ବାର ସ୍ଥାନୀୟ ପ୍ରଶାସନ, ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରୁଥିଲେ ହେଁ କୌଣସି ସୁଫଳ ମିଳିନଥିବା ସେମାନେ ଅଭିଯୋଗ କରିଛନ୍ତି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କୁ ଦୁଇ ଥର ଅଭିଯୋଗ କରି ମଧ୍ୟ ନିରାଶ ହୋଇଛନ୍ତି ଅଞ୍ଚଳବାସୀ। ଏକ ପୋଲ ନିର୍ମାଣ ସହ ଏକ ବଡ଼ ଡଙ୍ଗା ଯଥାଶୀଘ୍ର ପ୍ରଦାନ କରିବା ପାଇଁ ଦାବି ଅଞ୍ଚଳବାସୀ ଦାବି କରିଛନ୍ତି।





## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।


**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୯୧- ୱିଲିୟମ୍ ସେକ୍ସପିଅର୍‌ଙ୍କ ବିଶ୍ୱ ପ୍ରସିଦ୍ଧ ନାଟକ 'ମର୍ଚ୍ଚାଣ୍ଟ ଅଫ୍ ଭେନିସ୍'କୁ ପ୍ରଥମ ଥର ମାଞ୍ଚେଷ୍ଟର୍‌ରେ ମଞ୍ଚସ୍ଥ କରାଗଲା।
- ୧୮୯୩- ସ୍ୱାମୀ ବିବେକାନନ୍ଦ ଆମେରିକାର ସିକାଗୋରେ ଆୟୋଜିତ ବିଶ୍ୱ ଧର୍ମ ମହାସଭାରେ ଐତିହାସିକ ଭାଷଣ ଦେଇଥିଲେ।
- ୧୯୬୨- ଭାରତର ଉତ୍ତର ସୀମାରେ ଚୀନ୍‌ର ଆକ୍ରମଣ।
- ୨୦୦୦- କର୍ଣ୍ଣମ୍ ମାଲେଶ୍ୱରୀ ଅଲିମ୍ପିକ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଲେ।

## ପ୍ରଥମ ଥର ୟାମି-ଇମ୍ରାନ୍ ଯୋଡ଼ି



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍ମୀ ଓ ୟାମୀ ଗୌତମ 'ହକ୍' ଫିଲ୍ମରେ ଏକାଠି ନଜର ଆସିବେ। ପ୍ରଥମ ଥର ପାଇଁ ଏହି ଫିଲ୍ମ ମାଧ୍ୟମରେ ୟାମୀ ଓ ଇମ୍ରାନ୍ ବଡ଼ ପରଦାରେ ଏକାଠି ସ୍କ୍ରିନ୍ ସେୟାର୍ କରିବେ। ଫିଲ୍ମର ଅଧିକାଂଶ ସୁଟିଂ ସରି ଯାଇଛି। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ନଭେମ୍ବର ୭ରେ ଏହା ରିଲିଜ୍ ହେବ ବୋଲି କୁହାଯାଉଛି। ଏହାର ଟ୍ରେଲର୍‌କୁ ଖୁବ୍‌ଶୀଘ୍ର ରିଲିଜ୍ କରିବା ପାଇଁ ଫିଲ୍ମ ନିର୍ମାତା ଯୋଜନା କରୁଛନ୍ତି। ଏହା ଏକ କୋର୍ଟ ରୁମ୍ ଡ୍ରାମା ହେବ। 'ହକ୍'ର କାହାଣୀ ୧୯୮୫ର ଶାହାବାନୋ ବନାମ ଅହମ୍ମଦ ଖାନ କେସ୍ ଉପରେ ଆଧାରିତ। ଏଥିରେ ୟାମୀ ଶାହାବାନୋ ଭୂମିକାରେ ନଜର ଆସିବେ। ସେହିଭଳି ଇମ୍ରାନ୍ ଅହମ୍ମଦ ଖାନ୍‌ଙ୍କ ଭୂମିକାରେ ଦେଖାଯିବେ। ସୁପର୍ଣ୍ଣ ବର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ଇମ୍ରାନ୍ ଓ ୟାମୀଙ୍କ ବ୍ୟତୀତ ଶିବା ଚଡ୍ଢା, ଅସୀମ ହଟଗଣ୍ଡି, ଡ୍ୟାନିଶ ହୁସେନ ଆଦି ନଜର ଆସିବେ।

## ଏମିତି ଏକ ଷ୍ଟେସନ୍
## ବର୍ଷରେ ୧୫ ଦିନ ଅଟକେ ଟ୍ରେନ୍



ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଟ୍ରେନ୍ ଯୋଗେ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥାନ୍ତି। ଦେଶର ଛୋଟ ବଡ଼ ସବୁ ଷ୍ଟେସନ୍‌ରେ ପ୍ରତିଦିନ ଗହଳି ଲାଗି ରହେ। ହେଲେ ବିହାରରେ ଏମିତି ଏକ ଷ୍ଟେସନ୍ ଅଛି ଯେଉଁଠି ବର୍ଷକ ୩୬୫ ଦିନରୁ ମାତ୍ର ୧୫ ଦିନ ଏଠାରେ ଟ୍ରେନ୍ ଅଟକିଥାଏ। ବିହାର, ଔରଙ୍ଗାବାଦ୍ ଜିଲ୍ଲାରେ ଅବସ୍ଥିତ ଏହି ରେଳ ଷ୍ଟେସନ୍‌ର ନାଁ ହେଉଛି, ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନ। ସାଧାରଣତଃ ଷ୍ଟେସନରେ ଟିକେଟ୍ କାଉଣ୍ଟର, ରେଳ କର୍ମଚାରୀ, ଯାତ୍ରୀଙ୍କ କୋଳାହଳ ଶୁଭୁଥାଏ। ହେଲେ ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନଟି ପୂରା ଶୂନ୍‌ଶାନ୍ ଓ ଲୋକଶୂନ୍ୟ ଥାଏ। ଏଠାରେ କୌଣସି ସ୍ଥାୟୀ ଟିକଟ କାଉଣ୍ଟର ନାହିଁ କି ରେଳ କର୍ମଚାରୀ ନିୟୋଜିତ ହୋଇ ନ ଥାନ୍ତି। ୩୫୦ ଦିନ ଏହି ଷ୍ଟେସନ ଦେଇ ଟ୍ରେନ୍ ଯାଉଥିଲେ ବି ଏଠାରେ କେବେ ଅଟକେ ନାହିଁ। ତେବେ ୧୫ ଦିନ ଏଠାରେ ଟ୍ରେନ୍ ଅଟକିବା ପଛରେ ଧାର୍ମିକ କାରଣ ରହିଛି। ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନ ନିକଟରେ ଅବସ୍ଥିତ ପୁନପୁନ ନଦୀ ଧାର୍ମିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଧାର୍ମିକ ମାନ୍ୟତା ଅନୁସାରେ, ଗୟାରେ ପିଣ୍ଡଦାନ କରିବା ପୂର୍ବରୁ ପୁନପୁନ ନଦୀରେ ପ୍ରଥମେ ଶ୍ରାଦ୍ଧ କର୍ମ କରାଯାଏ। ଏହି କାରଣରୁ ଇଂରେଜ ଶାସନ ଅମଳରେ ଏଠାରେ ଏହି ଷ୍ଟେସନର ନିର୍ମାଣ କରାଯାଇଥିଲା। ପିତୃପକ୍ଷର ୧୫ ଦିନ ଲାଗି ଏହି ଷ୍ଟେସନରେ ଟ୍ରେନ୍ ଅଟକିଥାଏ। ପିତୃପକ୍ଷ ସରିଗଲେ ଏହି ଷ୍ଟେସନଟି ଜନଶୂନ୍ୟ ହୋଇଯାଏ। ଏଠାରେ କିନ୍ତୁ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ଅଟକି ନ ଥାଏ।

## ଅଳିଆ ଉଠାଇବା ଖେଳ ସ୍ପୋଗୋମି



ଏଇ ବର୍ଷ ଅକ୍ଟୋବରରେ ଜାପାନ ଏକ ନୂଆ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହାର ନାଁ ହେଉଛି 'ସ୍ପୋଗୋମି ବିଶ୍ୱକପ୍'। ଏହି ଖେଳରେ ଖେଳାଳିମାନଙ୍କୁ ଅଳିଆ ଉଠାଇବାକୁ ହୋଇଥାଏ। ଜାପାନରୁ ଆରମ୍ଭ ହୋଇଥିବା ଏହି ନିଆରା ଖେଳର ମୂଳ ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ଗଠନ ଦିଗରେ ସଚେତନତା ସୃଷ୍ଟି କରିବା। 'ସ୍ପୋର୍ଟସ୍' ଏବଂ 'ଗୋମି' ଶବ୍ଦରୁ ଏହି ଖେଳର ନାଁ 'ସ୍ପୋଗୋମି' ହୋଇଛି। ଜାପାନୀ ଭାଷାରେ 'ଗୋମି'ର ଅର୍ଥ ହେଉଛି ମଇଳା ବା ଆବର୍ଜନା। ଏହା ଏମିତି ଏକ ଖେଳ, ଯେଉଁଥିରେ ଖେଳାଳିଙ୍କୁ ଖେଳରେ ଖେଳରେ ଅଳିଆ ଉଠାଇବାକୁ ପଡ଼ିଥାଏ। ତେବେ ୨୦୦୮ ମସିହାରେ ଜାପାନର କିଛି ସ୍କୁଲରୁ ଏହାର ଆରମ୍ଭ ହୋଇଥିଲା। ପିଲାଙ୍କୁ ସ୍ୱଚ୍ଛତା ପ୍ରତି ପ୍ରେରିତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହାର ପ୍ରଥମ ବିଶ୍ୱକପ୍ ୨୦୨୩ ମସିହାରେ ଟୋକିଓରେ ହୋଇଥିଲା। ଏଥିରେ ୨୧ଟି ଦେଶ ସାମିଲ ହୋଇଥିଲେ। ସେହିଥର ବ୍ରିଟେନ ବିଜେତା ହୋଇଥିବାବେଳେ ଭାରତ ଷଷ୍ଠ ସ୍ଥାନରେ ରହିଥିଲା। ଏହି ଖେଳରେ ପ୍ରଥମେ ୩-୫ ଜଣିଆ ଟିମ୍ ହୁଏ। ଏହା ପରେ ନିର୍ଦ୍ଧାରିତ ସମୟରେ ଖେଳାଳିଙ୍କୁ ରାସ୍ତା, ପାର୍କ, ସମୁଦ୍ର କୂଳରୁ ଅଳିଆ ଉଠାଇବାକୁ ହୋଇଥାଏ। ଯେଉଁ ଟିମ୍ ସବୁଠୁ ଅଧିକ ଏବଂ ଠିକ୍ ଉପାୟରେ ଅଳିଆ ଏକତ୍ର କରନ୍ତି, ସେହି ଦଳ ବିଜେତା ହୋଇଥାନ୍ତି। ଅବଶ୍ୟ ଏଥିରେ ପ୍ଲାଷ୍ଟିକ୍, କେନ୍ ବୋତଲ ଆଦି ସଂଗ୍ରହ କରୁଥିବା ଟିମ୍‌କୁ ଅଧିକ ପଏଣ୍ଟ ମିଳିଥାଏ। କାରଣ ଏହା ପରିବେଶ ପାଇଁ ଅଧିକ କ୍ଷତିକାରକ ହୋଇଥାଏ। ସ୍ପୋଗୋମି ଏବେ ଆମ ଦେଶର ଚେନ୍ନାଇ, ହାଇଦ୍ରାବାଦ, କେରଳ ଆଦିରେ ବେଶ୍ ଲୋକପ୍ରିୟ ହୋଇଛି।




## ବିଶ୍ୱ ମାଇଟୋକଣ୍ଡ୍ରିଆଲ ରୋଗ ସପ୍ତାହ



ମାଇଟୋକଣ୍ଡ୍ରିଆ ମନୁଷ୍ୟ କୋଷକଣିକାରେ ମିଳିଥାଏ। ସେମାନଙ୍କ ସଂଖ୍ୟା କୋଷର କାର୍ଯ୍ୟ ଏବଂ ଶକ୍ତି ଆବଶ୍ୟକତା ଉପରେ ନିର୍ଭର କରେ। ତେଣୁ ଏହାକୁ ଶକ୍ତିକେନ୍ଦ୍ର କୁହାଯାଇଥାଏ। ଏହାର ମୁଖ୍ୟ କାମ ହେଉଛି, କୋଷର ମୁଖ୍ୟ ଶକ୍ତି ବହନକାରୀ ଆଡିନୋସିନ୍ ଟ୍ରାଇଫସଫେଟ୍ (ଏଟିପି)ର ନିରବଚ୍ଛିନ୍ନ ଯୋଗାଣ କରିବା। ହେଲେ କୌଣସି କାରଣ ବଶତଃ ମାଇଟ୍ରୋକଣ୍ଡ୍ରିଆଲ ରୋଗ ( ମାଇଟୋ) ସୃଷ୍ଟି ହେଲେ ଏହା କୋଷିକା ଭିତରେ ଶକ୍ତି ଉତ୍ପାଦନକୁ ବାଧାପ୍ରାପ୍ତ କରିଥାଏ। ଏହା ଏକ ବିରଳ ରୋଗ। ସାଧାରଣତଃ ୫୦୦୦ ଜଣଙ୍କ ମଧ୍ୟରୁ ଜଣଙ୍କୁ ଏହି ରୋଗ ହୋଇଥାଏ। ତେଣୁ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା, ପୀଡ଼ିତଙ୍କ ଜୀବନକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ତଥା ସେମାନଙ୍କ ପରିବାରକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ମାସ ତୃତୀୟ ସପ୍ତାହକୁ 'ବିଶ୍ୱ ମାଇଟୋକଣ୍ଡ୍ରିଆଲ ରୋଗ ସପ୍ତାହ'' ଭାବେ ପାଳନ କରାଯାଇଆସୁଛି।

ମାଇଟୋକଣ୍ଡ୍ରିଆଲ ରୋଗ ବଂଶାନୁଗତ ରୋଗ। ମାଇଟୋକଣ୍ଡ୍ରିଆ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିବା ଜିନ୍‌ରେ ପରିବର୍ତ୍ତନ ଯୋଗୁଁ ଏହା ହୋଇଥାଏ। ମାଇଟୋକଣ୍ଡ୍ରିଆଲ ରୋଗରେ ଶରୀରର କୋଷିକାକୁ ସଠିକ ଭାବେ ଶକ୍ତି ମିଳେ ନାହିଁ। ଶକ୍ତି ସୃଷ୍ଟି କରିବାକୁ କଠିନ ହୁଏ। ପ୍ରାଥମିକ ପର୍ଯ୍ୟାୟରେ ମାଂସପେଶୀ ଦୁର୍ବଳ, ଦେଖିବା ଓ ଶୁଣିବାରେ ସମସ୍ୟା, ପାକସ୍ଥଳୀ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ। ମସ୍ତିଷ୍କ, ମାଂସପେଶୀ ଏବଂ ସ୍ନାୟୁରେ ମଧ୍ୟ କିଛି ଲକ୍ଷଣ ପ୍ରକାଶ ପାଏ। ଏହା ମେଦବହୁଳତା, ହୃଦ୍‌ରୋଗ, ଆଲଜାଇମର୍ ରୋଗର କାରଣ ସାଜିବା ସହ ଅନ୍ୟ ଅଙ୍ଗକୁ ପ୍ରଭାବିତ କରିପାରେ। ତେଣୁ ଉପରୋକ୍ତ ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ। ପୋଷଣ ବିଶେଷଜ୍ଞଙ୍କ ପରାମର୍ଶରେ ଖାଦ୍ୟରେ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ।

## ପରୀକ୍ଷା କହିବ ହୃଦୟ କଥା



**ଅସନ୍ତୁଳିତ ଜୀବନଶୈଳୀ, ଆନୁବଂଶିକ, ଅନିୟନ୍ତ୍ରିତ ଉଚ୍ଚରକ୍ତଚାପ ଓ ରକ୍ତଶର୍କରା, ଧୂମପାନ, ମେଦବହୁଳତା, ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଫଳରେ ହୃଦ୍‌ପିଣ୍ଡରେ ରକ୍ତ ସଞ୍ଚାଳନରେ ଅସନ୍ତୁଳନ ଦେଖାଯାଏ। ହୃତ୍‌ପିଣ୍ଡର ଗୋଟିଏ ଅଂଶକୁ ରକ୍ତ ସରବରାହ ବନ୍ଦ ହୋଇଯିବାକୁ ହୃଦ୍‌ଘାତ ବା ହାର୍ଟ ଆଟାକ୍ କୁହାଯାଏ। ଆଗରୁ ବୟସ୍କଙ୍କ କ୍ଷେତ୍ରରେ ହୃଦ୍‌ଘାତ ଦେଖାଯାଉଥିଲା। ଏବେ କିନ୍ତୁ ୱାର୍କଆଉଟ କରିବା ସମୟରେ ୩୦ରୁ ୪୦ ବର୍ଷର ଯୁବପିଢ଼ିଙ୍କଠାରେ ହୃଦ୍‌ଘାତ ସମସ୍ୟା ଅଧିକ ଦେଖାଯାଉଛି। ତେଣୁ ଏହି ଚାରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ହୃଦ୍‌ପିଣ୍ଡର ସୁସ୍ଥତା ବିଷୟରେ ଜାଣିପାରିବେ।**

**ରକ୍ତଚାପ ପରୀକ୍ଷା:** ଅଚାନକ ଅଧିକ ବ୍ୟାୟାମ କରିବା ଦ୍ୱାରା ରକ୍ତଚାପ ବଢ଼ିପାରେ। ରକ୍ତଚାପ ହେଉଛି ନୀରବ ଘାତକ। ଏହା ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ସେହିପରି ଉଚ୍ଚ କୋଲେଷ୍ଟ୍ରଲ, ମେଦବହୁଳତା, ମଧୁମେହ ମଧ୍ୟ ହୃଦରୋଗ ଆଶଙ୍କାକୁ ବଢ଼ାଇଥାଏ। ତେଣୁ ସମୟେ ସମୟେ ରକ୍ତ ଚାପ ପରୀକ୍ଷା କରିବା ନିହାତି ଆବଶ୍ୟକ। ଯଦି ରକ୍ତଚାପ ୧୨୦/୮୦ ଏମ୍‌ଏମ୍‌ଏଚ୍‌ଜିରୁ ଅଧିକ ଥାଏ, ତେବେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଜରୁରି। ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗ ପୀଡ଼ିତ ବ୍ୟକ୍ତି ନିୟମିତ ରୂପେ ରକ୍ତଚାପକୁ ନିରୀକ୍ଷଣ କରିବା ଆବଶ୍ୟକ।

**କୋଲେଷ୍ଟ୍ରଲ ପରୀକ୍ଷା:** କୋଲେଷ୍ଟ୍ରଲ ବଢ଼ିଲେ, ଧମନୀରେ ପ୍ଲେକ ଜମା ହୁଏ। ଏହା ଦ୍ୱାରା ହୃଦ୍‌ଘାତ ଆଶଙ୍କା ବଢ଼ିଯାଏ। ତେଣୁ ସାଧାରଣ ବୟସ୍କ ଲୋକଙ୍କୁ ପ୍ରତି ବର୍ଷରେ ଥରେ ଏହି ପରୀକ୍ଷା କରିବା ଆବଶ୍ୟକ। ଯଦି ଉଚ୍ଚ କୋଲେଷ୍ଟ୍ରଲ, ମଧୁମେହ, ହୃଦ୍‌ରୋଗ ଆଶଙ୍କା ଥାଏ ଡାକ୍ତରଙ୍କ ପରାମର୍ଶ ନେଇ କୋଲେଷ୍ଟ୍ରଲ ପରୀକ୍ଷା କରାଇପାରିବେ।

**ବ୍ଲଡ୍ ଗ୍ଲୁକୋଜ ଟେଷ୍ଟ:** ରକ୍ତ ଶର୍କରା ସ୍ତର ଯାଞ୍ଚରୁ ମଧୁମେହ ଏବଂ ମଧୁମେହ ପୂର୍ବବର୍ତ୍ତୀ ଅବସ୍ଥା ଚିହ୍ନଟ ହୁଏ। ଏହା ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଜରୁରି। ଆମେରିକାନ ଡାଏବେଟିକ୍ ଆସୋସିଏସନ ଅନୁସାରେ, ୪୫ ବର୍ଷରୁ ଅଧିକ ଲୋକ ଉପରୋକ୍ତ ଟେଷ୍ଟ କରିବା ନିହାତି ଜରୁରି। ଶର୍କରା ସ୍ତର ସ୍ୱାଭାବିକ ଥିଲେ ପ୍ରତି ବର୍ଷ ବ୍ଲଡ ଗ୍ଲୁକୋଜ ଟେଷ୍ଟ କରିବା ଜରୁରି। ଯେଉଁମାନଙ୍କର ଶର୍କରା ସ୍ତର ଅଧିକ ରହିଛି ସେମାନେ ପ୍ରତିମାସରେ ନିୟମିତ ଭାବେ ରକ୍ତ ଶର୍କରା ପରୀକ୍ଷା କରାଇନେବା ଆବଶ୍ୟକ।

**ବିଏମ୍‌ଆଇ ପରୀକ୍ଷା:** ହୃଦ୍‌ରୋଗର ଆଉ ଏକ ମୁଖ୍ୟ କାରଣ ହେଉଛି ମେଦବହୁଳତା ଓ ମଧୁମେହ। ମେଦବହୁଳତା ବିଭିନ୍ନ ରୋଗକୁ ଆମନ୍ତ୍ରିତ କରିଥାଏ। ତେଣୁ ବଡିମାସ ଇଣ୍ଡେକ୍ସ (ବିଏମ୍‌ଆଇ)ରେ ଓଜନ ଏବଂ ଅଣ୍ଟାର ସାଇଜ ମାପି ହୃଦ୍‌ପିଣ୍ଡ ସୁସ୍ଥତା ବିଷୟରେ ଜାଣିପାରିବେ। ନିୟମିତ ରୂପେ ବିଏମଆଇ ଚେକ୍ କରିପାରିବେ। ଯଦି ଚାହିଁବେ ଡେକ୍ସା ସ୍କାନ ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଫ୍ୟାଟର ଯାଞ୍ଚ କରିପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସବୁବେଳେ ଡାକ୍ତରଙ୍କ ପରାମର୍ଶରେ ଉପରୋକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି।

## ଶକ୍ତିର ଗନ୍ତାଘର ଅଶ୍ୱଗନ୍ଧା



**ଅଶ୍ୱଗନ୍ଧାର ବୈଜ୍ଞାନିକ ନାଁ ଉଇଥାନିଆ ସୋମନିଫେରା। ଏଥିରେ ଭିଟାମିନ୍ -ବି, ଡି, ଇ, କ୍ୟାଲସିୟମ, ପଟାସିୟମ, ମ୍ୟାଗ୍ନେସିୟମ, ଜିଙ୍କ ଭଳି ଅନ୍ୟାନ୍ୟ ପୋଷକତତ୍ତ୍ୱ ରହିଛି। ଅଶ୍ୱଗନ୍ଧାର ମୂଳଟି ମାଂସାଳ। ପତ୍ରଗୁଡ଼ିକ ଅଣ୍ଡାକୃତି। ଏହାର ଚେରରେ ବିଭିନ୍ନ ପ୍ରକାର ଆଲକାଲଏଡ୍, ଫ୍ଲାବୋନଏଡ୍ ଆଦି ଥିବାରୁ ଏହା ବହୁ ଔଷଧ ତିଆରିରେ ବ୍ୟବହୃତ ହୁଏ। ଆୟୁର୍ବେଦରେ ଅଶ୍ୱଗନ୍ଧାକୁ ଔଷଧ ଭାବେ ବ୍ୟବହାର କରାଯାଏ।**

- ଏଥିରେ ଥିବା ହେମାଟିନିକ ରକ୍ତରେ ଲୌହ ଅଂଶ ବୃଦ୍ଧି କରାଏ। କୃମିନାଶକ, ବ୍ୟଥା ଉପଶମକାରୀ, ରକ୍ତବିଶୋଧକ, ପୌରୁଷତ୍ୱବର୍ଦ୍ଧକ ପାଇଁ ଏହା ବହୁତ ହିତକର। ରାତିରେ ଶୋଇବା ପୂର୍ବରୁ ନଖ ଉଷୁମ କ୍ଷୀରରେ ଏକ ଚାମଚ ଅଶ୍ୱଗନ୍ଧା ପାଉଡର ପିଇବା ସର୍ବୋତ୍ତମ। ମହୁ ସହିତ ମଧ୍ୟ ସେବନ କରଯାଇପାରେ।
- ଏହାର ମୂଳର ଚୂର୍ଣ୍ଣ କ୍ଷୀର କିମ୍ବା ଘିଅ ସହିତ ସେବନ କଲେ ସ୍ୱାସ୍ଥ୍ୟ ଏବଂ ମେଧା ଉଭୟ ବୃଦ୍ଧି ପାଏ। ଅଶ୍ୱ ଗନ୍ଧାର ପତ୍ରଗୁଡିକ ଜ୍ୱର, ଆଖିଫୁଲା ଆଦିରେ ବ୍ୟବହାର କରାଯାଏ। ଏହା ଚିନ୍ତା ଓ ଥକ୍କାପଣ ଦୂର କରେ। ଓଜନ ହ୍ରାସ କରେ।
- ତିନି ଗ୍ରାମ୍ ଅଶ୍ୱଗନ୍ଧାକୁ ୫୦ ମିଲି ଗ୍ରାମ୍ ପିପ୍ପଳି, ୫ ଗ୍ରାମ୍ ଘିଅ ଓ ୫ଟି ତୁଳସୀ ପତ୍ର ସହିତ ମିଶାଇ ସେବନ କଲେ ଅର୍ଶ ରୋଗରୁ ଉପଶମ ଦିଏ। ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ। ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ସହ ଶରୀରକୁ ଶକ୍ତି ପ୍ରଦାନ କରେ।
- ମହିଳାଙ୍କ ଋତୁସ୍ରାବ ଅନିୟମିତତାକୁ ଦୂର କରେ। ତେବେ ଅଶ୍ୱଗନ୍ଧା ସେବନ ପୂର୍ବରୁ ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି। ଗର୍ଭବତୀ ମହିଳା, ରକ୍ତଚାପ କିମ୍ବା ଥାଇରଏଡ ରୋଗୀ ଚିକିତ୍ସକଙ୍କ ବିନା ପରାମର୍ଶରେ ଏହାକୁ ସେବନ କରିବା ଅନୁଚିତ।

## ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ କମ୍ କରିବ ଜେଲ୍

ବୟସ ବଢ଼ିଲେ ଅଧିକାଂଶ ଆଣ୍ଠୁଗଣ୍ଠି ଯନ୍ତ୍ରଣାର ସମ୍ମୁଖୀନ ହୁଅନ୍ତି। ଗଣ୍ଠିରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଏ। କାର୍ଯ୍ୟଚାପ ହେଉ କି ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡା ହୋଇ କାମ କରିବା ଦ୍ୱାରା ଗଣ୍ଠିରେ ଚାପ ପଡ଼ିବା, ଆଣ୍ଠୁରୁ କାର୍ଟିଲେଜ ଘୋରି ହୋଇଗଲେ ମଧ୍ୟ ଏହି ସମସ୍ୟା ଦେଖାଯାଏ। ତେବେ ବର୍ତ୍ତମାନ ବୟସ୍କଙ୍କ ସମେତ ଯୁବକଯୁବତୀ ଏହି ରୋଗରେ ପୀଡ଼ିତ। ପୀଡ଼ିତ ଲୋକମାନେ ନିଜ ନିତିଦିନିଆ କାମ ଠିକ୍ ଭାବେ କରିପାରନ୍ତିନି। ଚଲାବୁଲାରେ ଯନ୍ତ୍ରଣା ହୋଇଥାଏ। ତେଣୁ ଚିକିତ୍ସା ଦୀର୍ଘ ଦିନ ଧରି ଚାଲିଥାଏ। କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶରେ ଯନ୍ତ୍ରଣାରୁ ଉପଶମ ପାଇବାକୁ ଡାକ୍ତର ସର୍ଜରୀ କିମ୍ବା ଆଣ୍ଠୁ ପ୍ରତିରୋପଣ କରିଥାନ୍ତି। ଏବେ ଏହି ସମସ୍ୟାକୁ ଦୂର କରିବାକୁ ଜର୍ମାନୀର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ହାଇଡ୍ରୋଜେଲ ବିକଶିତ କରିଛନ୍ତି। ଯାହାକି ବିନା ସର୍ଜରୀରେ ବି ଆଣ୍ଠୁଗଣ୍ଠି ସମସ୍ୟାରୁ ଆରାମ ମିଳିପାରିବ। ଏନେଇ ଏହି ଜେଲ୍‌କୁ ଇଞ୍ଜେକସନ୍‌ରେ ଦେବା ଦ୍ୱାରା ଆଣ୍ଠୁ ଯନ୍ତ୍ରଣାର ଉପଶମ ମିଳିବ। ଏହା ଆଣ୍ଠୁକୁ ଶକ୍ତ ଓ ମଜଭୁତ କରିପାରିବ। ଏହି ଜେଲ୍‌ର ବିଶେଷତ୍ୱ ହେଉଛି, ଏହା ଷ୍ଟେମସେଲ୍‌କୁ ଉପଯୋଗ କରିଥାଏ। ଏହାକୁ ବ୍ୟବହାର କରିବା ଦ୍ୱାରା ଆଣ୍ଠୁରେ ପରସ୍ତ ପରସ୍ତ କରି ନୂଆ କାର୍ଟିଲେଜ ସୃଷ୍ଟି ହୋଇପାରିବ। ତେବେ ଏହି ଜେଲ୍‌ଟି ବହୁତ ଶକ୍ତିଶାଳୀ। ଆଣ୍ଠୁ ପ୍ରତିରୋପଣ କିମ୍ବା କୌଣସି ସର୍ଜରୀ ନ କରାଯାଇ କେବଳ ଇଞ୍ଜେକସନ୍ ଦ୍ୱାରା ଆଣ୍ଠୁଗଣ୍ଠି ସମସ୍ୟାରୁ ଉପଶମ ମିଳିପାରିବ। ଏନେଇ ବୈଜ୍ଞାନିକମାନେ ଏକ କ୍ଲିନିକାଲ ପରୀକ୍ଷଣ କରିଥିଲେ। ଏଥିରେ ମାତ୍ର ୬୦ ଦିନରେ ରୋଗୀଙ୍କଠାରେ ନୂଆ କାର୍ଟିଲେଜ୍ ସୃଷ୍ଟି ହେଉଥିବା ଦେଖାଯାଇଥିଲା। ଏହି ଜେଲ୍‌ଟି କେବଳ ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ କମ୍ କରିବ ତାହା ନୁହେଁ, ବରଂ ଆଣ୍ଠୁ ଫୁଲା ସମସ୍ୟାରୁ ମୁକ୍ତି ଦେବ। ସମ୍ପୂର୍ଣ୍ଣ ଭାବେ ଚିକିତ୍ସା ପରେ ଏହି ଜେଲ୍ ଆପେ ଆପେ ମିଳାଇଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ଏସିଆ କପ୍ କ୍ରିକେଟ୍; ଓମାନ ବିପକ୍ଷ ମୁକାବିଲା ଆଜି

# ବିଶ୍ରାମ ନେଇପାରନ୍ତି ଭାରତର ବରିଷ୍ଠ ଖେଳାଳି

ଦୁବାଇ,୧୮।୯ (ଏଜେନ୍ସି):

ଚଳିତ ଏସିଆ କପ୍‌ର ଗ୍ରୁପ୍-‘ଏ’ ମୁକାବିଲାରେ ୟୁଏଇ ଓ ପାକିସ୍ତାନକୁ ସହଜରେ ହରାଇ ସୁପର-୪’ରେ ପ୍ରବେଶ କରିଥିବା ଭାରତ ଆସନ୍ତାକାଲି ତାହାର ଶେଷ ଲିଗ୍ ମ୍ୟାଚରେ ଓମାନକୁ ଭେଟିବ। ଏହି ଦେଶ ସହ ଭାରତ ପ୍ରଥମଥର ଖେଳିବାକୁ ଯାଉଥିବାରୁ ସ୍ପିନରଙ୍କ ବିପକ୍ଷରେ ଭଲ ଖେଳିବାକୁ ଭାରତୀୟ ବ୍ୟାଟରମାନେ ଚେଷ୍ଟା କରିବେ। ବିଶେଷ କରି ୨ ଦିନ ପରେ ଏଠାରେ ପାକିସ୍ତାନ ସହ ସୁପର-୪ ମୁକାବିଲା ଥିବାରୁ ଭାରତ ଓମାନ ବିପକ୍ଷ ମ୍ୟାଚ୍‌ରେ କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେବାକୁ ଚିନ୍ତାକରୁଛି। ବିଶେଷ କରି ପାକିସ୍ତାନ ବିପକ୍ଷ ହାଇଭୋଲଟେଜ୍ ମୁକାବିଲା ପୂର୍ବରୁ ସ୍ପିନରଙ୍କ ବିପକ୍ଷରେ ଥିବା ଦୁର୍ବଳତାକୁ ସଜାଡିନେବାକୁ ଭାରତ ଏହି ମ୍ୟାଚ୍‌କୁ ଗୁରୁତ୍ୱ ଦେଉଛି। ଓମାନର ବାମହାତୀ ସ୍ପିନର ଅମୀର କଲୀମ୍ ଓ ଅଫ୍‌ସ୍ପିନର ମଧ୍ୟପ୍ରଦେଶର ପୂର୍ବତନ ଖେଳାଳି ସମୟ ଶ୍ରୀବାସ୍ତବ ଭାରତୀୟଙ୍କ ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି।

ଏଠାରେ ପ୍ରବଳ ଗରମ ହେଉଥିବାରୁ ୟୁଏଇ ଓ ପାକିସ୍ତାନ ବିପକ୍ଷରେ ବ୍ୟାଟିଂ କରିବାର ସୁଯୋଗ ପାଇ ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ ଓ ଅକ୍ଷର ପଟେଲ ଦୀର୍ଘ ସମୟ ବ୍ୟାଟିଂ ଅଭ୍ୟାସ କରିଥିଲେ। କିନ୍ତୁ ବରିଷ୍ଠ ଖେଳାଳିମାନେ ଅତ୍ୟଧିକ ଗରମରେ ଅଭ୍ୟାସ ନ କରି ବିଶ୍ରାମ ନେବାକୁ ଉଚିତ ମଣିଥିଲେ। ଆଗକୁ ପାକିସ୍ତାନ ବିପକ୍ଷ ମୁକାବିଲା ଥିବାରୁ ଯଶପ୍ରୀତ୍ ବୁମ୍‌ରା ଆଜି ଆଦୌ ଅଭ୍ୟାସ ଲାଗି ପଡ଼ିଆକୁ ଆସି ନ ଥିଲେ। ତାଙ୍କ ସ୍ଥାନରେ ହର୍ଷିତ ରାଣା କିମ୍ବା ଅର୍ଶଦୀପ ସିଂହଙ୍କୁ ଏହି ମ୍ୟାଚ୍ ଖେଳିବାର ସୁଯୋଗ ମିଳିପାରେ। କିନ୍ତୁ ସ୍ପିନରଙ୍କୁ ପରିବର୍ତ୍ତନ କରିବାର ସମ୍ଭାବନା କମ୍। ବ୍ୟାଟିଂରେ ମଧ୍ୟ ଦଳରେ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ଅର୍ଡରରେ ଏପଟ ସେପଟ ହୋଇପାରେ। ବିଶେଷକରି ୟୁଏଇକୁ ୯ ୱିକେଟରେ ଓ ପାକିସ୍ତାନକୁ ୬ ୱିକେଟରେ ଭାରତ ହରାଇଥିଲା। ଏଣୁ ଅନ୍ୟ ବ୍ୟାଟରମାନେ ବିଶେଷ ସୁଯୋଗ ପାଇ ନ ଥିଲେ। ଏଣୁ ଅନ୍ୟ ବ୍ୟାଟରମାନଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ।

ଏଠାରେ ସ୍ପିନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଣୁ ସ୍ପିନ୍ ବିପକ୍ଷରେ ଦୁର୍ବଳ ଥିବା ବ୍ୟାଟରଙ୍କୁ କିଛି ଅଧିକ ସୁଯୋଗ ମିଳିବ ବୋଲି ଆଶା। ଉପଅଧିନାୟକ ଶୁବମନ ଗିଲ୍ ଏବେ ବାମହାତୀ ସ୍ପିନରଙ୍କ ବିପକ୍ଷରେ କିଛିଟା ଭଲ ଖେଳୁଛନ୍ତି। ଅନ୍ୟମାନେ କିପରି ସ୍ପିନରଙ୍କୁ ଉଚିତ ମୁକାବିଲା କରିବେ ତାହା ଉପରେ ଦଳ ଗୁରୁତ୍ୱ ଦେଉଛି। ସୁପର-୪’ରେ ପ୍ରବେଶ କରିଥିବା ଦଳରେ ଭଲ ସ୍ପିନର ରହିଛନ୍ତି। ଶ୍ରୀଲଙ୍କା ହେଉ କି ବାଂଲାଦେଶ, ପାକିସ୍ତାନ ହେଉ କି ଆଫଗାନିସ୍ତାନ ସମସ୍ତ ଟିମ୍‌ରେ ଭଲ ସ୍ପିନର ରହିଛନ୍ତି। ଏଣୁ ଭାରତୀୟ ଦଳ କ୍ୱାଲିଟି ସ୍ପିନ୍‌କୁ କିପରି ପ୍ରଭାବ ମୁକାବିଲା କରିବ ତାହା ଉପରେ ଗୁରତ୍ୱ ଦେଉଛି।

ଅନ୍ୟପକ୍ଷରେ ଓମାନ ଏଠାରେ ଲଢୁଆ ଖେଳିପାରି ନାହିଁ। ପାକିସ୍ତାନ ବିପକ୍ଷରେ ଏହି ଦଳ ଗତକାଲି ମାତ୍ର ୬୭ ରନ୍‌ରେ ଅଲଆଉଟ ହୋଇଥିଲା। ଦଳର ବ୍ୟାଟିଂ ଅଧିନାୟକ ଜତିନ୍ଦର ସିଂହଙ୍କ ଉପରେ ନିର୍ଭର କରୁଥିଲାବେଳେ ତାଙ୍କର ଫର୍ମ ନାହିଁ। ଅନ୍ୟ ଟପ୍ ଅର୍ଡର ବ୍ୟାଟର ପାକିସ୍ତାନ ହେଉ କି ୟୁଏଇ ବିପକ୍ଷ ମୁକାବିଲାରେ କ୍ଲିକ୍ କରିନାହାନ୍ତି। ଭାରତ ବିପକ୍ଷରେ ଅଧିକ ଦୟନୀୟ ପ୍ରଦର୍ଶନ କରିବ ବୋଲି ଆଶଙ୍କା ରହିଛି। କିନ୍ତୁ ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହିଦଳ ପ୍ରଥମେ ବ୍ୟାଟିଂ କରିବ ବୋଲି ଆଶା କରାଯାଉଛି।

ଓମାନ ବିପକ୍ଷରେ ଭାରତୀୟ ଦଳର ଏହା ପ୍ରଥମ ମୁକାବିଲା। ପୂର୍ବରୁ ଗତବର୍ଷ ଓମାନ ସିନିୟର ଟିମ୍ ଭାରତ-‘ଏ’ ସହ ଖେଳିଥିଲା। ଏହି ଦଳରେ ଅଭିଷେକ ଶର୍ମା ଓ ତିଳକ ବର୍ମା ଖେଳୁଥିଲେ। ଭାରତ-‘ଏ’ ଦଳ ୨୮ ଟି ବଲ ବାକିଥାଇ ଏହି ମ୍ୟାଚ୍‌କୁ ୬ ୱିକେଟରେ ଜିତିନେଇଥିଲା। ଆସନ୍ତାକାଲି ମୁକାବିଲାରେ ବିଜୟ ବ୍ୟବଧାନ କିଛି ଅଧିକ ହେବ ବୋଲି ଆଶା କରାଯାଉଛି।



DP WORLD ASIA CUP 2025

**ଆଜିର ମ୍ୟାଚ୍**

**ଭାରତ - ଓମାନ**

ଭେନ୍ୟୁ : ଦୁବାଇ

ଖେଳ ଆରମ୍ଭ : ରାତି ୮ଟା

ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

# ଆଫଗାନିସ୍ତାନ ବିଦା

ଆବୁଧାବି, ୧୮।୯ (ଏଜେନ୍ସି): ମହମ୍ମଦ୍ ନବିଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ସତ୍ତ୍ୱେ ଗୁରୁବାର ଏଠାରେ ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି’ର ଏକ ମ୍ୟାଚରେ ଆଫଗାନିସ୍ତାନ ୬ ୱିକେଟରେ ଶ୍ରୀଲଙ୍କା ନିକଟରୁ ହାରିଯାଇଛି। ତୃତୀୟ ମ୍ୟାଚରୁ ୨ୟ ପରାଜୟ ସହିତ ଆଫଗାନିସ୍ତାନ ସୁପର୍-୪ ଦୌଡ଼ରୁ ବାଦ୍ ପଡ଼ିଛି। ଅପରପକ୍ଷରେ ହ୍ୟାଟ୍ରିକ ବିଜୟ ସହ ଶ୍ରୀଲଙ୍କା ଗ୍ରୁପ୍ ଟପ୍ପର ହୋଇ ସୁପର୍-୪ରେ ପହଞ୍ଚିଛି। ଶ୍ରୀଲଙ୍କାର ବିଜୟ ମଧ୍ୟ ବାଂଲାଦେଶକୁ ସୁପର୍-୪ରେ ପହଞ୍ଚାଇବାରେ ସହାୟତା କରିଛି।



ମହମ୍ମଦ୍ ନବି

ଏହି ମ୍ୟାଚରେ ଆଫଗାନିସ୍ତାନ ପ୍ରଦତ୍ତ ୧୭୦ ରନର ଲକ୍ଷ୍ୟକୁ ଶ୍ରୀଲଙ୍କା ୧୮.୪ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓପନର୍ କୁଶଲ ମେଣ୍ଡିସ ସର୍ବାଧିକ ଅପରାଜିତ ୭୪ ରନ କରିଥିଲେ। ୫୨ ବଲର ଏହି ପାଳିରେ ସେ ୧୦ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶଲ ପେରେରା ୨୮, ଅଧିନାୟକ ଚାରିଥ ଆସଲଙ୍କା ୧୭ ଓ କାମିନ୍ଦୁ ମେଣ୍ଡିସ ଅପରାଜିତ ୨୬ ରନ କରିଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୯ ରନ କରିଥିଲା। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ୪୨ ବର୍ଷୀୟ ନବି ୨୨ ବଲରେ ୬୦ ରନର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଇନିଂସର ଶେଷ ବଲରେ ରନଆଉଟ୍ ହୋଇଥିଲେ। ଅନ୍ତିମ ଓଭର ବୋଲିଂ କରିଥିବା ବାମହାତୀ ସ୍ପିନର ଦୁନିଥ ୱେଲେଲାଗାଙ୍କୁ ନବି ୫ଟି ବିଶାଳ ଛକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ନୁୱାନ ତୁଷାରା ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ। କୁଶଲ ମେଣ୍ଡିସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**ଗ୍ରୁପ୍-ବି ପଏଣ୍ଟ ଟେବଲ୍**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ଶ୍ରୀଲଙ୍କା | ୩ | ୩ | ୦ | ୬ | +୧.୨୭୮ |
| ବାଂଲାଦେଶ | ୩ | ୨ | ୧ | ୪ | -୦.୨୭୦ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | +୧.୨୪୧ |
| ହଂକଂ | ୩ | ୦ | ୩ | ୦ | -୨.୨୫୧ |



ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ଲାଗି ନୂଆଦିଲ୍ଲୀରେ ଗୁରୁବାର ପଦକ ଉନ୍ମୋଚନ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା ଓ ପାରା ଆଥଲେଟମାନେ

## ବିଟିଏ ସଭାପତି ହେବେ ଲିଆଣ୍ଡର

କୋଲକାତା, ୧୮।୯ (ଏଜେନ୍ସି): କିଂବଦନ୍ତୀ ଖେଳାଳି ଲିଆଣ୍ଡର ପେସ ବେଙ୍ଗଲ ଟେନିସ ସଂଘ (ବିଟିଏ)ର ସଭାପତି ହେବା ରାସ୍ତା ପରିଷ୍କାର ହୋଇଯାଇଛି। ବୁଧବାର ତାଙ୍କ ନାମ ସଭାପତି ପଦ ଲାଗି ବିଟିଏର ଉତ୍ସବରେ ପ୍ରସ୍ତାବ ଦିଆଯାଇଥିଲା। ନଭେମ୍ବରରେ ବିଟିଏର ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ ହେବ ଓ ଏହା ପରେ ସେ ଆନୁଷ୍ଠାନିକ ଭାବେ ସଭାପତି ନିର୍ବାଚିତ ହେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୧୮ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ଲିଆଣ୍ଡର ଦୀର୍ଘଦିନ ହେବ ବିଟିଏ ଉପସଭାପତି ଭାବେ ରହିଆସିଛନ୍ତି। ଆଜି ବିଟିଏ ସଭାପତି ଥିବା ହିରଣ୍ମୟ ଚାଟାର୍ଜୀଙ୍କୁ ବିଦାୟକାଳୀନ ଅବସର ଦେବା ଲାଗି ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀ ଚାଟାର୍ଜୀ ସଭାପତି ପଦ ଲାଗି ଲିଆଣ୍ଡରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାକୁ ଉପସ୍ଥିତ ଥିବା ବିଟିଏର ସମସ୍ତ ସଦସ୍ୟମାନେ ସମର୍ଥନ ଦେଇଥିଲେ। ୨୦୨୪ରେ ଇଣ୍ଟରନ୍ୟାସନାଲ ହଲ ଅଫ୍ ଫେମ୍‌ରେ ସାମିଲ ହେବା ପରେ ବେଙ୍ଗଲ ଟେନିସର ଉନ୍ନତି ଲାଗି ଅନେକ କାମ କରିଛନ୍ତି। ତାଙ୍କ ସମ୍ବର୍ଦ୍ଧିତ କରିବା ଅବସରରେ ସେ ଆହୁରି ଅଧିକ କାମ କରିବେ ଓ ଆବଶ୍ୟକ ହେଲେ ବନ୍ଧୁ ସୌରଭ ଗାଙ୍ଗୁଲିଙ୍କଠାରୁ ସାହାଯ୍ୟ ନେବେ ବୋଲି ଲିଆଣ୍ଡର କହିଥିଲେ।

### ଧ୍ରୁବ ଜୁରେଲ, ଦେବଦତ୍ତ ପଡିକାଲଙ୍କ ଦମ୍‌ଦାର ବ୍ୟାଟିଂ

# ଡ୍ର ଅଭିମୁଖେ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ

ଲକ୍ଷ୍ନୌ,୧୮।୯ (ଏଜେନ୍ସି): ୱିକେଟରକ୍ଷକ ଧ୍ରୁବ ଜୁରେଲ ଓ ଟପ୍ ଅର୍ଡର ବ୍ୟାଟର ଦେବଦତ୍ତ ପଡ଼ିକାଲଙ୍କ ଦମ୍‌ଦାର ବ୍ୟାଟିଂ ଫଳରେ ଏଠାରେ ଅଷ୍ଟ୍ରେଲିଆ-‘ଏ’ ସହ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ କଡ଼ା ଜବାବ ଦେଇଛି। ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-‘ଏ’ ୬ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଜୁରେଲଙ୍କ ଅପରାଜିତ ୧୧୩, ପଡ଼ିକାଲଙ୍କ ଅପରାଜିତ ୮୬ ରନ୍ ବଳରେ ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ-‘ଏ’ ପ୍ରଥମ ଇନିଂସରେ ୪ ୱିକେଟରେ ହରାଇ ୪୦୩ ରନ୍ କରିଛି। ଅବିଭକ୍ତ ୫ମ ୱିକେଟ ଯୋଡିରେ ପଡ଼ିକାଲ ଓ ଜୁରେଲ ୨୪୭ ବଲ୍‌ର ସାମନା କରି ୧୮୧ ରନ୍ ଉଠାଇଛନ୍ତି। ଜୁରେଲ ୧୩୨ ବଲ୍ ଖେଳି ୧୦ ଚୌକା ଓ ୪ ଛକା ସହାୟତାରେ ୧୧୩ ଓ ପଡ଼ିକାଲ ୧୭୮ ବଲ୍ ଖେଳି ୧୦ ଚୌକା ସହ ୮୬ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ଅଧିନାୟକ ଶ୍ରେୟସ ଆୟରଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବ୍ୟାଟର କ୍ଲିକ୍ କରିଛନ୍ତି। ଆୟର ମାତ୍ର ୮ ରନ୍ କରିଆଉଟ ହୋଇଛନ୍ତି। ଦୁଇ ଓପନର ଅଭିମନ୍ୟୁ ଈଶ୍ୱରନ ୪୪ ଓ ଏନ୍ ଜଗଦୀଶନ ୬୪ ରନ୍ କରିଥିଲେ। ନଂ-୨ ସାଇ ସୁଦର୍ଶନଙ୍କ ବ୍ୟାଟରୁ ୭୩ ରନ୍ ମିଳିଥିଲା। ଏହି ୩ଜଣ ଖେଳାଳି ଭଲ ସ୍କୋର ପାଇଥିଲେ ମଧ୍ୟ ତାଙ୍କୁ ବଡ଼ ସ୍କୋରରେ ପରିଣତ କରିବାରେ ସମର୍ଥ ହୋଇ ନ ଥିଲେ। ଅଷ୍ଟ୍ରେଲିଆ-‘ଏ’ ପକ୍ଷରୁ ଜାମିୟର ବାର୍ଟଲେଟ, କୋରୀ ରୋଚିସିଓଲି, ଲିଆମ ସ୍କଟ୍ ଓ କୁପର କନୋଲି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଦଳ ପକ୍ଷରୁ ବ୍ୟାଟିଂରେ ୱିକେଟ ରକ୍ଷକ ଜୋଶ ଫିଲିପ୍ ଅପରାଜିତ ୧୨୩ ଓ ସାମ କୋନଷ୍ଟାସ୍ ୧୦୯ ରନ୍‌ର ଶତକୀୟ ପାଳି ଖେଳିଥିଲେ।



### ଫିଫା ର୍‍ୟାଙ୍କିଙ୍ଗ୍

## ୧୨ ବର୍ଷ ପରେ ଶୀର୍ଷକୁ ଫେରିଲା ସ୍ପେନ୍

ଜୁରିକ, ୧୮।୯ (ଏଜେନ୍ସି): ଦୀର୍ଘ ୧୨ ବର୍ଷର ବ୍ୟବଧାନ ପରେ ସ୍ପେନ ଫୁଟ୍‌ବଲ ଦଳ ଫିଫା ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନକୁ ଫେରିଛି। ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଗୁରୁବାର ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ବିଶ୍ୱକପ୍ ଚାମ୍ପିଅନ ଆର୍ଜେଣ୍ଟିନାକୁ ହଟାଇ ସ୍ପେନ ଏକ ନମ୍ବର ସ୍ଥାନ ହାସଲ କରିଛି। ସ୍ପେନ ଦ୍ୱିତୀୟରୁ ଏକ ନମ୍ବରକୁ ଉଠିଛି। ସ୍ପେନ ଦଳ ନିକଟରେ ବୁଲଗେରିଆକୁ ୩-୦ ଓ ତୁର୍କୀକୁ ୬-୦ ଗୋଲ୍ ବ୍ୟବଧାନରେ ହରାଥିଲା। ଏଥିସହ ସ୍ପେନ ଏହାର ଅପରାଜେୟ ଧାରାକୁ ୨୭କୁ ବୃଦ୍ଧି କରିଛି। ଯେଉଁଥି ପାଇଁ ଦଳ ମାନ୍ୟତାରେ ଉପରକୁ ଉଠିଛି। ସେହିଭଳି ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଫ୍ରାନ୍ସ ୩ୟରୁ ଦ୍ୱିତୀୟକୁ ଉଠିଥିବାବେଳେ ଆର୍ଜେଣ୍ଟିନା ଦୁଇଟି ସ୍ଥାନ ହରାଇ ତୃତୀୟକୁ ଖସିଯାଇଛି। ଇଂଲଣ୍ଡ, ପର୍ତ୍ତୁଗାଲ, ବ୍ରାଜିଲ, ନେଦରଲାଣ୍ଡସ, ବେଲ୍‌ଜିୟମ, କ୍ରୋଏସିଆ ଓ ଇଟାଲୀ ର୍‍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି। ଅପରପକ୍ଷରେ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଫୁଟବଲ୍ ଦଳ ଗୋଟିଏ ସ୍ଥାନ ହରାଇଛି। ଭାରତ ଏବେ ୧୩୪ତମ ସ୍ଥାନକୁ ଖସିଯାଇଛି। ଏସୀୟ ଦେଶଗୁଡ଼ିକ ମଧ୍ୟରେ ଭାରତ ୨୪ତମ ସ୍ଥାନରେ ରହିଛି।

## ସିଆର୍‌ପିଏଫ୍ ବ୍ୟାଡ୍‌ମିଣ୍ଟନ ଜିତିଲା ନର୍ଥଇଷ୍ଟ

ଭୁବନେଶ୍ୱର,୧୮।୯ (ସମିସ): ସେଣ୍ଟ୍ରାଲ ରିଜର୍ଭ ପୁଲିସ୍ ଫୋର୍ସ (ସିଆର୍‌ପିଏଫ୍) ଭୁବନେଶ୍ୱର ଗ୍ରୁପ୍ ସେଣ୍ଟର ଆନୁକୂଲ୍ୟରେ ୪ ଦିନ ଧରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରେ ସିଆର୍‌ପିଏଫ୍ ଇଣ୍ଟର ସେକ୍ଟର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଥଇଷ୍ଟ ସେକ୍ଟର ଚାମ୍ପିଅନ ଓ କମ୍ୟୁନିକେସନ ସେକ୍ଟର ରନର୍ସ ଅପ୍ ହୋଇଛି। ସିଆର୍‌ପିଏଫ୍‌ର ୨୩ଟି ସେକ୍ଟର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଖେଳ ଶେଷରେ ଓଡ଼ିଶା ସେକ୍ଟର ଆଇଜି ଅମିତେନ୍ଦ୍ରନାଥ ସିହ୍ନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଡିଆଇଜି ଭାରତଭୂଷଣ ସେଠୀ, ତୃପ୍ତିକାନ୍ତ ହାତୀ, ହରପାଲ ସିଂହ, ତାରିକ ହୁସେନ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।



## ସାଇକ୍ଲିଂ ପ୍ରଶିକ୍ଷକ ସୁଶୀଲଙ୍କ ପରଲୋକ

କଟକ,୧୮।୯ (ସମିସ): ଓଡ଼ିଶାର ଖ୍ୟାତନାମା ସାଇକ୍ଲିଂ ପ୍ରଶିକ୍ଷକ ସୁଶୀଲ କୁମାର ଦାସଙ୍କ ୬୧ବର୍ଷ ବୟସରେ ପରଲୋକ ଘଟିଛି। ଯକୃତ ଓ ବୃକ୍କ ରୋଗରେ ପୀଡ଼ିତ ହୋଇ ସେ ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ସାକ୍ଷୀଗୋପଳ ନୂଆଗାଁରେ ଜନ୍ମିତ ସୁଶୀଲ ରାଉରକେଲା ଷ୍ଟିଲ ପ୍ଲାଣ୍ଟ(ଆରଏସପି)ରେ ଚାକିରି କରୁଥିଲେ। ଆରଏସ୍‌ପିର ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଥିଲେ। ୧୯୮୮ ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ୧୪୦୦ କିଲୋମିଟର ସାଇକ୍ଲିଂ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସ୍ୱସ୍ତି ସିଂଙ୍କ ଭଳି ଅନେକ ଜାତୀୟ ପଦକଧାରୀ ସୁଶୀଲଙ୍କଠାରୁ ପ୍ରଶିକ୍ଷଣ ହାସଲ କରି ରାଜ୍ୟ ପାଇଁ ଖ୍ୟାତି ଅର୍ଜନ କରିଛନ୍ତି। ସ୍ୱର୍ଗତଃ ସୁଶୀଲ ଓଡ଼ିଶା ସାଇକ୍ଲିଷ୍ଟ ସଂଘର ଯୁଗ୍ମ ସମ୍ପାଦକ ପଦରେ ମଧ୍ୟ ରହିଥିଲେ। ତାଙ୍କ ବିୟୋଗରେ ସଂଘର ସମ୍ପାଦକ ପ୍ରସନ୍ନ ରାଉତ ଶୋକ ପ୍ରକାଶ କରିଛନ୍ତି।



### ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ୍

# ନୀରଜ ୮ମ, ନଦୀମ ୧୦ମ

ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି): ଭାରତର ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଓ ପାକିସ୍ତାନର ଅର୍ସଦ ନଦୀମ ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଯଥାକ୍ରମେ ୮ମ ଓ ୧୦ମ ସ୍ଥାନ ଅଧିକାର କରି ପଦକ ହାସଲ କରିବାରେ ବିଫଳ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ନଦୀମ ସ୍ୱର୍ଣ୍ଣ ଓ ନୀରଜ ରୌପ୍ୟ ପଦକ ହାସଲ କରିଥିଲେ। ତ୍ରିନିଦାଦ୍ ଟବାଗୋର ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ କେଶରନ ୱାଲକଟ ୮୮.୧୬ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗ୍ରେନେଡାର ଦୁଇ ଆଥଲେଟ୍ ଆଣ୍ଡରସନ ପିଟର୍ସ ୮୭.୩୮ ମିଟରକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ଓ ୮୬.୬୭ ମିଟର ଦୂରତାକୁ ଜାଭେଲିନ୍ ପକାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ନୀରଜ ୮୪.୦୩ ମିଟରକୁ ଜାଭେଲିନ୍ ଫିଙ୍ଗିବା ଫଳରେ ୨୬ଟି ପ୍ରତିଯୋଗିତା ପରେ ପ୍ରଥମଥର କୌଣସି ପଦକ ଜିତିବାରେ ଅସମର୍ଥ ହୋଇଛନ୍ତି। କିନ୍ତୁ ଭାରତର ଆଉଜଣେ ଭାରତୀୟ ପ୍ରତିଯୋଗୀ ସଚିନ ଯାଦବ ଏମାନଙ୍କୁ ପଛରେ ପକାଇଦେଇଛନ୍ତି। ୬ ଫୁଟ ଉଚ୍ଚତାବିଶିଷ୍ଟ ସଚିନ ୮୬.୨୭ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ରହିଛନ୍ତି। ନଦୀମ ୮୨.୭୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗିଥିଲେ।



ନୀରଜ ଚୋପ୍ରା



ସଚିନ ଯାଦବ

# ୧ ରନ୍‌ରେ ଜିତିଲା ସମ୍ବଲପୁର ୱାରିୟର୍ସ

କଟକ,୧୮।୯ (ସମିସ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଆଜି ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ କେନ୍ଦୁଝର ମାଇନର୍ସ ଏବଂ ସମ୍ବଲପୁର ୱାରିୟର୍ସ ବିଜୟୀ ହୋଇଛନ୍ତି। ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ମାଇନର୍ସ ୪୫ରନରେ ପୁରୀ ଟାଇଟନ୍ସକୁ ହରାଇଥିଲା। ସନ୍ଧ୍ୟାରେ ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ସମ୍ବଲପୁର ୱାରିୟର୍ସ ମାତ୍ର ୧ରନରେ ରାଉରକେଲା ଷ୍ଟିଲର୍ସକୁ ପରାସ୍ତ କରିଛି।

ମାଇନର୍ସ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୪୫ରନରେ ଦଳ ୪ ୱିକେଟ ହରାଇଥିଲା। ସୁଜଳ ସିଂହଙ୍କ ୪୮ରନ ଏବଂ ଅନୀଲ ପରିଡାଙ୍କ ୩୭ରନ ବଳରେ ମାଇନର୍ସ ୮ ୱିକେଟ ବିନିମୟରେ ୧୫୯ରନ ସଂଗ୍ରହ କରିଥିଲା। ଜବାବରେ ପୁରୀ ଟାଇଟନ୍ସ ୧୧୪ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୨୫ରନ କରିଥିଲେ। ଡାହାଣହାତୀ ମିଡିୟମ ପେସର ସର୍ବେଶ୍ୱର ମହାନ୍ତି ୨.୧ ଓଭର ବୋଲିଂ କରି ପାଞ୍ଚ ୱିକେଟ ସଫଳତା ପାଇଥିଲେ। ସର୍ବେଶ୍ୱରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲର୍ସ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ଟସ୍ ଜିତି ସମ୍ବଲପୁର ୱାରିୟର୍ସକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଦୁଇ ଓପନର ଆଦିତ୍ୟ ରାଉତ(୬୮ରନ) ଏବଂ ଶ୍ରେୟାଂଶ ଭରଦ୍ୱାଜ(୫୨ରନ)ଙ୍କ ଅର୍ଦ୍ଧଶତକୀୟ ପାଳି ବଦଳରେ ୱାରିୟର୍ସ ୩ ୱିକେଟ ହରାଇ ୧୯୪ରନ ସଂଗ୍ରହ କରିଥିଲା। ୧୯୫ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଷ୍ଟିଲର୍ସ ୯ ୱିକେଟ ହରାଇ ୧୯୩ରନରେ ଅଟକିଥିଲା। ଅନ୍ତିମ ଓଭରରେ ୧୭ରନ ଆବଶ୍ୟକ ଥିବା ବେଳେ ଦୁଇଟି ଛକା ସତ୍ତ୍ୱେ ଷ୍ଟିଲର୍ସ ୧୫ରନ କରିପାରିଥିଲା। ସମ୍ବିତ ବରାଳ ୨୬ ବଲରୁ ୫ଟି ଲେଖାଏ ଚୌକା ଓ ଛକା ସହାୟତାରେ ୫୮ରନର ବିସ୍ଫୋରକ ପାଳି ଖେଳିଥିଲେ। ୱାରିୟର୍ସ ପକ୍ଷରୁ ବିମଳ କୁମାର, ସୁମିତ ଶର୍ମା ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଆଦିତ୍ୟ ଶ୍ରେଷ୍ଠ ଖେଳାଳି ହୋଇଥିଲେ।



**ଓଡ଼ିଶା ପ୍ରୋ ଟି-୨୦ ଲିଗ୍**

**ଆଜିର ମ୍ୟାଚ୍**

କଟକ ପାନ୍ଥର୍ସ-ପୁରୀ ଟାଇଟନ୍ସ

ଆରମ୍ଭ: ଅପରାହ୍ଣ ୨ଟା

ଭୁବନେଶ୍ୱର ଟାଇଗର୍ସ-କେନ୍ଦୁଝର ମାଇନର୍ସ

ଆରମ୍ଭ: ରାତି ୭ଟା

ସ୍ଥାନ: ବାରବାଟୀ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS